# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-17 ◆FRIDAY ◆11 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୭ ◆ଶୁକ୍ରବାର ◆୧୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ରକ୍ତମୁଖା ରିଷଭ

▸ପୃଷ୍ଠା ୧୧ ଦେଖନ୍ତୁ...

# ଆଜି ଓଡ଼ିଶା ଆସୁଛନ୍ତି ରାହୁଲ ଗାନ୍ଧୀ



## ରାଜଧାନୀରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

■ **ଭୁବନେଶ୍ୱର, ୧୦।୭ (ସମିସ):** ଶୁକ୍ରବାର ଓଡ଼ିଶା ଆସିବେ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ଜାତୀୟ ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ମଧ୍ୟ ଆସନ୍ତାକାଲି ଓଡ଼ିଶାରେ ପହଞ୍ଚିବେ। ପୂର୍ବାହ୍ଣ ୧୧ ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ରାହୁଲ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବେ ଓ ସିଧା ସମାବେଶସ୍ଥଳ ବରମୁଣ୍ଡା ପଡ଼ିଆ ଯିବେ। ମଧ୍ୟାହ୍ନ ୧୨ଟାରେ ସଭାରେ ରାହୁଲ ଯୋଗଦେବେ। ସଭା ଶେଷ ପରେ ମଧ୍ୟାହ୍ନ ଭୋଜନ ସାରି ସେ ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ପହଞ୍ଚିବେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଏବଂ ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ରାହୁଲ ଆଲୋଚନା କରିବେ। ▸ପୃଷ୍ଠା-୭

# ୧୨ରେ ମୁମ୍ବାଇରୁ ଫେରିବେ ନବୀନ



■ **ଭୁବନେଶ୍ୱର, ୧୦।୭ (ସମିସ):** ଆସନ୍ତା ୧୨ ତାରିଖ ଶନିବାର ଓଡ଼ିଶା ଫେରିବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁନ୍ ୨୦ରେ ନବୀନ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିଲେ ଓ ୨୨ ତାରିଖରେ ତାଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଥିଲା। ଏହାପରେ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏବେ ଡାକ୍ତରମାନେ ତାଙ୍କୁ ଘରକୁ ଫେରିବାକୁ ପରାମର୍ଶ ଦେଇଛନ୍ତି। ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ଚିକିତ୍ସାର ତତ୍ତ୍ୱାବଧାନ କରିଥିଲେ।

## ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ସଂଘ ଅଟଳ; ସରକାର ନିଦାବିଷ୍ଟ


■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭର ମହାସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରା ତୃତୀୟ ଦିନରେ ପହଞ୍ଚିଛି। ତିନିଦିନ ହେବ ରାଜ୍ୟରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ସଂକଟ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ପେଟ୍ରୋଲ୍ ଡିଜେଲର ଅଭାବ ଯୋଗୁଁ ଅନେକ ଟାଙ୍କିରେ ତାଲା ପଡ଼ିଯାଇଥିବା ବେଳେ କଞ୍ଚା ପରିବା, ଗ୍ୟାସ୍ ଓ ଫଳ ଆଦି ସାମଗ୍ରୀ ପରିବହନରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏହାର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଅନେକ ସାମଗ୍ରୀର ଏବେ ଦରଦାମ୍ ବୃଦ୍ଧି ପାଉଥିବା ବେଳେ ଲୋକଙ୍କୁ ଅଧିକ ଅର୍ଥ ଦେବାକୁ ପଡ଼ିଛି। ଡ୍ରାଇଭରମାନେ ଏବେ ବି ନିଜ ଜିଦିରେ ଅଟଳ ରହିଥିବା ବେଳ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ଘୋଷଣା କରିଛନ୍ତି। ଏପରି ସ୍ଥିତିରେ ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ପ୍ରଶମିତ କରିବାକୁ ସରକାରଙ୍କ ପକ୍ଷରୁ ସେଭଳି କୌଣସି ଉଦ୍ୟମ କରାଯାଉ ନ ଥିବା ଅଭିଯୋଗ ହୋଇଛି।

### ସାରା ରାଜ୍ୟରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ସଂକଟ

### ଆଲୋଚନା ପରିବର୍ତ୍ତେ ନିର୍ବାଚନମଣ୍ଡଳୀ ବୁଲୁଛନ୍ତି ମନ୍ତ୍ରୀ

ଡ୍ରାଇଭର ସଂଘ ସହ କୌଣସି ପ୍ରକାର ଆଲୋଚନା କରା ନ ଯିବା ଓ ସରକାରୀ ଭାବେ ଆନ୍ଦୋଳନରତ ଡ୍ରାଇଭରମାନଙ୍କ ପାଖକୁ କୌଣସି ପ୍ରତିନିଧି ଦଳ ନ ଯାଉଥିବାରୁ ଆନ୍ଦୋଳନ କେବେ ଶେଷ ▸ପୃଷ୍ଠା-୭

## ତେଲ ପରେ ଗ୍ୟାସ୍ ଚିନ୍ତା



■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଡ୍ରାଇଭରମାନଙ୍କ ଦାବି ପୂରଣ କରିବାରେ ସରକାର ଉଦାସୀନ ମନୋଭାବ ପୋଷଣ କରୁଥିବାରୁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ପରିବହନ ମନ୍ତ୍ରୀ ଏହାର ସମାଧାନ କରିବା ପରିବର୍ତ୍ତେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଜଧାନୀ ଛାଡ଼ି ନିଜ ବିଧାନସଭା କ୍ଷେତ୍ରକୁ ଚାଲି ଯାଇଛନ୍ତି। ଫଳରେ ଆନ୍ଦୋଳନ ଜାରି ରହିଛି ଓ ସାଧାରଣ ଲୋକମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଥମ ଦୁଇଦିନ ଆନ୍ଦୋଳନରେ ପେଟ୍ରୋଲିୟମ ସାମଗ୍ରୀର ଅଭାବ ପରିଲକ୍ଷିତ ହୋଇଥିବାବେଳେ ତୃତୀୟ ଦିନ ଆନ୍ଦୋଳନ ▸ପୃଷ୍ଠା-୭

## ଭୋଟର ତାଲିକା ସଂଶୋଧନ ସମୟ ଓ ପଦ୍ଧତି ନେଇ ଇସିଆଇଙ୍କୁ ପ୍ରଶ୍ନ



# ବିହାର ନିର୍ବାଚନ ପୂର୍ବରୁ ଏଭଳି ପ୍ରକ୍ରିୟା କାହିଁକି

■ **ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମ କୋର୍ଟ। ତେବେ ଯେଉଁ ସମୟରେ ଏଭଳି ସଂଶୋଧନ କରାଯାଉଛି ଏବଂ ଏଥିପାଇଁ ଯେଉଁ ପଦ୍ଧତି ଗ୍ରହଣ କରାଯାଇଛି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସର୍ବୋଚ୍ଚ ଅଦାଲତ। କେବଳ ଏତିକି ନୁହେଁ, ଭୋଟର ତାଲିକା ସଂଶୋଧନ ଆଳରେ ଅନ୍ୟ କ୍ଷେତ୍ରରେ ମୁଣ୍ଡ ପୂରାଇଥିବାରୁ କମିସନଙ୍କ ଉପରେ ବର୍ଷିଛନ୍ତି। ଏହାସହିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରିବା ଲାଗି ନିର୍ବାଚନ କମିସନଙ୍କୁ ପରାମର୍ଶ ଦେଇଛନ୍ତି।

- ସ୍ୱତନ୍ତ୍ର ଇଣ୍ଟେନସିଭ୍ ରିଭିଜନ୍ କ୍ଷମତା ଦେଲା କିଏ ?
- ନାଗରିକତ୍ୱ କାଟିପାରିବେ ନାହିଁ ନିର୍ବାଚନ କମିସନ
- ଆଧାର କାର୍ଡ, ଭୋଟର ପରିଚୟପତ୍ର, ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରାଯାଇପାରିବ

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବିରୋଧରେ ଆଗତ ଏକାଧିକ ପିଟିସନକୁ ବିଚାର ପାଇଁ ଗ୍ରହଣ କରିବା ସହିତ ମାମଲାର ପବରର୍ତ୍ତୀ ଶୁଣାଣି ଜୁଲାଇ ୨୮ କୁ ଧାର୍ଯ୍ୟ କରିଛନ୍ତି କୋର୍ଟ। ଏହି ପିଟିସନ ଉପରେ ଜୁଲାଇ ୨୧ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ▸ପୃଷ୍ଠା-୭

## ସିବିଆଇ ପଞ୍ଝାରେ ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ



**ବିସ୍ଥାପିତଙ୍କଠାରୁ ନେଉଥିଲେ ୨୦ ହଜାର ଲାଞ୍ଚ**

■ **ରାଉରକେଲା, ୧୦।୭ (ସମିସ):** ଜଣେ ବିସ୍ଥାପିତଙ୍କ ଘର ବାବଦ ଅର୍ଥ ପ୍ରଦାନ ପାଇଁ ତାଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଏମ୍‌ସିଏଲ୍ ମୁଖ୍ୟ ତଥା ପ୍ରବନ୍ଧକ ଝୁପୁରଙ୍ଗା-ତୁମୁଲିଆ ପ୍ରୋଜେକ୍ଟର ଡିସଭର୍ସମେଣ୍ଟ ସେଲ୍‌ର ମୁଖ୍ୟ ଅଖିଳେଶ କୁମାର ବର୍ମା ସିବିଆଇ ପଞ୍ଝାରେ ପଡ଼ିଛନ୍ତି। ସିବିଆଇ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଉଦ୍ଧାର କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏମ୍‌ସିଏଲ୍ ଚିଫ୍ ମ୍ୟାନେଜର ତଥା ଝୁପୁରଙ୍ଗା- ▸ପୃଷ୍ଠା-୭

## ପୃଥକ ଦୁର୍ଘଟଣାରେ ୫ ମୃତ


■ **ପାତ୍ରପୁର/ ଜଗତସିଂହପୁର, ୧୦।୭ (ସମିସ):** ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଠଣାଗାଁ ରାସ୍ତା ନିକଟରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପ-ପୁଅଙ୍କ ସମେତ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ଼ (୫୫), ତାଙ୍କ ପୁଅ ସୁନୀଲ ଗୌଡ଼ (୨୫) ଏବଂ ବିଏନ୍‌ପୁର ଥାନା ଗଇଲୁଣ୍ଡିର ରାଜେଶ ପାଣିଗ୍ରାହୀ (୨୫)।

ସୂଚନାନୁଯାୟୀ, ସାଙ୍ଗମାନଙ୍କ ସହ ରାଜେଶ ବାରିଆପଥରକୁ ବଣଭୋଜି କରିବାକୁ ଯାଇଥିଲେ। ସେଠାରୁ ସେ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଦଉ ଓ ସୁନୀଲଙ୍କ ବାଇକ୍ ସହ ଠଣାଗାଁ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ଘଟିଥିଲା ବେଳେ ଦଉ ଗୁରୁତର ଆହତ ହୋଇଥିଲେ। ▸ପୃଷ୍ଠା-୭

### ଦୁଇ ବାଇକ୍ ମୁହାମୁହିଁ ଧକ୍କା

### ବାପା-ପୁଅ ସମେତ ୩ ମୃତ

### ପିକଅପ୍ ଭ୍ୟାନ ଧକ୍କାରେ ୨ ମୃତ






## ବୀମା କମ୍ପାନୀଙ୍କ ଲାଗି ବଢୁଛି ମେଡିକାଲ ବିଲ୍

■ **ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ଭାରତରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ବର୍ଷକୁ ବର୍ଷ ହୁ ହୁ ହୋଇ ବଢ଼ି ଚାଲିଛି। ଏହା ବିଶ୍ୱର ହାରାହାରି ଖର୍ଚ୍ଚ (୧୦ ପ୍ରତିଶତ)କୁ ପାର୍ କରି ୧୨ ପ୍ରତିଶତରେ ପହଞ୍ଚି ଯାଇଛି। ଚଳିତ ବର୍ଷ ଦେଶରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ୧୩ ପ୍ରତିଶତ ଛୁଇଁବ ବୋଲି ଆକଳନ କରାଯାଉଛି।

### ନିୟନ୍ତ୍ରଣ ଲଗାଇବାକୁ ସରକାରଙ୍କ ବଡ଼ ପଦକ୍ଷେପ

### ଅର୍ଥ ମନ୍ତ୍ରାଳୟ ଅଧୀନକୁ ଯିବ ବୀମା ଦାବି ପୋର୍ଟାଲ

ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅତିରିକ୍ତ ଦେୟ ଲଗାଉଥିବାରୁ ଏପରି ହେଉଛି। ସ୍ୱାସ୍ଥ୍ୟ ବୀମା ଧାରକଙ୍କଠାରୁ ମଧ୍ୟ ଡାକ୍ତରଖାନା ଗୁଡିକ ଅଧିକ ଅର୍ଥ ଦାବି କରୁଛନ୍ତି। ଏପରି ସମୟରେ କେନ୍ଦ୍ର ସରକାର ଡାକ୍ତରଖାନାଗୁଡିକର ମନମୁଖୀ ଦେୟ ଆଦାୟ ଉପରେ ଅଙ୍କୁଶ ଲଗାଇବା ପାଇଁ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ବର୍ତ୍ତମାନର 'ସ୍ୱାସ୍ଥ୍ୟ ବୀମା ଦାବି ପୋର୍ଟାଲ'କୁ ଅର୍ଥ ମନ୍ତ୍ରାଳୟ ଏବଂ ବୀମା ନିୟାମକ ଅଧିନରେ ଆଣିବାକୁ ଯୋଜନା କରାଯାଉଛି। ସରକାରୀ ସୂତ୍ରରୁ ଏହି ସୂଚନା ମିଳିଛି। ଏକ ▸ପୃଷ୍ଠା-୭

# ବେଲୁଚିସ୍ତାନରେ ବିଏଲ୍ଏର ଅପରେସନ ବାମ୍
## ୧୭ ସାମରିକ ଠିକଣା ଉପରେ ଆକ୍ରମଣ

କରାଚୀ, ୧୦।୭ (ଏଜେନ୍ସି): ପାକିସ୍ତାନର ଦକ୍ଷିଣ ପଶ୍ଚିମ ପ୍ରାନ୍ତରେ ସ୍ଥିତ ବେଲୁଚିସ୍ତାନ ପ୍ରଦେଶରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଯୋଜନାବଦ୍ଧ ଭାବେ ସିରିଜ ଆକ୍ରମଣ କରି ହଇଚଇ ସୃଷ୍ଟି କରିଛି। ବିଏଲ୍ଏ ମଙ୍ଗଳବାର ବିଳମ୍ବିତ ରାତିରେ କେତୋଟି ଜିଲ୍ଲାରେ କ୍ରମାଗତ ଭାବେ ଆକ୍ରମଣ କରିଛି। ବିଏଲଏ ଏହିକ୍ରମରେ ୧୭ଟି ସାମରିକ ଠିକଣା ତଥା ଚେକ୍‌ପୋଷ୍ଟ ଉପରେ ଜୋରଦରା ଆକ୍ରମଣ କରିଛି। କେତୋଟି ସରକାରୀ ବାସଭବନ ଓ ସାମରିକ ଠିକଣା ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାକିସ୍ତାନ ସୈନ୍ୟବାହିନୀ ବଡ଼ଧରଣ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି କୁହାଯାଇଛି। ଏହି ଆକ୍ରମଣ ନେଇ ବିଏଲ୍ଏ ନିଜକୁ ଦାୟୀ କରିଛି। ପଞ୍ଜଗୁର, ସୁରବ, କେଚ୍ ଓ ଖରାନରେ ବିଏଲ୍ଏ ଏହି ଆକ୍ରମଣ କରି ତା'ର ବିଦ୍ରୋହକୁ ଆହୁରି ଜୋରଦାର କରିଛି। ତେବେ ଏ ନେଇ ପାକିସ୍ତାନ କର୍ତ୍ତୃପକ୍ଷ ତରଫରୁ ଏପର୍ଯ୍ୟନ୍ତ ସବିଶେଷ ଭାବେ କିଛି କୁହାଯାଇନାହିଁ। ଏହି ଆକ୍ରମଣକୁ ସ୍ୱାଧିନତା ସଂଗ୍ରାମର ଏକ ନୂଆ ସକାଳ ବୋଲି ଅବିହିତ କରିଛନ୍ତି ବିଏଲ୍ଏ ମୁଖପାତ୍ର ମେଜର ଗ୍ୱହରାମ ବାଲୋଚ୍। ଜବାବରେ ପାକ ସେନା ମଧ୍ୟ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏହି ଅପରେସନ ସରିବାର ପରେ ଏ ନେଇ ହୋଇଥିବା ଅଧିକ କ୍ଷୟକ୍ଷତି ସମ୍ପର୍କରେ ସୂଚନା



ଦିଆଯିବ ବୋଲି ବିଏଲ୍ଏ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ବିଏଲ୍ଏ ୨୦୦୦ରେ ଗଠନ କରାଯାଇଥିଲା। ଗତକେତେ ବର୍ଷ ମଧ୍ୟରେ ବିଏଲ୍ଏ ପାକିସ୍ତାନ ସେନା ଉପରେ ସଫଳତାର ସହ ଏକାଧିକ ଆକ୍ରମଣ କରିଛି। ପାକିସ୍ତାନ ସେନା ପାଇଁ ଏବେ ବିଏଲ୍ଏ ମୁଣ୍ଡବ୍ୟାଥାର କାରଣ ହୋଇଛି। ଜବାବରେ ପାକିସ୍ତାନ ମଧ୍ୟ ବେଲୁଚିସ୍ତାନରେ ଦମନଲୀଳା ଚଳାଇଛି ବୋଲି ଅଭିଯୋଗ ହୋଇଛି।

# ତାରକାଙ୍କୁ ମହଙ୍ଗା ପଡ଼ିଲା ବେଟିଂ ଆପ୍ ପାଇଁ ପ୍ରଚାର



ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବେଆଇନ ବେଟିଂ (ଜୁଆ ଖେଳ) କମ୍ପାନୀଗୁଡିକ ସେଲିବ୍ରିଟିଙ୍କୁ ଆଧାର କରି ନିଜର କଳା ସାମ୍ରାଜ୍ୟ ବଢ଼ାଇବାରେ ଲାଗିଛନ୍ତି। ବିଜ୍ଞାପନରେ କ୍ରିକେଟରଙ୍କଠାରୁ ଅଭିନେତା ସହିତ ବଡ଼ ବଡ଼ ସେଲିବ୍ରିଟିଙ୍କୁ ନେଇ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛନ୍ତି। ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଯୁବ ବର୍ଗଙ୍କୁ ଭୁଆଁ ବୁଲାଉଛନ୍ତି। ଆଉ ଶେଷରେ ଯୁବ ପିଢ଼ି ରାତାରାତି ଧନୀ ହେବା ପାଇଁ ନିଜର କଷ୍ଟ ଅର୍ଜିତ ସମ୍ପତ୍ତି ଲଗାଇ ବେଟିଂ ଆପ୍‌ରେ ସର୍ବସ୍ୱ ହରାଉଛନ୍ତି। ତଥାପି ଏହି ନିଶା ଛାଡ଼ି ନ ପାରି ଚୋରି, ହତ୍ୟା ଆଦି ବି କରିବାକୁ ପଛାଉ ନାହାନ୍ତି। ଏବେ ଏପରି ଏକ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିନେତା ବିଜୟ ଦେବରକୋଣ୍ଡା, ରାଣା ଦାଗୁବତି, ପ୍ରକାଶ ରାଜ, ମଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ପ୍ରଣିତା ସୁଭାଷ, ଟିଭି ଉପସ୍ଥାପିକା ଶ୍ରୀମୁଖୀ, ହର୍ଷା ସାଇଙ୍କ ସମେତ ୨୯ ସେଲିବ୍ରିଟିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏମାନେ ବେଆଇନ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର କରୁଥିବା ଅଭିଯୋଗ


### ଇଡି ଜାଲ୍‌ରେ ୨୯ ସେଲିବ୍ରିଟି
### ନିବେଶ ପାଇଁ ଉତ୍ସାହିତ କରିବାକୁ ନେଇଥିଲେ କୋଟି କୋଟି ଟଙ୍କା

ହୋଇଛି। ହାଇଦରାବାଦର ମିୟାପୁରି ପୁଲିସ ଦ୍ୱାରା ରୁଜୁ ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏବେ ଇଡି ଏହି ମାମଲାରେ ହୋଇଥିବା ଆର୍ଥିକ କାରବାରର ସନ୍ଧାନ କରୁଛି। ଆଉ କିଏ କିଏ ଏହି ଜାଲିଆତିରେ ସାମିଲ ଅଛିନ୍ତି ତାହା ଜାଣିବା ଲାଗି ତଦନ୍ତ ଜାରି ରହିଛି।

ଚଳିତ ବର୍ଷ ମାର୍ଚ୍ଚରେ ବ୍ୟବସାୟୀ ପିଏମ ଫଣୀନ୍ଦ୍ର ଶର୍ମା ଏ ନେଇ ଏତଲା ଦେଇଥିଲେ। ସେଲିବ୍ରିଟି ଏବଂ ଇନ୍‌ଫ୍ଲୁଏନ୍ସର ବେଆଇନ ବେଟିଂ ଆପ୍‌ର ପ୍ରଚାରପ୍ରସାର କରି 'ପବ୍ଲିକ ଗାମ୍ବଲିଂ ଆକ୍ଟ-୧୮୬୭'ର ଉଲ୍ଲଙ୍ଘନ କରୁଥିବା କହିଥିଲେ। ନିଜ ଅଞ୍ଚଳରେ ଅନେକ ଯୁବ ବର୍ଗ ଏଭଳି ବେଆଇନ ଆପ୍‌ରେ ଅର୍ଥ ଲଗାଇ ଥିବା ସେ ଜାଣିବାକୁ ପାଇଥିଲେ। ଅର୍ଥ ଲଗାଇବା ପାଇଁ ଲୋକଙ୍କୁ ଉସୁକାଇବା ନିମନ୍ତେ ଏହି ସେଲିବ୍ରିଟିଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଇଥିଲା। ଏହାର ପ୍ରଚାର ମାଧ୍ୟମରେ ବହୁ କୋଟି ଟଙ୍କା ମନି ଲଣ୍ଡରିଂ ହୋଇଛି ବୋଲି ଅଧିକାରୀ କହିଛନ୍ତି।

ଅନ୍ୟପଟେ 'ଏ୨୩ ରମି ଆପ୍' ପାଇଁ ପ୍ରଚାର କରିଥିବା ଅଭିନେତା ବିଜୟ ଦେବରକୋଣ୍ଡା କହିଛନ୍ତି ଯେ ଏହା ଏକ ଦକ୍ଷତା କୈନ୍ଦ୍ରିକ ଗେମିଂ ପ୍ଲାଟଫର୍ମ। ଏହା ବେଆଇନ ବେଟିଂ ଆପ୍ ନୁହେଁ। ଏହି ଆପ୍‌କୁ ସୁପ୍ରିମକୋର୍ଟ ଦକ୍ଷତା କୈନ୍ଦ୍ରିକ ଗେମ୍ ମାନିଥିବା ସେ କହିଛନ୍ତି। ସେହିପରି 'ଜଙ୍ଗଲୀ ରମି' ରାଣା ଏବଂ ପ୍ରକାଶ ରାଜ, 'ଯୋଲୋ ୨୪୭' ଲାଗି ମାଞ୍ଚୁ ଲକ୍ଷ୍ମୀ, ଫେୟାରପ୍ଲେ ପାଇଁ ପ୍ରଣିଥା ଏବଂ ଜିତ୍ ୱିନ୍ ଲାଗି ନିଧି ପ୍ରଚାର କରିଥିଲେ।

# ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ: ସିଦ୍ଧରମୈୟା



ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): କର୍ଣ୍ଣାଟକର କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ଟଣାଓଟରା ବନ୍ଦ ହେବାର ନା ଧରୁନି। ପ୍ରଭାରୀ ରଣଦୀପ ସୁର୍ଯେୱାଲା ବେଙ୍ଗାଲୁରୁ ଆସି ମୁଖ୍ୟମନ୍ତ୍ରୀ ସୁଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ଆଲୋଚନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଥିଲେ। ଏହା ସତ୍ତ୍ୱେ ଶିବକୁମାରଙ୍କ ଗୋଷ୍ଠୀର ବିଧାୟକମାନେ ସାର୍ବଜନୀନ ଭାବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ଦାବି କରୁଛନ୍ତି। ଏହା ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଥିଲେ ବି ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁ ବସିଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ପୁଣି ସିଦ୍ଧରମୈୟା ସାମ୍ନାକୁ ଆସି ମୁଖ୍ୟମନ୍ତ୍ରୀ ପରିବର୍ତ୍ତନର ଚର୍ଚ୍ଚାକୁ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏହି ପଦବୀ ଖାଲି ନାହିଁ। କାରଣ ଏବେ ସେ ପଦବୀରେ ଅଛନ୍ତି। ୫ ବର୍ଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିବେ ବୋଲି ପୁଣି ସିଦ୍ଧରମୈୟା ଦାବି କରିଛନ୍ତି।

କିଛି ଦିନ ହେଲା ରାଜ୍ୟରେ ଏହି ପରିବର୍ତ୍ତନ ପବନ ଜୋର୍‌ରେ ବହୁଥିବା ବେଳେ ସିଦ୍ଧରମୈୟା ଦିଲ୍ଲୀ ଗସ୍ତରେ ପହଞ୍ଚିଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ, ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବରିଷ୍ଠ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଅଢେଇ ବର୍ଷରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ଶପଥ ଗ୍ରହଣ ପୂର୍ବରୁ ନିଷ୍ପତ୍ତି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ କଂଗ୍ରେସ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିଲା।

# ଦିଲ୍ଲୀରେ ଭୂକମ୍ପ

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ଦିଲ୍ଲୀ ଓ ନ୍ୟାସନାଲ କ୍ୟାପିଟାଲ ରିଜିଅନ (ଏନ୍‌ସିଆର)ରେ ଗୁରୁବାର ଭୂକମ୍ପର ଝଟ୍‌କା ଦେଖିବାକୁ ମିଳିଥିଲା। ଭୂକମ୍ପର କେନ୍ଦ୍ର ଦିଲ୍ଲୀଠୁ ୬୦ କିମି ଦୂରରେ ରହିଥିବା ହରିୟାଣାର ଝାଝରରେ ରହିଥିଲା। ୧୦ ସେକେଣ୍ଡ ପର୍ଯ୍ୟନ୍ତ ଝଟ୍‌କା ଅନୁଭୂତ ହୋଇଥିଲେ ମଧ୍ୟ କୌଣସ ଧନଜୀବନର କ୍ଷୟକ୍ଷତି ହୋଇନାହିଁ। ହରିୟାଣାର ଜିନ୍ଦ ଓ ବାହଦୂରଗଡ଼କୁ ବାଦ୍ ଦେଲେ ପଶ୍ଚିମ ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା ଓ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଝଟ୍‌କା ଦେଖିବାକୁ ମିଳିଥିଲା। ଦିଲ୍ଲୀ ସମେତ ନୋଇଡା, ଗାଜିଆବାଦ୍, ଗୁରୁଗାଁଓ ଓ ଫରିଦାବାଦରେ ଏବଂ ହରିୟାଣାର ସୋନିପତ, ରୋହତକ ଓ ହିସାରରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା। ଗତ ୬ ମାସ ମଧ୍ୟରେ ଦିଲ୍ଲୀ ଓ ଏନ୍‌ସିଆରରେ ତୃତୀୟଥର ପାଇଁ ଭୂକମ୍ପ ଅନୁଭୂତ ହୋଇଛି।

# ଗୋଟିଏ ରାତିରେ ଭାସିଗଲା ୪୬୬ ଘର

ମଣ୍ଡି, ୧୦।୭ (ଏଜେନ୍ସି): ମୌସୁମୀ ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେବା ସହ ବନ୍ୟା ସ୍ଥିତି ଉତ୍କଟ ହୋଇଛି। ସ୍ଥାନୀୟ ସିରାଜ ଘାଟିରେ ଜୁନ୍ ୩୦ରେ ବାଦଲ ଫଟା ବର୍ଷା ହେବା କାରଣରୁ ଅଚାନକ ବନ୍ୟା ଆସିବା ସହ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ରାତିରେ ହିଁ ୪୬୬ଟି ଘର ଭାସି ଯାଇଛି। ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୩୦ଜଣ ନିଖୋଜ ଅଛନ୍ତି। ରାସ୍ତାଘାଟ, ଚାଷଜମିରେ ଅନାବନା ଅଳିଆ ଗଦାରେ ପରିଣତ ହୋଇଛି। ୯୨ ଦୋକାନ, ୪୫୭ ଗୋଶାଳା, ଗୋଟିଏ ହାଇଡ୍ରୋ ପ୍ରୋଜେକ୍ଟ ସହ ୪୫୬ ଗୃହପାଳିତ ପଶୁ ଭାସି ଯାଇଛନ୍ତି। ୧୫୦୦ ଲୋକ ବାସହରା ହୋଇଛନ୍ତି। ଲୋକେ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ମଣ୍ଡି ଜିଲାର ୯୦ ପ୍ରତିଶତ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି।

# ମାଲେସିଆ ମଡେଲଙ୍କୁ ପୂଜାରୀଙ୍କ ଯୌନ ନିର୍ଯାତନା

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ମାଲେସିଆର ଜଣେ ଭାରତୀୟ ବଂଶୋଦ୍ଭବ ଅଭିନେତ୍ରୀ, ମଡେଲ ତଥା ଟିଭି ଉପସ୍ଥାପିକା ଜଣେ ହିନ୍ଦୁ ପୂଜାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ପୂଜାରୀ ଜଣକ ଭାରତୀୟ ଓ ସେ



ଆଶୀର୍ବାଦ ଦେବା ବାହାନାରେ ତାଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି ବୋଲି ସେ କହିଛନ୍ତି। ଏହି ମଡେଲ ଜଣକ ହେଉଛନ୍ତି ଲିସାଲିନି କନରନ। ସେ ୨୦୨୧ରେ ମିସ୍ ଗ୍ରାଣ୍ଡ ମାଲେସିଆ ଟାଇଟଲ ଜିତିଥିଲେ। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଏହି ଅଭିଯୋଗ ଆଣିଛନ୍ତି। ଜୁନ୍ ୨୧ରେ ମାଲେସିଆର ସେଲାଙ୍ଗୁର ରାଜ୍ୟର ସେପାଙ୍ଗ ଜିଲ୍ଲାର ମରିଅମ୍ମନ ମନ୍ଦିରରେ ଏହି ଘଟଣା ଘଟିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ସେ ଏକା ମନ୍ଦିର ଯାଇଥିଲେ। ପ୍ରଥମେ ପୂଜାରୀ ଜଣକ ତାଙ୍କୁ ଭାରତରୁ ଆଣିଥିବା ପବିତ୍ର ଜଳ ଛିଞ୍ଚିବା ପରେ ରକ୍ଷା ସୂତ୍ର ଦେବା କଥା କହିବା ପରେ ଅଶାଳୀନ ବ୍ୟବହାର କରିଥିଲେ। ଇତିମଧ୍ୟରେ ପୂଜାରୀ ଫେରାର ହୋଇଯାଇଛନ୍ତି ଏବଂ ପୁଲିସ ତାଙ୍କୁ ଖୋଜୁଛି।

# କପିଲ ଶର୍ମାଙ୍କ କାଫେରେ ଖଲିସ୍ତାନୀଙ୍କ ଆକ୍ରମଣ

ଓଟାୱା, ୧୦।୭ (ଏଜେନ୍ସି): କାନାଡ଼ାର ବ୍ରିଟିଶ କଲମ୍ବିଆର ସରେ ସ୍ଥିତ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ କାଫେ ଉପରେ ବୁଧବାର ରାତିରେ ଖଲିସ୍ତାନୀ ଗୁଳିମାଡ଼ କରିଛନ୍ତି। ଉଦ୍‌ଘାଟନର ଦିନକ ପରେ 'କ୍ୟାପ୍‌ସ କାଫେ' ଉପରେ ୯ ରାଉଣ୍ଡ ଗୁଳି ମାଡ଼ କରାଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଖଲିସ୍ତାନୀ ଆତଙ୍କବାଦୀ ହରିଜତ ସିଂହ ଲଡ୍ଡାର ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସେ ଏନଆଇଏର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଛି। ବବ୍ବର ଖାଲସା ଇଣ୍ଟରନ୍ୟାସନାଲ ସହ ଜଡ଼ିତ ରହିଛି। ଆକ୍ରମଣକାରୀ ଏହାର ଭିଡିଓ ମଧ୍ୟ ରେକର୍ଡ କରିଛନ୍ତି। ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରୁ ଦେଖିବାକୁ ମିଳୁଛି ଯେ ଆକ୍ରମଣକାରୀ କାର୍‌ରେ ଆସିଥିଲା। କାର୍ ଭିତରୁ ରହି ସେ ଗୁଳିମାଡ଼ କରିଥିଲା।

# ଫେସବୁକ୍ ଲାଇଭ୍‌ରେ ୟୁପି ବ୍ୟବସାୟୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୧୦।୭ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌର ଜଣେ ଋଣଗ୍ରସ୍ତ ରିଅଲ ଇଷ୍ଟେଟ ବ୍ୟବସାୟୀ ଫେସ୍‌ବୁକ ଲାଇଭରେ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ମରିବା ପୂର୍ବରୁ ନିଜର ଝିଅ ପାଇଁ ସହାୟତା ମାଗି ନଜିର କରୁଣ କାହାଣୀ କହି ଯାଇଛନ୍ତି। ଆର୍ଥିକ ସ୍ଥିତି ତାଙ୍କର ଏପରି ଖରାପ ହୋଇଯାଇଥିଲା ଯେ ମଧୁମେହ ପୀଡ଼ିତ ଝିଅ ପାଇଁ ଇନ୍‌ସୁଲିନ ବି କିଣିପାରି ନ ଥିଲେ। ପରିବାରକୁ ସହାୟତା କରିବା ପାଇଁ ସେଲିବ୍ରିଟି, ଶିଳ୍ପପତିଙ୍କୁ ଅନୁରୋଧ କରିଥିଲେ। ବକେୟା ଋଣ ଏବଂ ଆର୍ଥିକ ଚାପ ସହି ପାରୁନାହାନ୍ତି ବୋଲି କହିଥିଲେ। ଲାଇଭ୍ ସମୟର ଭିଡିଓ ଦେଖି ତାଙ୍କ ପରିବାର କୌଣସି ସଦସ୍ୟ ପୁଲିସକୁ ସୂଚନା ଦେଇଥିଲେ।

# ୩ ବର୍ଷରେ ଏନ୍‌ଏଚ୍‌ରେ ଭୁଶୁଡ଼ିଲାଣି ୨୧ ପୋଲ

ଭଦୋଦରା, ୧୦।୭ (ଏଜେନ୍ସି): ଗୁଜରାଟ ଭଦୋଦରାର ମହିସାଗର ନଦୀ ଉପରେ ନିର୍ମିତ ଗମ୍ଭୀରା ପୋଲ ଭୁଶୁଡ଼ିବା ଘଟଣା ସରକାରୀ ଅବହେଳାର ଚରମ ନିଦର୍ଶନ। ମୋର୍ବି ଝୁଲା ପୋଲ ଦୁର୍ଘଟଣା ପରେ ବି ସରକାର କିଛି ବି ଶିକ୍ଷା ଗ୍ରହଣ କଲେଣି। ପ୍ରଶାସନିକ ଅବହେଳା, ସୁରକ୍ଷା ମାନଦଣ୍ଡ ପାଳନ ନ କରିବା, ଖାଲି ରଙ୍ଗ ମାରି ମରାମତି କାମ ସାରିଦେବା ଯୋଗୁଁ ମୋର୍ବିରେ ୧୪୧ ଜଣ ନୀରିହଙ୍କ ଜୀବନ ଯାଇଥିଲା। ଗମ୍ଭୀରାରେ ମଧ୍ୟ ତାହାର ପୁନରାବୃତ୍ତି ଘଟିଛି। ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କଲାନାହିଁ। ଶେଷରେ ବୁଧବାର ସକାଳେ ଏହି ପୋଲର ମଝିର ଗୋଟିଏ ସ୍ଲାବ ନଦୀକୁ ଖସି ପଡ଼ିଥିଲା। ଏଥିଯୋଗୁଁ ୨ଟି ଲେଖାଏଁ ଟ୍ରକ୍ ଓ କାର୍, ଗୋଟିଏ ଅଟୋ ଏବଂ ବାଇକ ନଦୀକୁ ଖସି ପଡ଼ିଥିଲା। ଏହି ମୃତ୍ୟୁସଂଖ୍ୟା ଗୁରୁବାର ୧୭କୁ ବୃଦ୍ଧି ପାଇଛି। ଆଜି ନଦୀରୁ ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଉଛି। ଆହୁରି ୩ ଜଣ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାର ୩ ଜଣ ସଦସ୍ୟ ସାମିଲ ଅଛନ୍ତି। ମୋର୍ବି ଦୁର୍ଘଟଣା ପରେ ସରକାର ଖାଲି ଯାଞ୍ଚ ନିର୍ଦ୍ଦେଶ ଦେଇ ବସି ଯାଇଥିଲେ। କୌଣସି ତତ୍ପରତା ଦେଖାଇ ନ ଥିଲେ। ସେଥିପାଇଁ ପୁଣି ନିରୀହ ଲୋକଙ୍କ ଜୀବନ ଚାଲିଗଲା ବୋଲି ଲୋକେ କହୁଛନ୍ତି।

### ୫ ବର୍ଷରେ ଭାଙ୍ଗି ଯାଇଛି ୪୨ ପୋଲ
### ୪୦ ବର୍ଷରେ ଭୁଶୁଡ଼ିଲାଣି ୨୧୩୦ ପୋଲ

୧୯୮୧-୮୨ରେ ଉତ୍ତର ପ୍ରଦେଶ ରାଜ୍ୟ ସେତୁ ନିଗମ ଗମ୍ଭୀରା ପୋଲ ନିର୍ମାଣ କରିଥିଲା। ସୂଚନା ଅନୁଯାୟୀ ୨୦୧୫ରେ ଏହା ଶୋଚନୀୟ ହୋଇ ଯାଇଥିଲା। ସେ ସମୟରେ ସରକାର ଯାଞ୍ଚ କରି ପୋଲର ବେୟରିଂ ବଦଳାଇ ଥିଲେ। ପୋଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏଭଳି ସ୍ଥିତି ହୋଇଥିଲା। ବାରମ୍ବାର ଦେଶରେ ପୋଲ ଭୁଶୁଡୁ ଥିବାବେଳେ ସରକାର ନିଦାବିଷ୍ଟ ସାଜିଛନ୍ତି। ଠିକାଦାର, ଅଧିକାରୀ, ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲାଞ୍ଚ କାରବାର ଚାଲିଛି। କୌଣସି ପ୍ରକଳ୍ପ ପାଇଁ ଲାଞ୍ଚ ନ ଦେଲେ କାର୍ଯ୍ୟ ହେଇପାରୁ ନାହିଁ। ଏହା ସୁରକ୍ଷା ବଦଳରେ ଅର୍ଥ ଉପାର୍ଜନର ଏକ ବଡ଼ ମାଧ୍ୟମ ପାଲଟି ଯାଇଛି। ନିମ୍ନମାନର କାମ କରି ସାଧାରଣ ଜନତାଙ୍କୁ ବଳି ଦିଆଯାଉଛି। ଆଉ ନେତାମନ୍ତ୍ରୀ ଅନୁକମ୍ପାମୂଳକ ସହାୟତା ଦେଇ ଖାଲି ବସି ପଡୁଛନ୍ତି। ମାତ୍ର ସ୍ଥିତି ଯଥା ପୂର୍ବଂ ତଥା ପରଂ ହେଉଛି। କିନ୍ତୁ ପରିତାପର ବିଷୟ ଏହି କି ଯେ ବ୍ରିଟିଶ ଏବଂ ରାଜରାଜୁଡ଼ା ଅମଳର ପୋଲ ଆଜି ଯାଏଁ ସେମିତି ଥିବାବେଳେ ସ୍ୱାଧୀନତା ପରେ ନିର୍ମିତ ଅନେକ ପୋଲ ଭୁଶୁଡ଼ି ଯିବା ଦେଶରେ ଦୁର୍ନୀତିର କିଭଳି ଭାବେ ବ୍ୟାପିଛି ତାହାକୁ ଦର୍ଶାଉଛି।

ସରକାର ଉପଗ୍ରହ ମାଧ୍ୟମରେ ରାସ୍ତା ନିର୍ମାଣ ଉପରେ ଧ୍ୟାନ ରଖୁଥିବା ଦାବି କରୁଛନ୍ତି। ମାତ୍ର ରିପୋର୍ଟ ଭିନ୍ନ ତଥ୍ୟ ଦେଉଛି। ସାରା ଦେଶରେ ସାମାନ୍ୟ ବର୍ଷାରେ ଜାତୀୟ ରାଜପଥଗୁଡିକର ସ୍ଥିତି କଣ ତାହା ଭାଇରାଲ ହେବାରେ ଲାଗିଛି। ଗତ ତିନି (୨୦୨୧-୨୦୨୪) ବର୍ଷରେ ଏନଏଚ୍‌ରେ ଥିବା ୨୧ ପୋଲ ଭୁଶୁଡ଼ି ଯାଇଛି। ୬ଟି ନିର୍ମାଣାଧୀନ ପୋଲ ମଧ୍ୟ ସାମିଲ ରହିଛି। ସରକାରଙ୍କ ପକ୍ଷରୁ ରାଜ୍ୟସଭାରେ ଏହି ସୂଚନା ଦିଆଯାଇଥିଲା। ସେହିପରି ଗତ ୫ ବର୍ଷ (୨୦୧୯-୨୦୨୪) ୪୨ଟି ପ୍ରମୁଖ ଏବଂ କ୍ଷୁଦ୍ର ପୋଲ ଭୁଶୁଡ଼ି ଯାଇଥିଲା। ଗତ ବର୍ଷ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ୨୦୨୦ର ଏକ ଅଧ୍ୟୟନ ଅନୁଯାୟୀ ୧୯୭୭ରୁ ୨୦୧୭ ମଧ୍ୟରେ ୨,୧୩୦ ପୋଲ ଭୁଶୁଡ଼ି ଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮୦.୩ ପ୍ରତିଶତ, ଖରାପ ସାମଗ୍ରୀ ପାଇଁ ୧୦.୧ ପ୍ରତିଶତ ଏବଂ ଓଭରଲୋଡିଂ (ଅତ୍ୟଧିକ ଭାର) ଲାଗି ୩.୨୮ ପ୍ରତିଶତ ପୋଲ ଭୁଶୁଡ଼ି ପଡ଼ିଥିଲା।

# ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଥରୁରଙ୍କ ବିଷୋଦ୍‌ଗାର

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): କଂଗ୍ରେସ ସାଂସଦ ଶଶି ଥରୁର ଇମର୍ଜେନ୍ସିକୁ ଭାରତୀୟ ଇତିହାସର କଳା ଅଧ୍ୟାୟ ଥିଲା ବୋଲି କହି ପୁଣି ଥରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ତେବେ ଏଥିରୁ ଶିକ୍ଷା ନେବା ଜରୁରୀ ବୋଲି ସେ ମାଲାୟାଲମ ଖବର କାଗଜ 'ଦୀପିକା'ରେ ସ୍ତମ୍ଭ ଲେଖି



ଉଲ୍ଲେଖ କରିଛନ୍ତି। ସେହିପରି ନସବନ୍ଦୀ ଅଭିଯାନକୁ ଏକ କ୍ରୁର ନିଷ୍ପତ୍ତି ଥିଲା ସେ ବୋଲି କହିଛନ୍ତି। ଏହି ସ୍ତମ୍ଭ ଗୁରୁବାର ପ୍ରକାଶିତ ହୋଇଛି। ଅସୁସାଶନ ଓ ବ୍ୟବସ୍ଥା ପାଇଁ ନିଆଯାଉଥିବା ପଦକ୍ଷେପ ବେଳେବେଳେ କ୍ରୁରତାରେ ପରିଣତ ହୋଇଥାଏ ଓ ଏହାକୁ ଉଚିତ ବୋଲି କଦାପି କୁହାଯାଇ ପାରିବ ନାହିଁ। ଦୀର୍ଘ ୫ ଦଶନ୍ଧି ତଳେ ୧୯୭୫ ଜୁନ୍ ୨୫ରେ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଇମର୍ଜେନ୍ସି ଲାଗୁ କରି ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିଲେ। ଏହି ଇମେର୍ଜେନ୍ସିକୁ ୧୯୭୭ ମାର୍ଚ୍ଚ ୨୧ରେ ଉଠାଇ ଦିଆଯାଇଥିଲା। ଗଣତନ୍ତ୍ରକୁ କେବେବି ହାଲକା ଭାବେ ନେବା ଉଚିତ ନୁହଁ ବୋଲି ସେ କହିଛନ୍ତି। ଏହା ଦ୍ୱାରା ସେ ପରୋକ୍ଷରେ ପୁଣି ଥରେ କଂଗ୍ରେସକୁ ସମାଲୋଚାନ କରିଛନ୍ତି। ପୂର୍ବରୁ ମଧ୍ୟ ସେ ଏକାଧିକ ବାର କଂଗ୍ରେସକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିବାକୁ ପଛାଇନାହାନ୍ତି।

# ୟୁରୋପୀୟ ସହରରେ ଗ୍ରୀଷ୍ମପ୍ରବାହ; ୨୩୦୦ ମୃତ

ଲଣ୍ଡନ, ୧୦।୭ (ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହା ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ଅସହ୍ୟ ଗୁଳୁଗୁଳି ଲୋକଙ୍କ ଜୀବନ ନେବାରେ ଲାଗିଛି। ଏଥିଯୋଗୁଁ ୧୨ ୟୁରୋପୀୟ ସହରରେ ୨୩୦୦ ଲୋକ ପ୍ରାଣ ହରାଇଲେଣି। କେବଳ ପର୍ତ୍ତୁଗାଲରେ ୨୮୪ ଜଣଙ୍କ ମୃତ୍ୟୁ ହୋଇଛି। ଲଣ୍ଡନର ଇମ୍ପେରିଆଲ କଲେଜ ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ଅନୁଯାୟୀ ଗତ ୧୦ ଦିନରେ ଲଣ୍ଡନ, ମାଦ୍ରିଦ, ବାର୍ସିଲୋନା ଏବଂ ମିଲାନ ଭଳି ସହର ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ସ୍ପେନ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛି। ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଏଠାକାର ଜଙ୍ଗଲରେ ଲାଗିଥିବା ନିଆଁ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଦେଶରେ ୨୧ ହଜାର ହେକ୍ଟର ଜଙ୍ଗଲ ଜଳି ଗଲାଣି।

# ୟୁକ୍ରେନ ଉପରେ ୪୦୦ ଡ୍ରୋନ ଓ ୧୮ କ୍ଷେପଣାସ୍ତ୍ର ମାଡ଼

କିଭ୍, ୧୦।୭ (ଏଜେନ୍ସି): ରୁଷ୍ ପୁଣି ୟୁକ୍ରେନ ଉପରେ ବଡ଼ ଆକ୍ରମଣ କରିଛି। ଗୁରୁବାର ସକାଳେ ୪୦୦ ଡ୍ରୋନ ଏବଂ ୧୮ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଅନେକ କୋଠା, ଗ୍ୟାରେଜ ଏବଂ ପେଟ୍ରୋଲ ପମ୍ପରେ ମଧ୍ୟ ନିଆଁ ଲାଗି ଯାଇଛି। ସପ୍ତାହରେ ତୃତୀୟ ପାଇଁ ରୁଷ୍ ଏଭଳି ଆକ୍ରମଣ କରି ୟୁକ୍ରେନ ବାୟୁରକ୍ଷା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି। ଏହା ମଧ୍ୟରେ ଆଜି ୟୁକ୍ରେନ ରାଷ୍ଟ୍ରପତି ରୋମ୍‌ରେ ଆମେରିକା ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହି ବୈଠକରେ ପୁନଃନିର୍ମାଣକୁ ଧ୍ୟାନ ଦିଆଯିବ ବୋଲି ୟୁକ୍ରେନ ବିଦେଶମନ୍ତ୍ରୀ କହିଛନ୍ତି। ସେହିପରି ଆମେରିକା ବିଦେଶମନ୍ତ୍ରୀ ଆଜି ମାଲେସିଆରେ ନିଜ ରୁଷ୍ ସମକକ୍ଷଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

# ଛଙ୍ଗୁର ବାବାଙ୍କ ଧର୍ମାନ୍ତରୀକରଣର କଳା ସାମ୍ରାଜ୍ୟ

ବଳରାମପୁର, ୧୦।୭ (ଏଜେନ୍ସି): ଉତ୍ତରପ୍ରଦେଶ ଧର୍ମାନ୍ତରଣର ମାଷ୍ଟର ମାଇଣ୍ଡ ଜଲାଲୁଦ୍ଦିନ ଓର୍ଫ ଛଙ୍ଗୁର ବାବାଙ୍କ କଳା ସାମ୍ରାଜ୍ୟ ନେଇ ଧିରେ ଧିରେ ଚକିତ କଲା ଭଳି ବିଭିର୍ଣ୍ଣ ତଥ୍ୟ ସାମ୍ନାକୁ ଆସୁଛି। ତା'ର ୪୦ଟି ବ୍ୟାଙ୍କ ଆକାଉଣ୍ଟ ଥିଲା ଓ ଏଥିରେ ମୋଟ୍ ୧୦୬ କୋଟି ଟଙ୍କା ମହଜୁଦ ଥିଲା। ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ତାଙ୍କୁ ଏହି ଅର୍ଥ ମିଳିଥିଲା। ଶନିବାର ଲକ୍ଷ୍ନୌର ଏକ ବିଳାସପୂର୍ଣ୍ଣ ହୋଟେଲରୁ ଛଙ୍ଗୁର ବାବା ଓ ତା'ର ସହଯୋଗୀ ନୀତୁ ଓର୍ଫ ନସରିନଙ୍କୁ ପୁଲିସ ଗିରଫ କରିଥିଲା। ଉତ୍ତରପ୍ରଦେଶ ବଳରାମପୁର ଜିଲ୍ଲାରେ ଧର୍ମାନ୍ତରଣ ନେଇ ସେ ଜାଲ ବିଛାଇବା ସହ ଅତି ଚତୁରତାର ସହ ର୍‌ୟାକେଟ୍ ଚଳାଇଥିଲା ଓ ବହୁ ହିନ୍ଦୁ ଝିଅ ଓ ଲୋକଙ୍କୁ ମୁସଲମାନ କରିବାର ସକ୍ଷମ ହୋଇଥିଲା।

କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ତା'ର କୋଠି ଉପରେ ବୁଲଡୋଜର ଚଳାଯାଇଥିଲା। ବୁଧବାର ସକାଳେ ବଳାରମପୁର ପ୍ରଶାସନ ୧୦ଟାରେ ତାର କୋଠୀରେ ପହଞ୍ଚିଥିଲା। ଏହି କୋଠି ଭିତର ଏକ ମିନି ପାୱାର ହାସଉ ଦେଖିବାକୁ ମିଳିଥିଲା। ବାଥରୁମ୍‌ରେ ବିଦେଶୀ ବ୍ରାଣ୍ଡର ଜିନିଷ ମିଳିଥିଲା। କୋଠିରେ ୬ଟି ଜର୍ମାନୀ ସେଫର୍ଡ କୁକୁର ଓ ଗୋଟିଏ ଘୋଡା ରହିଥିଲା। ଏହି କୁକୁରଗୁଡିକୁ ନିକଟରେ ଥିବା ଗାଁର ଲୋକେ ଉଠାଇ ନେଇଛନ୍ତି। କିନ୍ତୁ ପୁଲିସର ଚେତାବନୀ ପରେ ଗାଁ ଲୋକେ ଏହି କୁକୁରଗୁଡିକ ଫେରାଇଦେଇଥିଲେ। ୧୫୦୦ ବର୍ଗଫୁଟ୍‌ରେ ଅବୈଧ ଭାବେ ନିର୍ମିତ ଏହି କୋଠିକୁ ବୁଲଡୋଜର ମାଧ୍ୟମରେ ମାଟିରେ ମିସାଇ ଦିଆଯାଇଥିଲା ବୋଲି ସ୍ଥାନୀୟ ତହସିଲଦାର କହିଛନ୍ତି। ଆହୁରି ୫୦୦ ବର୍ଗଫୁଟ୍‌ର ଅବୈଧ ନିର୍ମାଣକୁ ମାଟିରେ ମିସାଇବା ବାକି ରହିଛି। ଗୁରୁବାର ଏହା କରାଯିବ ବୋଲି କୁହାଯାଇଛି। ୩ କୋଟି ଟଙ୍କା ମୂଲ୍ୟରେ ୩ ବିଘା ଜମିରେ ନିର୍ମିତ ଏହି କୋଠିରେ ୭୦ରୁ ଅଧିକ କୋଠରୀ ରହିଥିଲା। ଏହିଠାରେ ରହି ସେ ଧର୍ମାନ୍ତରଣର ନେଟ୍‌ୱର୍କ ଚଳାଉଥିଲା। ସାଥିଠ ନୀତୁର ଧର୍ମପରିବର୍ତ୍ତନ କରି ତାକୁ ନାସରିନ ବନାଇଥିଲା ଏହି ବାବା। ପୁଲିସ ତା ନାମରେ ୫୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ତଦନ୍ତ ଆଗକୁ ଚାଲିଲେ ଆହୁରି ବହୁତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।

### ୪୦ ଆକାଉଣ୍ଟରେ ୧୦୬ କୋଟି ଟଙ୍କା
### କୋଠିରେ ୬ ଜର୍ମାନୀ ସେଫର୍ଡ, ୧ ଘୋଡ଼ା



ଗରିବ, ଶ୍ରମିକ, ବିଧବା, ନିସହାୟ ମହିଳା, ଅତି ଗରିବଶ୍ରେଣୀ ଲୋକଙ୍କୁ ଆର୍‌ଠଥକ ସହାୟତା, ବିବାହର କରାଇଦେବାର ପ୍ରଲୋଭନ ଦେଖାଇ ସେ ସେମାନଙ୍କ ଧର୍ମ ପରିବର୍ତ୍ତନ କରୁଥିଲା। ଅବଶ୍ୟକ ପଡ଼ିଲେ ସେ ଏଥିପାଇଁ ବଳ ପ୍ରୟୋଗ ମଧ୍ୟ କରୁଥିଲା ବୋଲି ପୁଲିସ କହିଛି। ଛଙ୍ଗୁର ବାବାର ଆତଙ୍କବାଦୀଙ୍କ ସହ ସମ୍ପର୍କ ଥିଲା କି ନା ସେ ନେଇ ପୁଲିସ ତଦନ୍ତ ଚଳାଇଛି। ଏକଦା ସାଇକେଲର ପାର୍ଟ ବିକ୍ରି କରୁଥିବା ଏହି ବାବା ଗାଁ ମୁଖିଆ ହୋଇଥିଲା ଓ ଏହାପରେ ଜାଲ ବିଛାଇ କୋଟିପତି ହେବାରେ ସଫଳ ହୋଇଥିଲା। ଛଙ୍ଗୁର ବାବାର ଏହି କାର୍ଯ୍ୟକଳାପ କେବଳ ସାମାଜ ନୁହେଁ ଦେଶ ବିରୋଧରେ ଉଦିଷ୍ଟ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି।

# ୧୩ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର,୧୦।୭ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ହ୍ରାସ ପାଇଛି। ଫଳରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି। ତେବେ ୧୩ ତାରିଖରୁ ପୁଣିଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ଅନ୍ୟପଟେ, ଗତ ଲଘୁଚାପ ପ୍ରଭାବରେ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଉତ୍ତରଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି ଓ ବାଲେଶ୍ୱରରେ ପୁଣି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ

- ସୁବର୍ଣ୍ଣରେଖାରେ ତୃତୀୟ ବନ୍ୟା
- ମୁଣ୍ଡଳୀରେ ପ୍ରବାହିତ ହେଉଛି ସାଢ଼େ ୩ଲକ୍ଷ କ୍ୟୁସେକ୍ ଜଳ

ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବର୍ଷା କମିଯାଇଛି। କାଁଭାଁ ସ୍ଥାନକୁ ଛାଡ଼ି ଉପକୂଳରେ ୭ ତାରିଖରୁ ପ୍ରାୟ ବର୍ଷା ନାହିଁ। ଆସନ୍ତା ୨ଦିନ ରାଜ୍ୟରେ କାଁଭାଁ ସ୍ୱଳ୍ପ ବର୍ଷା ହେବ। ୧୩ ଓ ୧୪ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ଲଘୁଚାପଜନିତ ବର୍ଷା ସମ୍ଭାବନା ରହିଛି। ଉତ୍ତର ସୀମାନ୍ତବର୍ତ୍ତୀ ଜିଲ୍ଲା କେନ୍ଦୁଝର ଓ ଭଦ୍ରକରେ ଅପେକ୍ଷାକୃତ ଅଧିକ ବର୍ଷା ହେବ। ମୋଟ୍ ଉପରେ ଏହି ଦୁଇ ଦିନ ମଧ୍ୟମଧରଣର ଏବଂ ଗୋଟିଏ ଦୁଇଟି ସ୍ଥାନରେ ଭାରୀ ବର୍ଷା ହୋଇପାରେ। ୧୫ରୁ ବର୍ଷା କ୍ରମଶଃ କମିବ। ୨୦ରୁ ୨୨ତାରିଖ ମଧ୍ୟରେ ଖରା ଓ ତାପମାତ୍ରା ବଢ଼ିବ। ୨୩ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ଫଳରେ ପୁଣି ବର୍ଷା ବଢ଼ିପାରେ।

ତେବେ ଆଜିଠାରୁ ୨୨ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବଜ୍ରପାତର ସମ୍ଭାବନା ଅଧିକ ରହିଛି। ଆସନ୍ତା ୨୨ ପର୍ଯ୍ୟନ୍ତ ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡିରେ ଯାହା ବର୍ଷା ହେବ, ତାହା କୃଷି ପାଇଁ କମିବ ନାହିଁ। ତେବେ ଅନ୍ୟାନ୍ୟ ସ୍ଥାନରେ ବିଶେଷକରି ଦକ୍ଷିଣ ଉପକୂଳରେ ବର୍ଷା ଚାଷ ପାଇଁ ନିଅଁଟିଆ ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

ଅନ୍ୟପଟେ ବର୍ତ୍ତମାନ ସତର୍କ ସଙ୍କେତ ଅତିକ୍ରମ କରିବା ସହ ସୁବର୍ଣ୍ଣରେଖାରେ କ୍ରମଶଃ ଜଳସ୍ତର ବୃଦ୍ଧି ପାଉଛି। ରାଜଘାଟ ନିକଟରେ ବିପଦ ସଙ୍କେତ ୧୦.୩୬ ମିଟର ରହିଥିବା ବେଳେ ସତର୍କ ସଙ୍କେତ ରହିଛି ୯.୪୫ ମିଟର ରହିଛି। ତେବେ ଜଳସ୍ତର ଏବେ ସତର୍କ ସଙ୍କେତ ଅତିକ୍ରମ କରି ପ୍ରବାହିତ ହେଉଛି। ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷ ତୃତୀୟଥର ବନ୍ୟା ଆଶଙ୍କା ଦେଖାଦେଇଛି। ଗତ କିଛି ଦିନ ଭିତରେ ସୁବର୍ଣ୍ଣରେଖା ନଦୀରେ ଦୁଇ ଥର ବନ୍ୟା ଆସିବା ଫଳରେ ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ଶତାଧିକ ଗାଁ ଜଳମଗ୍ନ ହୋଇଥିବା ବେଳେ ହଜାର ହଜାର ହେକ୍ଟର ଚାଷଜମିରେ ଫସଲ ପ୍ରଭାବିତ ହୋଇଛି। ବନ୍ୟାପାଣି ଚାଷଜମିରୁ ସମ୍ପୂର୍ଣ୍ଣ ନଛାଡୁଣୁ ପୁଣି ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟତଃ ପୂର୍ଣ୍ଣିମା ଯୋଗୁଁ ସମୁଦ୍ର ଜୁଆରିଆ ରହିଥିବାରୁ ନଦୀରେ ଜଳସ୍ତର ହ୍ରାସ ହୋଇପାରୁ ନ ଥିବା ଜଣାପଡ଼ିଛି। ଫଳରେ ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକର ଅନେକ ତଳିଆ ଅଞ୍ଚଳରେ ବନ୍ୟାପାଣି ପ୍ରବେଶ କରିଛି। ସେହିପରି ମହାନଦୀରେ ବର୍ତ୍ତମାନ ବନ୍ୟାଜଳ ପ୍ରବାହିତ ହେଉଛି। ଆଜି ମୁଣ୍ଡଳୀଠାରେ ୩ଲକ୍ଷ ୭୮ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

# ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଏ କି ସମ୍ମାନ?

**ପୁରୀ,୧୦।୭ (ସମିସ):** ମହାପ୍ରଭୁଙ୍କୁ ଅସମ୍ମାନ। ବିଭିନ୍ନ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବି ଏଭଳି ଚିତ୍ର ଆସୁଛି। ହେଲେ ଖୋଦ୍ ଶ୍ରୀକ୍ଷେତ୍ରରେ ବି ମହାପ୍ରଭୁଙ୍କୁ ମିଳୁନି ସମ୍ମାନ। ଖୋଲାମେଲାରେ ପକାଇ ଦିଆଯାଇଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ। ମହାପ୍ରଭୁଙ୍କ ପ୍ରମାଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରୁ ଆସିଛି ଏଭଳି ଚିତ୍ର, ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଭବ୍ୟ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଦେଶ ବିଦେଶରୁ ଆସୁଥିବା ଅତିଥିଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରାଇବା ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରକୁ ଏକ ଆଧ୍ୟାତ୍ମିକତାର ରୂପ ଦିଆଯାଇଥିଲା। ପରିସରରେ ମହାପ୍ରଭୁଙ୍କ ୨୫ ବେଶ, ତିନିରଥ, ଠାକୁରଙ୍କ ପାରମ୍ପରିକ ବସ୍ତ୍ର, ଅବ୍ୟବହୃତ ପୂଜା ସାମଗ୍ରୀ ଭକ୍ତ ତଥା ଅତିଥିମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ସୃଷ୍ଟି ହୋଇଥିଲା ରଥଯାତ୍ରାର ଭ୍ରମ। ଜଗନ୍ନାଥ ବଲ୍ଲଭ ମଠ ପରିସରରେ ବେଶ ପ୍ରଦର୍ଶନ ପାଇଁ ଏକ ବିରାଟ ସେଡ୍ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ସିଂହାସନ କରାଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ବସାଯାଇଥିଲା। ଏଥିପାଇଁ ୩ ଫୁଟ୍ ଉଚ୍ଚତାର ଜଗନ୍ନାଥ ଓ ବଳଭଦ୍ରଙ୍କ ମୂର୍ତ୍ତିରି ତିଆରି କରାଯାଇଥିବା ବେଳେ ୨.୫ ଫୁଟ୍ ଉଚ୍ଚର ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି କରାଯାଇଥିଲା। ପ୍ରାୟ ୪ ଫୁଟ୍‌ର ସିଂହାସନ ଉପରେ ଠାକୁରଙ୍କର ଏହି ବେଶ ସବୁ ରହିଥିଲା। ମନ୍ଦିରରେ ଯେଉଁଭଳି ଠାକୁରଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ, ସେହିଭଳି ବେଶ କରାଯାଇଥିଲା। ଜରି, ଜମ୍ଭୁରା, ସୋଲ, ଅଠା ବିଭିନ୍ନ ପ୍ରକାର ମାଳି, କାର୍ଡବୋର୍ଡ ଆଦିରେ ଅଳଙ୍କାର ଓ ସାଜସଜ୍ଜା ସବୁ ତିଆରି ହୋଇଥିଲା। ପ୍ରଦର୍ଶିତ ହୋଇଥିବା ବେଶଗୁଡ଼ିକ ହେଉଛି ଅବକାଶ ବେଶ (ତଡ଼ପ ଉତ୍ତରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀ-ନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡ଼ଲାଗି ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡ଼ି ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି

**ଖୋଲାମେଲାରେ ପଡ଼ିଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ**

ବେଶ। ଏହାବ୍ୟତୀତ ରୋଷଶାଳାରେ ବ୍ୟବହୃତ ହାଣ୍ଡି, କୁଡୁଆର ଫଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯାଇଥିଲା, ଯାହାକି ବେଶ୍ ଆକର୍ଷଣୀୟ ହୋଇଥିଲା।

ପ୍ରାୟ ମାସାଧିକ ଏହି ବେଶ ପ୍ରଦର୍ଶନୀକୁ ଲକ୍ଷାଧିକ ଭକ୍ତ ବୁଲି ଦେଖିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ ହୋଇଥିଲେ। ପରେ ଏହାକୁ ବନ୍ଦ କରିଦିଆଯାଇଥିଲା। ପ୍ରଦର୍ଶିତ ହୋଇଥିବା ବେଶ ବିଭବକୁ ନିକଟସ୍ଥ ଜେବିପିସି ବେସ୍‌ମେଣ୍ଟରେ ରଖାଯାଇଥିଲା। ଏକ ଆବଦ୍ଧ ଅଞ୍ଚଳରେ ମୂର୍ତ୍ତିସବୁ ରଖାଯାଇଥିଲା। ହେଲେ ଏବେ ମୂର୍ତ୍ତିଗୁଡ଼ିକ ଯେଉଁଭଳି ଅବସ୍ଥାରେ ଏଣେତେଣେ ପକାଯାଇଛି ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ଭକ୍ତ ମହେଶ୍ୱର ବେହେରା କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ଜଗନ୍ନାଥ ବଲ୍ଲଭ ପରିସରରେ ଯେଉଁ ବେଶ ପ୍ରଦର୍ଶନୀ ହୋଇଥିଲା ତାହା ବେଶ୍ ଆକର୍ଷଣୀୟ ଥିଲା। ହେଲେ ସେହି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ଏବେ ଜଗନ୍ନାଥ ବଲ୍ଲଭ ପରିସରରେ ଅବ୍ୟବସ୍ଥିତ ଭାବେ ପକାଇ ରଖାଯାଇଛି। ନିଶ୍ଚିତ ଏହା ଏକ ଦୁଃଖଦାୟକ ଘଟଣା। ଓଡ଼ିଆ ଅସ୍ମିତାର ନାରା ଦେଉଥିବା ବିଜେପି ସରକାର କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣିଙ୍କୁ ଏଭଳି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। କେବଳ ମହେଶ୍ୱର ନୁହନ୍ତି ଅନେକ ଭକ୍ତ, ଜଗନ୍ନାଥପ୍ରେମୀ ଗବେଷକ ଏଭଳି ଚିତ୍ରକୁ ନେଇ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ମୂର୍ତ୍ତିଗୁଡ଼ିକ ବ୍ୟବସ୍ଥିତ ଭାବେ ରଖିବା ପାଇଁ ଦାବି କରିଛନ୍ତି।

**ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ**

# ସରକାର ଭୁଲିଗଲେ ରାଜ୍ୟବାସୀଙ୍କ ସ୍ୱାର୍ଥ

**ଭୁବନେଶ୍ୱର,୧୦।୭ (ସମିସ):** ରାଞ୍ଚିଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ କରିବେ ବୋଲି ଆଶା ରଖିଥିଲେ ରାଜ୍ୟବାସୀ। ମାତ୍ର ଏହି ଦିନିକିଆ ବୈଠକରେ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କେବଳ ନିଜ ସରକାରଙ୍କ ପ୍ରଶଂସା ଗାଇଛନ୍ତି ଓ ନିଜ ପିଠି ନିଜେ ଥାପୁଡ଼େଇଛନ୍ତି। ମାଳମାଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସରକାରଙ୍କ ପାଇଁ ଗୌଣ ହୋଇ ଯାଇଛି। କେନ୍ଦ୍ରୀୟ ସହାୟତା ହ୍ରାସ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା, ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା, ୧୬୦ରୁ ଉର୍ଦ୍ଧ୍ୱ ବର୍ଗଙ୍କୁ ଅନୁସୂଚୀତ ଜାତି ମାନ୍ୟତା, କୋଇଲା ରାଜଭାଗ ବୃଦ୍ଧି, ଗ୍ରୀନ୍ ସେସ୍‌ରୁ ଭାଗ, ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ସ୍ଥାପନ, ଉପାନ୍ତ ଅଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପରି ରାଜ୍ୟବାସୀଙ୍କ ଅନେକ ଦାବି ଏହି ବୈଠକରେ ସରକାର ଉଠାଇନାହାନ୍ତି। ତେବେ ରାଜ୍ୟର ୬୭୯୪ଟି ଗ୍ରାମ ପଞ୍ଚାୟତରୁ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ଉପଲବ୍ଧ ନଥିବା ୪୩୭୩ ପଞ୍ଚାୟତରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ସ୍ଥାପନ କରିବା ପାଇଁ ଗୋଟିଏ ଦାବି କରିଛନ୍ତି। ଅନ୍ୟପକ୍ଷରେ ବୈଠକରେ ମୁଖ୍ୟମନ୍ତ୍ରୀ ନିଜ ସରକାରଙ୍କ ବିଭିନ୍ନ ଯୋଜନା ଓ

- କେବଳ ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କ ସେବା ଦାବି
- ନିଜକୁ ନିଜେ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ ମୋହନ

ପଦକ୍ଷେପ ସମ୍ପର୍କରେ ବୈଠକରେ ବଖାଣିଛନ୍ତି।

ପୂର୍ବରୁ କ୍ଷେତ୍ରୀୟ ପରିଷଦ ବୈଠକଗୁଡ଼ିକରେ ତତ୍‌କାଳୀନ ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଲଗାତାର ଭାବେ ଉତ୍ଥାପନ କରି ଆସୁଥିଲେ। କୋଇଲା ରାଜଭାଗ, ବୃଦ୍ଧି, ରାଜ୍ୟରେ ଟେଲିକମ୍ ସେବାର ଉନ୍ନତିକରଣ, ବିଭିନ୍ନ ସମ୍ପ୍ରଦାୟକୁ ଜନଜାତିର ମାନ୍ୟତା ପ୍ରଦାନ ଦାବି ସହ କେନ୍ଦ୍ରୀୟ ଅନୁଦାନରେ ଅର୍ଥ ହ୍ରାସକୁ ନେଇ ଉଦବେଗ ପ୍ରକାଶ କରୁଥିଲେ। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା, ଆମେ ପଢ଼ିବା ଆମ ଭାଷାରେ, ଗୋପବନ୍ଧୁ-ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା, ଜାତୀୟ ଶିକ୍ଷା ନୀତି-୨୦୨୦ର ଲାଗୁ ହେବା, ରାଜ୍ୟରେ ଫାଷ୍ଟଟ୍ରାକ କୋର୍ଟର ପ୍ରତିଷ୍ଠା, ସହରାଞ୍ଚଳ ମାଷ୍ଟର ପ୍ଲାନ, ଶ୍ରୀ ଅନ୍ନ ଅଭିଯାନ, ଶକ୍ତି କ୍ଷେତ୍ରରେ ସଂସ୍କାର ମୂଳକ ନୀତି କଥା ବଖାଣିଛନ୍ତି। ଏହାବ୍ୟତୀତ ରାଜ୍ୟରେ ଗ୍ରାମ ପଞ୍ଚାୟତସ୍ତରରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚର ଉପଲବ୍ଧତା ନେଇ ନିଜର ଉଦବେଗ ପ୍ରକାଶ କରିଛନ୍ତି। ଯେଉଁ ପଞ୍ଚାୟତରେ ଏହି ସେବା ଉପଲବ୍ଧ ନାହିଁ, ସେଠାରେ ରାଜ୍ୟ ସରକାର ୬ଟି ବ୍ୟାଙ୍କ ସହ ଆଲୋଚନା କରି ଗ୍ରାହକ ସେବା କେନ୍ଦ୍ର(ସିଏସପି) ଆଉଟଲେଟ ଖୋଲିବାର ବ୍ୟବସ୍ଥା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୭୪୨ଟି ସିଏସପି ଆଉଟଲେଟ ଖୋଲା ଯାଇଥିବା ବେଳେ ବଳକା ୧୬୩୧ ଗ୍ରାମ ପଞ୍ଚାୟତରେ ଖୁବଶୀଘ୍ର ଖୋଲାଯିବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ବୈଠକରେ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସୂଚନା ଦେବାରେ କୌଣସି ଅସ୍ୱାଭାବିକତା ନାହିଁ। ତେବେ ରାଜ୍ୟର ମୌଳିକ ସମସ୍ୟା, ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସମ୍ପର୍କରେ ଉତ୍ଥାପନ ନକରି ଏକ ବଡ଼ ସୁଯୋଗ ହାତଛଡ଼ା କରିଛନ୍ତି ବୋଲି ମତପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକାଶର ପ୍ରୟୋଗଶାଳା ହେବ ବୋଲି କହି ଆସୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ମୁଖରତାର ସହ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଉତ୍ଥାପନ କରିବା ଜରୁରୀ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

**ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା**

# ରାଜଧାନୀରେ ମହିଳା ବିଜେଡିର ସ୍ୱାଭିମାନ ରାଲି, କୁଶପୁତ୍ତଳିକା ଦାହ

**ଭୁବନେଶ୍ୱର,୧୦।୭ (ସମିସ):** ବିଜେଡିର ବରିଷ୍ଠ ସାଧାରଣସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରିର ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଗୁରୁବାର ରାଜଧାନୀରେ ରାଜରାସ୍ତାକୁ ଓହ୍ଲାଇଛି ମହିଳା ବିଜୁ ଜନତା ଦଳ। ବିରୋଧୀ ଦଳ ମୁଖ୍ୟ

- ବିଧାୟକଙ୍କୁ ତୁରନ୍ତ ଗିରଫ ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ
- କାର୍ଯ୍ୟାନୁଷ୍ଠାନ ନ ହେଲେ ପ୍ରତି ଜିଲ୍ଲାରେ ଆନ୍ଦୋଳନ ଚେତାବନୀ

ସଚେତକ ତଥା ବିଜେଡିର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯାଇ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି, ଜଣେ ମହିଳାଙ୍କ ପ୍ରତି ବିଜେପି ବିଧାୟକଙ୍କ ଏପରି କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। କ୍ଷମତା ନିଶାରେ ଅନ୍ଧ ହୋଇ ବିଜେପିର ବିଧାୟକମାନେ ନୀତି-ନୈତିକତା ଭୁଲି ଯାଉଛନ୍ତି। ବିଜେପି ସରକାରରେ ମହିଳା କେତେ ଅସୁରକ୍ଷିତ, ତାହା ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଜଣେ ମହିଳାଙ୍କ ପ୍ରତି ଶ୍ରୀ ଖଟୁଆଙ୍କ ଏପରି ଅଶାଳୀନ ବ୍ୟବହାର ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଅପରାହ୍ନରେ ଏକ ପ୍ରତିନିଧିମଣ୍ଡଳୀ ପୁଲିସ ଡିଜିଓାଇ ବି ଖୁରାନିଆଙ୍କୁ ତାଙ୍କ ଭୁବନେଶ୍ୱର କ୍ୟାମ୍ପ



ଅଫିସରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଧାୟକଙ୍କ ଗିରଫ ଦାବି କରିଥିଲା।

ଦଳର ବରିଷ୍ଠ ନେତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାରକୁ ଆସିବା ଦିନଠୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ଦୁଷ୍କର୍ମ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଉତ୍ସବରେ ମାତି ବିଜେପି ସରକାର ମହିଳାଙ୍କ ସମ୍ମାନକୁ ଭୁଲି ଯାଇଛନ୍ତି। ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନ ହେଲେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିବାଦ ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର, ଡଃ ଲେଖାଶ୍ରୀ ସାମନ୍ତସିଂହାର, ଡେପୁଟୀ ମେୟର ମଞ୍ଜୁଲତା କହଁର, ଗୀତାଞ୍ଜଳି ରାଉତରାୟ ପ୍ରମୁଖ ସାମିଲ୍ ଥିଲେ।

**ମହାରାଷ୍ଟ୍ରରୁ ରାଞ୍ଚି ଚୋରା ଚାଲାଣ**

# ଗାଡ଼ି ସିକ୍ରେଟ୍ ଚାମ୍ବରରୁ କୋଟିଏ ଟଙ୍କାର ରୁପା ଜବତ

**ସମ୍ବଲପୁର, ୧୦।୭ (ସମିସ):** ଗାଡ଼ିରେ ଗଞ୍ଜେଇ ଯାଞ୍ଚ କରିବା ବେଳେ ଗୋଟିଏ ସିକ୍ରେଟ୍ ଚାମ୍ବରରୁ ୧୧୦କେଜିର ରୁପା ସାମଗ୍ରୀ ଜବତ ହେବା ସମ୍ବଲପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜବତ ରୁପାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ରେଙ୍ଗାଲି ବ୍ଲକ୍ ଅଧୀନ ଝୁରିପଡ଼ା ଛକ ନିକଟରୁ ଅବକାରୀ ବିଭାଗ ଏହି ଗାଡ଼ିକୁ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ୧୦୦ ଗ୍ରାମ ଲେଖାଏଁ ୭୦୦ଟି ରୁପା ବିସ୍କୁଟ, ୫୦ ଗ୍ରାମ ଲେଖାଏଁ ୪୦୦ଟି ସୁନା କଏନ୍ ଓ ୨୦ ଗ୍ରାମ୍ ଲେଖାଏଁ ୧ ହଜାରଟି ରୁପା କଏନ୍ ରହିଛି। ଏହି ଘଟଣାରେ ଅବକାରୀ ପୁଲିସ୍ ଉକ୍ତ ଗାଡ଼ିରେ ଥିବା ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଗୁଜରାଟର ଚନ୍ଦ୍ରକାନ୍ତ ସୋମଭାଇ(୫୩) ଓ ସଞ୍ଜୟ ପଟେଲ(୫୧)। ଜିଏସ୍‌ଟି ଫାଙ୍କି ଏହି ରୁପା ଇଟା ମହାରାଷ୍ଟ୍ରରୁ ରାଞ୍ଚି ଚାଲାଣ ହେଉଥିଲା ବୋଲି ସମ୍ବଲପୁର ଅବକାରୀ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅଧିକ ତଦନ୍ତ ଲାଗି ମାମଲାକୁ ଜିଲ୍ଲା ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

ସୂଚନାନୁସାରେ, ଏକ ଗାଡ଼ିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ସଂପର୍କରେ ଅବକାରୀ ବିଭାଗକୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ବିଭାଗ ପକ୍ଷରୁ ଝୁରିପଡ଼ା ଛକ ନିକଟରେ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରାଯାଉଥିଲା। ସେଥିରେ ବିଭିନ୍ନ ଆକାରର ରୁପା ବିସ୍କୁଟ, ରୁପା କଏନ୍ ରହିଥିଲା।

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ

**ମାଲକାନଗିରି,୧୦।୭ (ସମିସ):** ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ପୁଲିସ ସମ୍ମୁଖରେ ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିମଧ୍ୟରୁ ୯ ଜଣ ମାଓବାଦୀଙ୍କ ଉପରେ ମୋଟ ୨୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନେ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ସଂପୃକ୍ତ ଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦୫ ଜଣ ନକ୍ସଲ ହିଂସାର ପଥ ଛାଡି ପୁନର୍ବାସିତ ହୋଇଛନ୍ତି, ଯେଉଁଥିରେ ୨୦୫ ଜଣ ପୁରସ୍କୃତ ନକ୍ସଲ ମଧ୍ୟ ସାମିଲ ଅଛନ୍ତି।

ଛତିଶଗଡର ସୁକୁମା ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡଛନ୍ତି ୬ ଜଣ ମାଓବାଦୀ। କୋଣ୍ଟା ଥାନା ଅଞ୍ଚଳରୁ ଦୁଇ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବା ବେଳେ ବେଜି ଥାନା ଅଞ୍ଚଳରୁ ୪ ଜଣଙ୍କୁ ଗିରଫ କରାଯାଇଛି। ଡିଆରଜି ଓ ସିଆରପିଏଫ ବାହିନୀର ମିଳିତ ଅପରେସନ ବେଳେ ଏହି ୬ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୩ କିଲୋଗ୍ରାମ ଓଜନର ଗୋଟିଏ ଟିଫିନ ବୋମା, ୭ ମିଟର କୋଡେକ୍ସ ତାର, ୧୫ ମିଟର ବୈଦ୍ୟୁତିକ ତାର, ୫ ଟି ଡିଟୋନିଟର ଜବତ କରାଯାଇଛି।

**ମହିଳା ଆଇଏଏସ୍-ଓକିଲ ବିବାଦ**

# କଳାବ୍ୟାଜ୍ ପିନ୍ଧି ଆଇନଜୀବୀଙ୍କ କାର୍ଯ୍ୟବନ୍ଦ




**ବାଲେଶ୍ୱର, ୧୦।୭ (ସମିସ):** ମହିଳା ଆଇଏଏସ୍ ଓ ବରିଷ୍ଠ ଓକିଲ ବିବାଦ ଘଟଣାରେ ପୁଲିସ ମାମଲା ରୁଜୁ ନ କରିବା ପ୍ରତିବାଦରେ ଗୁରୁବାର ବାଲେଶ୍ୱର ବାର୍ ଆସୋସିଏସନ୍‌ର କର୍ମକର୍ତ୍ତାମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟବନ୍ଦ କରିଛନ୍ତି। ଏହାସହ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରା କରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏସ୍‌ପିଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି।

ଗତ ଜୁନ୍ ୧୧ରେ ବରିଷ୍ଠ ଓକିଲ ପୁରୁଷୋତ୍ତମ ଦାସଙ୍କୁ ସହଦେବଖୁଣ୍ଟା ଥାନା ଅଧିକାରୀଙ୍କ ପ୍ରକୋଷ୍ଠରେ ଅତିରିକ୍ତ ଏସ୍‌ପି, ଡିସ୍‌ପିଙ୍କ ଉପସ୍ଥିତିରେ ପ୍ରୋବେସନର୍ ମହିଳା ଆଇଏଏସ୍ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଏଯାବତ୍ ମାମଲା ରୁଜୁ ହୋଇନାହିଁ। ଏହାକୁ ଓକିଲ ସଂଘ ତୀବ୍ର ନିନ୍ଦା କରିଛି। ଏନେଇ ଆଜି ବାଲେଶ୍ୱର ବାର୍ ଆସୋସିଏସନ୍‌ର ସମସ୍ତ ଓକିଲମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟବନ୍ଦ କରିଥିଲେ। ପରେ ସେମାନେ ଦୁଇ ନମ୍ବର ବାର୍ ହଲଠାରୁ ପଦଯାତ୍ରାରେ ବାହାରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସେମାନେ ଏସପିଙ୍କୁ ତାଙ୍କୁ ନିକଟକୁ ଆସିବା ପାଇଁ କହିଥିଲେ। ହେଲେ ଏସ୍‌ପି କିଛି ସମୟ ପର୍ଯ୍ୟନ୍ତ ନ ଆସିବାରୁ ସେମାନେ ବାଧ୍ୟ ହୋଇ ତଳେ ବସି ରହିଥିଲେ। ପରେ ଏସ୍‌ପି ସେମାନଙ୍କ ପାଖକୁ ଆସିବା ପରେ ସେମାନେ ସେଦିନର ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏପରିକି ପ୍ରୋବେସନର ମହିଳା ଆଇଏଏସ୍ ଏବଂ ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ମଧ୍ୟ କରିଥିଲେ। ଘଟଣାକୁ ଏକ

**ଏସ୍‌ପିଙ୍କୁ ଦାବିପତ୍ର**

ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ମାଡ଼ ଖାଇଥିବା ଓକିଲଙ୍କ ପକ୍ଷରୁ ସହଦେବଖୁଣ୍ଟା ଥାନାରେ କରାଯାଇଥିବା ଅଭିଯୋଗକୁ ଆଜି ପର୍ଯ୍ୟନ୍ତ କାହିଁକି ପୁଲିସ ରୁଜୁ କରିନାହିଁ। ସମସ୍ତ ଘଟଣାର ସଠିକ ତଦନ୍ତ କରାଯିବାକୁ ଓକିଲ ସଂ ସମ୍ପାଦକ ସମ୍ବିତ କୁମାର ନନ୍ଦୀ ଦାବି କରିଛନ୍ତି। ପୁଲିସ ପ୍ରଶାସନ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ସୁପ୍ରିମକୋର୍ଟ ଗାଇଡ ଲାଇନ ଅନୁସାରେ ସେମାନେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ପଦଯାତ୍ରାରେ ବାର ଆସୋସିଏସନର ପୂର୍ବତନ ସଭାପତି ମନୋଜ ନାୟକ, ରଘୁନାଥ ପ୍ରଧାନ, ପୂର୍ବତନ ସମ୍ପାଦକ ଦୀପକ ଦାସଙ୍କ ସମେତ ଓକିଲମାନେ ଉପସ୍ଥିତ ଥିଲେ।

**ବଢ଼ିଲାନି ଆଳୁ ଉତ୍ପାଦନ**

# ସ୍ୱପ୍ନ ହୋଇ ରହିଗଲା ଶୀତଳଭଣ୍ଡାର

**ଭୁବନେଶ୍ୱର,୧୦।୭ (ସମିସ):** ଗାଁରୁ ସହର ପର୍ଯ୍ୟନ୍ତ ଆଳୁ ଦର ଏବେ କିଲୋ ପିଛା ୨୦ ଟଙ୍କା ଓ ପିଆଜ ୨୫ ଟଙ୍କାରେ ବିକ୍ରି ହେଉଛି। କିଛି ମାସ ତଳେ ଉତ୍ପାଦନ ହୋଇଥିବାରୁ ଏହି ଦର ଗତ କିଛି ମାସ ହେଲା ସ୍ଥିର ରହିଛି। ମାତ୍ର ଆଉ ଦୁଇ ମାସ ପରେ ଆଳୁର ତିରୋଟାଭାବ ଦେଖାଯିବ। ସେତେବେଳେ ଓଡ଼ିଶାରେ ଆଳୁ କିଲୋ ୩୦ ଟଙ୍କା ଓ ପିଆଜ କିଲୋ ୫୦ ଟଙ୍କା ଛୁଇଁବ ବୋଲି ବଜାର ବିଶେଷଜ୍ଞମାନେ ଏବେଠୁ ଆକଳନ କଲେଣି। ଗତବର୍ଷ ଭଳି ରାଜ୍ୟରେ ପୁଣିଥରେ ଆଳୁ ସଂକଟ ଦେଖାଦେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଲାଣି। କାରଣ ଗତବର୍ଷ ଆଳୁ ସଂକଟ ସମୟରେ ସରକାର ଆଳୁ ଚାଷକୁ ନେଇ ବାହାସ୍ଫୋଟ ମାରିଲେ। ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ମଧ୍ୟ ବଡ଼ ବଡ଼ କଥା କହିଲେ। ଏହାରି ଭିତରେ ବର୍ଷେ ବିତି ଯାଇଥିଲେ ବି ଚାଷ କି ଶୀତଳଭଣ୍ଡାର କାର୍ଯ୍ୟ ପାଦେ ବି ଆଗେଇ ପାରିନି। କେବଳ କିଛି ଅଧିକ ମାତ୍ରାରେ ଚାଷୀଙ୍କୁ ଆଳୁ ବିହନ ବିକ୍ରି କରି ସରକାର ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ଚୁପ୍ ବସିଗଲେ। ଅନ୍ୟପଟରେ ଜିଲ୍ଲା କୃଷି କାର୍ଯ୍ୟାଳୟ ଜରିଆରେ ଚାଷୀଙ୍କୁ ଜୋର୍‌କରି ଆଳୁ ବିହନ ଯୋଗାଇ ଦିଆଗଲା। ହେଲେ ସେହି ବିହନ ସବୁ ପଚା ପଡ଼ିଲା। ଫଳରେ ଚାଷୀ ଚାଷ କରିପାରିଲା ନାହିଁ।



- ଆଗକୁ ଦରବୃଦ୍ଧିରେ ପେଷି ହେବେ ଖାଉଟି
- ଘୋଷଣାରେ ଅଟକିଛି ଶୀତଳଭଣ୍ଡାର ନିର୍ମାଣ
- ଅଭାବୀ ବିକ୍ରିର ଶିକାର ହେବେ ରାଜ୍ୟର ଚାଷୀ

ତେଣୁ ଉତ୍ପାଦନ ବଢ଼ିବା ଆଶା ମଧ୍ୟ କ୍ଷୀଣ ହୋଇଗଲା। ରାଜ୍ୟରେ ଯେତିକି ଆଳୁ ଉତ୍ପାଦନ ହେଲା, ଶୀତଳଭଣ୍ଡାର ନ ଥିବାରୁ ବାହାର ରାଜ୍ୟର ବେପାରୀ ଚାଷୀଙ୍କଠାରୁ ଶାଗ-ମାଛ ଦରରେ କିଣିନେଲେ।

ସୂଚନାନୁସାରେ, ରାଜ୍ୟରେ ବର୍ଷକ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଓ ୩ଲକ୍ଷ ୭୫ହଜାର ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ରାଜ୍ୟରେ ପୂର୍ବରୁ ୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦିତ ହେଉଥିବାବେଳେ ଏବେ ୬ ଲକ୍ଷ ହେଉଛି ବୋଲି ସରକାର କହୁଛନ୍ତି। ସେହିଭଳି ପିଆଜ ପାଖାପାଖି ୪ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଛି। ହେଲେ ସଂରକ୍ଷଣ ବ୍ୟବସ୍ଥା ନ ଥିବା କାରଣରୁ ପଡ଼ୋଶୀ ରାଜ୍ୟର ବ୍ୟବସାୟୀମାନେ ଆଳୁ କିଲୋ ପିଛା ୫ ଟଙ୍କା ଓ ପିଆଜ କିଲୋ ପିଛା ୧୦ଟଙ୍କାରେ ଚାଷୀଙ୍କଠାରୁ ବିଲ ମୁଣ୍ଡରୁ କିଣି ନେଉଛନ୍ତି। ଆଳୁ ପାଇଁ ଓଡ଼ିଶା ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରୁଥିବାବେଳେ ପିଆଜ ଲାଗି ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଉପରେ ନିର୍ଭର କରୁଛି। ଓଡ଼ିଶାକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ କରିବା ପାଇଁ ସରକାର ବଡ଼ ବଡ଼ ସ୍ୱପ୍ନ ଦେଖାଇଥିଲେ ବି କାଣିଚାଏ ବି ସେଥିରୁ ପୂରଣ କରିପାରିଲେନି। ଏବେ ପୂର୍ବଭଳି ପଶ୍ଚିମବଙ୍ଗ ହାତଟେକାକୁ ଚାହିଁ ବସିବାକୁ ପଡ଼ିବ ବୋଲି ବ୍ୟବସାୟୀଙ୍କ ମହଲରେ ଆଲୋଚନା ହେଉଛି।

ଆଳୁ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସବୁଠାରୁ ବଡ଼ ବାଧକ ହେଉଛି ଶୀତଳ ଭଣ୍ଡାର ସମସ୍ୟା। ଅଧିକାଂଶ ସମବାୟ ଶୀତଳଭଣ୍ଡାର ଅଚଳ ହୋଇପଡ଼ିଛି। ଘରୋଇ ଉଦ୍ୟମରେ ଶୀତଳଭଣ୍ଡାର ସ୍ଥାପନ ଲାଗି ଯେଉଁ ଉଦ୍ୟମ ହୋଇଥିଲା, ତାହା ସେତେଟା ସଫଳ ହୋଇନାହିଁ। ବିଶେଷକରି ଏ କ୍ଷେତ୍ରରେ ବିଦ୍ୟୁତ୍ ଦର ବୃଦ୍ଧି ଓ ବିଦ୍ୟୁତ୍ କାଟ୍ କଣ୍ଟା ସାଜୁଥିବାରୁ ଘରୋଇ ଉଦ୍ୟୋଗୀମାନେ ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଶୀତଳଭଣ୍ଡାର ପାଇଁ ସେଭଳି ଆଖିଦୃଶିଆ ଆବେଦନ ହୋଇ ନ ଥିବା ଜଣାପଡ଼ିଛି। ସରକାର ବି ସମବାୟ ଭିତ୍ତିରେ ଶୀତଳଭଣ୍ଡାର ପ୍ରତିଷ୍ଠା କରୁନାହାନ୍ତି। ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ଲାଗି ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଥିବାବେଳେ କେବେ ଏହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହେବ, ତାହାକୁ ଚାଷୀମାନେ ଚାତକ ଭଳି ଅନାଇ ରହିଛନ୍ତି।

## କଳବଳ କରୁଛି ସୁବର୍ଣ୍ଣରେଖା ନଦୀର ବନ୍ୟା

# ୮ ପଞ୍ଚାୟତର ୩୦ ଗାଁରେ ପଶିଲା ବନ୍ୟାଜଳ





ବାଲିଆପାଳ, ୧୦।୭ (ସମିସ)

ସୁବର୍ଣ୍ଣରେଖା ନଦୀରେ ଜଳପତନ ବୃଦ୍ଧି ପାଇ ପୁଣିଥରେ କୂଳ ଲଂଘି ବାଲିଆପାଳ ବ୍ଲକର ଗାଁ ଗଣ୍ଡାରେ ପ୍ରବେଶ କରିବା ଆରମ୍ଭ କରିଛି । ଦ୍ୱିତୀୟ ବନ୍ୟାର ପାଣି ନ ଛାଡୁଣୁ ପୁଣି ଥରେ ତୃତୀୟ ବନ୍ୟା ଆସିବା ଫଳରେ ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି । ସୁବର୍ଣ୍ଣରେଖା ନଦୀର ଜଳ ପତନ ରାଜଘାଟଠାରେ ଏହାର ବିପଦ ସଂକେତ ୧୦.୩୬ ମିଟର ତଳେ ୧୦.୦୫ ମିଟରରେ ସ୍ଥିର ରହିଛି । ଗାଲୁଡିହ ବ୍ୟାରେଜରୁ ଏକ ଲକ୍ଷ କ୍ୟୁସେକ ବନ୍ୟାଜଳ ନିଷ୍କାସିତ ହୋଇଥିବାରୁ ଏହି ଜଳସ୍ତର ଆଗକୁ ଆହୁରି ବୃଦ୍ଧି ପାଇବ । ଏହାର ପ୍ରଭାବରେ ଆଜି ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଞ୍ଚାୟତ ଜଳମଗ୍ନ ହୋଇଛି । ଚଡପାଳ ପଡ଼ା, ତଳ ଧାନଦା, ଚଡବଡ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧ୍ୱରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ପାଳପଡ଼ା-ଚଡ ପାଳପଡ଼ା, ପାରୁଳିଆ-ପାଳ ଚମ୍ପେଇ, ପଞ୍ଚୁରୁଖି-ଚଉର୍ଦ୍ଧ୍ୱରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ବନ୍ୟା ଯୋଗୁଁ ଲୋକେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି । ପ୍ରଶାସନ ପକ୍ଷରୁ ଚୌଧୁରୀକୁଦ, ବଡତାଳପଦା ଏବଂ ବିଷ୍ଣୁପୁର ଗ୍ରାମକୁ ବୋଟ ଯୋଗାଇ ଦିଆଯାଇଛି । ୧୦ଟି ବୋଟ ମହଜୁଦ ରଖାଯାଇଛି । ଅଧିକ ପାଣି ଆସିଲେ ସମସ୍ତ ବୋଟକୁ ନିୟୋଜିତ କରାଯିବ ବୋଲି ବିଡିଓ ରାଧାରଞ୍ଜନ ଦାସ କହିଛନ୍ତି । ସେହିପରି ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଏବଂ ପିଇବା ପାଣି ମହଜୁଦ ସହ ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା ବିଡିଓ ଶ୍ରୀ ଦାସ କହିଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳ ଗସ୍ତରେ ଆସି ବନ୍ୟାର ସମୀକ୍ଷା କରିବା ସହ ବନ୍ୟାକୁ ନେଇ କୌଣସି ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ କହିଛନ୍ତି ।

ସୂଚନାଯୋଗ୍ୟ ଜୁନ ୨୧ରେ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଅସିଥିବା ବେଳେ ଜୁନ ୩୦ ତାରିଖରେ ଦ୍ୱିତୀୟ ବନ୍ୟା ଆସିଥିଲା । ସେବେଠାରୁ ଲଘୁଚାପ ଜନିତ ବର୍ଷା ପୁଣି ଆଜି ସୁବର୍ଣ୍ଣରେଖା ନଦୀରେ ତୃତୀୟଥର ବନ୍ୟା ଆସିଛି । ଚାଷ ବାସ ସବୁ କିଛି ଉଜୁଡି ଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାଲିଆପାଳ ଗସ୍ତ କରି ୭ ଦିନର ରିଲିଫ ଘୋଷଣା କରିଥିଲେ । ରିଲିଫ୍ ନ ଆସୁଣୁ ପୁଣି ବନ୍ୟା ଲୋକଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି ।

## ଶିରିଡି ସାଇ ମନ୍ଦିରରେ ରକ୍ତଦାନ ଶିବିର



ଜଳେଶ୍ୱର, ୧୦।୭ (ସମିସ): ଜଳେଶ୍ୱର ଚନ୍ଦନାଠାରେ ଶିରିଡି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉପଲକ୍ଷେ ଶିରିଡି ସାଇ ଅର୍ଚ୍ଚନା ଟ୍ରଷ୍ଟ ଓ ଜଳେଶ୍ୱର ରୋଟାରୀ କ୍ଲବ ମିଳିତ ସହଯୋଗ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ବିଶିଷ୍ଟ ସମାଜସେବୀ ସନ୍ତୋଷ କୁମାର ରଣା ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ । ସାଇ ମନ୍ଦିର ସଭାପତି ତଥା ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି ମନ୍ଦିର ସମ୍ପାଦକ ତଥା କ୍ଲବ ଆଇପିପି ଭାସ୍କର ରଞ୍ଜନ ସ୍ୱାଇଁ, ସମ୍ପାଦକ ଅଂଶୁମାନ ରାଉତ, ପ୍ରାକ୍ତନ ସଭାପତି ବିକାଶ କୁମାର ଧର, ସୁବ୍ରତ ରଣା, ରାଜେଶ ଖଟୁଆ, ପ୍ରବୀର ପ୍ରଧାନ, ସୁବୀର ଚାଟାର୍ଜୀ, ମଣିଭଦ୍ର ଜେନା, ଆଶୋକ ମହାନ୍ତି, ରୋଟାରିଆନ ସୂର୍ଯ୍ୟନନ୍ଦ ପାଲ, ସୌମ୍ୟସାଗର କାମିଲା, ଦୀପ୍ତି ନନ୍ଦୀ, ରିଙ୍କି ଗିରି, ଶ୍ୟାମସୁନ୍ଦର ମିର୍ଦ୍ଧା ଓ ଟ୍ରଷ୍ଟ ସଦସ୍ୟ ବିଶ୍ୱଜିତ ସାହୁ, ରବୀନ୍ଦ୍ରନାଥ ଦାସ, ଦେବଜିତ ପ୍ରଧାନ, ବିଜୟ କର, ଅଞ୍ଜନ କୁମାର ଦେ, ଶୁଭମ ପ୍ରଧାନ, ଶୁଭମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବାଲେଶ୍ୱର ରକ୍ତଭଣ୍ଡାର ପକ୍ଷରୁ ଡା. ଦେବପ୍ରିୟା ଘୋଷ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସଦସ୍ୟ ଦେବାଶିଷ ପାତ୍ର, ବିଜୟ ପଟ୍ଟନାୟକ, ରାଜେଶ ମିଶ୍ର, ହେମଲତା ସେଠୀ ରକ୍ତ ସଂଗ୍ରହ କରିଥିଲେ । ଶିବିରରୁ ୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଗୁରୁପୂର୍ଣ୍ଣିମା ଅବସରରେ ମନ୍ଦିରରେ ଶିରିଡି ସାଇଙ୍କ ପାଲିଙ୍କି ଯାତ୍ରା ଓ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା ।

## ଚୋରା ମଦ ଜବତ, ୩ ଗିରଫ

ଭୋଗରାଇ, ୧୦।୭ (ସମିସ): ଭୋଗରାଇ ବ୍ଲକ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଡାଉ କରାଯାଇଥିବା ସମୟରେ ୬୨ ଲିଟର ଚରାମଦ ସହିତ ଏକ ବାଇକ୍ ଓ ତିନିଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଥିଲା । ଭୋଗରାଇ ପଞ୍ଚାୟତ ଲକ୍ଷ୍ମୀ ପାଟଣା ଗ୍ରାମର କାଳିଚରଣ ବେହେର ୧୧ ଲିଟର, ରସୁଲପୁର ଗ୍ରାମର ଲକ୍ଷ୍ମୀ ଧର ବେହେରା ୧୪ ଲିଟର, ଜଳସହୋରିଆ ଗ୍ରାମର ଅଶୋକ ଧଡା ପାଖରୁ ୩୭ ଲିଟର ସହିତ ଏକ ବାଇକ୍ ଜବତ୍ କରିଥିଲା ଅବକାରୀ ବିଭାଗ । ସେମାନଙ୍କ ନାମରେ ପୃଥକ୍ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପୁଣଗୀ ହାଁସଦାଙ୍କ ଘରେ ପହଞ୍ଚିଲା ପ୍ରଶାସନ




ଜଳେଶ୍ୱର ବ୍ଲକ, ୧୦।୭ (ସମିସ) : ଗତ ଜୁଲାଇ ୬ ତାରିଖରେ 'ସକାଳ' ଖବର କାଗଜରେ ରାଇବଣିଆ ଅଞ୍ଚଳରେ ଆଦିବାସୀଙ୍କୁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଥିବା କିଛି ପରିବାରର ସମସ୍ୟା ସମ୍ପର୍କରେ ଖବର ପ୍ରସାରଣ ପରେ ତତ୍ପର ହୋଇ ପଡ଼ିଛି ବ୍ଲକ ପ୍ରଶାସନ । ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ଗାଁ ଗାଁ ରେ ପିଇବା ପାଣିର ସମସ୍ୟା ହେଉ କିମ୍ବା ରାସ୍ତାଘଟାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା କି ରାଇବଣିଆ ଗ୍ରାମ ପଞ୍ଚାୟତର କବାଟଘାଟି ଆଦିବାସୀ ଗ୍ରାମରେ । ସ୍ୱର୍ଗତ ସାଗର ହାଁସଦାଙ୍କ ବିଧବା ପତ୍ନୀ ପୁଣଗୀ ହାଁସଦା(୭୨)ଙ୍କୁ ବୟସର ଅପରାହ୍ନରେ ବିଧବା ଭତ୍ତା ଓ ପକ୍କା ଘରଟିଏ ମିଳିନାହିଁ । ଏ ନେଇ 'ସକାଳ'ରେ ଖବର ପ୍ରସାରଣ ପରେ ଜଳେଶ୍ୱର ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ତାଙ୍କ ଘରେ ପହଞ୍ଚି ତାଙ୍କର ସମସ୍ତ ଭତ୍ତା ପାଇଁ ଦରକାର ପଡୁଥିବା କାଗଜ ପତ୍ର ନେବା ସହିତ ତାଙ୍କୁ ଖୁବ୍‌ଶୀଘ୍ର ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି ।

## ବରିଷ୍ଠ ବିଜେପି ନେତାଙ୍କ ପରଲୋକ



ବାଲିଆପାଳ, ୧୦।୭ (ସମିସ): ବାଲିଆପାଳ ବ୍ଲକ ରତାଇ ପଞ୍ଚାୟତ ବଡକୌର୍ଦ୍ଧା ଗ୍ରାମର ବରିଷ୍ଠ ବିଜେପି ନେତା ବିଜୟ ଚନ୍ଦ୍ର ଦାସଙ୍କ ୭୦ ବର୍ଷ ବୟସରେ ବ୍ରେନ ଷ୍ଟ୍ରୋକରେ ପର ଲୋକ ହୋଇଯାଇଛି । ସ୍ୱର୍ଗତ ଦାସ ସୋମବାର ଘରେ ବସିଥିବା ବେଳେ ହଠାତ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ । ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ତାଙ୍କର ପରଲୋକ ହୋଇଯାଇଥିଲା । ଆଜି ସନ୍ଧ୍ୟାରେ ମର ଶରୀର ଗାଁରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଏକମାତ୍ର ପୁତ୍ର ନଳିନୀକାନ୍ତ ଦାସ ମୁଖାଗ୍ନି ଦେଇଥିଲେ ।

## ଡ୍ରାଇଭର ମହାସଂଘର ଧାରଣା ତୃତୀୟ ଦିନରେ

# ଗାଡ଼ି ଆଗରେ ଅଧିଆ ପଡ଼ି ଅଭିନବ ପ୍ରତିବାଦ



ରାଜଘାଟ, ୧୦।୭ (ସମିସ): ଗାଡ଼ି ଆଗରେ ଅଧିଆ ପଡ଼ି ଅଭିନବ ଉପାୟରେ ପ୍ରତିବାଦ କରୁଛନ୍ତି ଡ୍ରାଇଭର ମହାସଂଘ । ଧାରଣାର ଆଜି ତୃତୀୟ ଦିନ, ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ବସ୍ତା ବ୍ଲକ ସୀମାନ୍ତ ରାଜଘାଟ ବଜାର ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି । ଧାରଣା ରେ ଶତାଧିକ ଡ୍ରାଇଭର ସାମିଲ ହୋଇଛନ୍ତି । ଯଦି ସରକାର ଦାବି ନ ଶୁଣନ୍ତି ତାହାହେଲେ ଆଗାମୀ ଦିନରେ ପରିବାର ସହିତ ଧାରଣା ରେ ବସିବା ନେଇ ଚେତାବନୀ ଦେଇଛନ୍ତି । ପୂର୍ବ ସରକାରଙ୍କୁ ଧନ୍ୟବାଦ ଜଣାଇଲେ ଡ୍ରାଇଭର ସଂଘ, ପୂର୍ବ ସରକାର ଗୋଟିଏ ଦାବି ପୂରଣ କରିଥିବା ବେଳେ ବର୍ତ୍ତମାନ ସରକାର ଆମ ସଂଘକୁ ଭାଗ ଭାଗ କରିବାରେ ଲାଗିପଡ଼ିଛନ୍ତି ବୋଲି ଡ୍ରାଇଭର ମାନେ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ରତର ହେବା ସହିତ ରାଜରାସ୍ତାକୁ ଓଲ୍ହାଇବା ନେଇ ଚେତାବନି ଦେଇଛନ୍ତି । ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ସାମିଲ ନ ହୋଇ ଯେଉଁ ଡ୍ରାଇଭର ଭାଇ ମାନେ ଗାଡ଼ି ଚଳାଉଛନ୍ତି ସେହି ଡ୍ରାଇଭର ଭାଇ ମାନଙ୍କ ଗାଡ଼ି ଆଗରେ ଅଧିଆ ପଡ଼ି ତାଙ୍କୁ ଅଭିବାଦନ ଜଣାଇବା ସହିତ ଆଗାମୀ ଦିନରେ ଏହି ଆନ୍ଦୋଳନରେ ସାମିଲ ହେବା ପାଇଁ ଗୁହାରୀ ଜଣାଉଛନ୍ତି । ଉକ୍ତ ଧାରଣାରେ ରସଗୋବିନ୍ଦପୁର ବ୍ଲକ ସଭାପତି ଦିଲ୍ଲୀପ କୁମାର ପାତ୍ର, ଉପସଭାପତି ଶିବଶଙ୍କର ମହାନ୍ତି ଓ ପ୍ରଦୀପ ବେହେରା, ସମ୍ପାଦକ କମଲ ଲୋଚନ ବେହେରା, ସହ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ଗଡ଼ିଘାଟି ଗ୍ରାମ ପଞ୍ଚାୟତ ସଭାପତି ଦେବେନ୍ଦ୍ର ଦାସ, କୋଷାଧ୍ୟକ୍ଷ ଖଗେଶ୍ୱର କବି, ଶ୍ୟାମସୁନ୍ଦର ସାହୁ, ବିରେନ୍ଦ୍ର ଜେନା, ପଙ୍କଜ ଦାସ, ଉତ୍ତମ ମହାନ୍ତି ଯତୀନ୍ଦ୍ର ସିଂ ବ୍ରହ୍ମାନନ୍ଦ ଆଚାର୍ଯ୍ୟ, ବିଶ୍ୱଜିତ ସେଠି, ପୁଷ୍ପଜିତ ବେହେରା, ନିରୋଜ ସିଂଙ୍କ ସହ ବହୁ ଡ୍ରାଇଭର ଭାଇ ମାନେ ଉପସ୍ଥିତ ଥିଲେ ।

# ନିମ୍ନମାନର କାମ; ୧୦ ଦିନରେ କଂକ୍ରିଟ ରାସ୍ତା ଫାଟିଲା



ନୀଳଗିରି, ୧୦।୭ (ସମିସ) : ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି । ହେଲେ ସଠିକ୍ କାମ ବଦଳରେ ନିମ୍ନମାନର କାର୍ଯ୍ୟ କରାଯାଇଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣ କରାଯିବାର ମାତ୍ର ୧୦ରୁ ୧୫ ଦିନ ଭିତରେ କଂକ୍ରିଟ ରାସ୍ତା ଫାଟି ଆଁ କରିବା ସହ ରାସ୍ତାରେ ଉଭୟ ପାର୍ଶ୍ୱରେ ଅତଡ଼ା ଖସିବା ଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ନୀଳଗିରି ବ୍ଲକ ଅଧୀନ ତେଲିପାଳ ପଞ୍ଚାୟତର ଜ୍ଞାନରଞ୍ଜନ ଶଙ୍ଖୁଆଙ୍କ ଘରଠାରୁ ପଶ୍ଚିମା ଠାକୁରାଣୀ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଚଳିତ ୨୦୨୫/୨୬ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଏହି ରାସ୍ତାର କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ ଏହି କାର୍ଯ୍ୟରେ କେହି ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦର ନିଜ ମନ ମୁତାବକ କାର୍ଯ୍ୟ କରିଥିଲେ । ଏହା ସହ ସମ୍ପୃକ୍ତ ଠିକାଦାର ଗ୍ରାମବାସୀଙ୍କ କଥାକୁ ଜମାରୁ ଗୁରୁତ୍ୱ ଦେଲେନାହିଁ । ତେବେ ୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ଏହି ରାସ୍ତାର କାମ ସିମେଣ୍ଟ ଅଧିକ ଭାଗ ବଦଳରେ ବାଲି ଅଧିକ ଦେଇ କଂକ୍ରିଟ ରାସ୍ତା ନିର୍ମାଣ ଫଳରେ ରାସ୍ତା ମଝି ମଧ ଫାଟିକି ଆଁ ହେବା ସହ ରାସ୍ତାର ପାର୍ଶ୍ୱରେ ଅତଡ଼ା ଖସିବା ଭଳି ହୋଇଥିବା ଅଭିଯୋଗ ହୋଇଛି । ନୀଳଗିରି ବ୍ଲକ ପକ୍ଷରୁ ଏହି କାର୍ଯ୍ୟକୁ ତଦାରଖ କରାଯାଉଥିବା ବେଳେ ଠିକାଦାରଙ୍କୁ ଆକଟ କରାଯାଇ ନଥିବା ଯୋଗୁଁ ଏଭଳି ପରିସ୍ଥିତି ହୋଇଥିବା କୁହାଯାଉଛି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ମହାନ୍ତିଙ୍କୁ ପଚରାଯିବାରୁ ସେ ଏହି ପ୍ରସଙ୍ଗରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କଲେଜରେ ପ୍ରବେଶ ଉତ୍ସବ



କାଳିପଦା, ୧୦।୭ (ସମିସ) : ନବାଗତ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ପକ୍ଷରୁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାଧ୍ୟାପକ ଶକ୍ତି ପ୍ରସନ୍ନ ଚାନ୍ଦ, ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ଡ. ଶିବନାରାୟଣ ମହାପାତ୍ର, ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ନଗେନ୍ଦ୍ର ନାଥ ପାତ୍ର, ଆଶୁତୋଷ ଯତି, ସୁରେଶ କୁମାର ନାୟକ, ଅଧ୍ୟାପିକା ତନୁଶ୍ରୀ ନାୟକ, ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ନୂଆ ପାଠ୍ୟ ଖସଡ଼ା, କଲେଜର ନୀତି ନିୟମ, ସଂସ୍କୃତି ପରମ୍ପରା ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ତାପସ ତନୟ ନନ୍ଦୀ, ଅଜିତ କୁମାର ଭୂୟାଁ, ପ୍ରକାଶ ବିଶ୍ୱାଳ, ନିର୍ମଳ କୁମାର ସାମଲ, ପରମାନନ୍ଦ ମହାନ୍ତି, ଶଶିକାନ୍ତ ଜେନା, ବଂଶୀଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ




ନୀଳଗିରି, ୧୦।୭ (ସମିସ): ନୀଳଗିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମାନନୀୟ ବିଜନ କୁଗମାର ଜେନା, (ବିଭାଗୀୟ ନିରୀକ୍ଷକ, ବାଲେଶ୍ୱର) ମୁଖ୍ୟବକ୍ତା ଭାବେ କିରଣ କୁମାର ମହାରଣା (ଜିଲ୍ଲା ପ୍ରମୁଖ), ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ହୃଷୀକେଶ ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ବାରିକ, ଅବସର ପ୍ରାପ୍ତ ଆଚାର୍ଯ୍ୟ ମହେନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗଦେଇ ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ଓ ଛାତ୍ର/ଛାତ୍ରୀ) କର୍ତ୍ତବ୍ୟ ସମ୍ପର୍କରେ ବହୁ ମୂଲ୍ୟବାନ କଥା ବକ୍ତବ୍ୟ ରେ କହିଥିଲେ । ଅବସର ଗ୍ରହଣ କରିଥିବା ଆଚାର୍ଯ୍ୟ ମହେନ୍ଦ୍ର କୁମାର ବାରିକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପାଇଁ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ଭଉଣୀ ସୁଭ୍ରାଙ୍ଗୀ ରାଉତ କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ଶିଶୁଭଉଣୀ ପ୍ରତ୍ୟୁଷା ଦଳେଇ ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ ।

## ଡଗରା ବେଳାଭୂମିରେ ବଙ୍ଗୀୟ ଦମ୍ପତିଙ୍କୁ ଅସଦାଚରଣ, ଦୁଇ ଯୁବକ ଗିରଫ

ବାଲିଆପାଳ, ୧୦।୭ (ସମିସ): ବାଲିଆପାଳ ଥାନା ଅନ୍ତର୍ଗତ ଡଗରା ବେଳାଭୂମିରେ ଏକ ବଙ୍ଗୀୟ ଦମ୍ପତି ପର୍ଯ୍ୟଟକଙ୍କୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଅସଦାଚରଣ କରିବାର ଭିଡିଓ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି । ଅପର ପଟରେ ଏତଲା କ୍ରମେ ବାଲିଆପାଳ ପୁଲିସ ମାମଲା ରୁଜୁ କରି ଆଜି ଦୁଇଜଣଙ୍କୁ ଗିରଫ କରଛି । ଗତ ରବିବାର ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମର ଜନୈକ ଦମ୍ପତି ଡଗରା ବେଳାଭୂମିକୁ ବୁଲିବାକୁ ଆସିଥିଲେ । ସେମାନେ ବେଳାଭୂମିରେ ବୁଲୁଥିବା ସମୟରେ ବଲୋଭୂମିରେ ବସି ମଦ୍ୟପାନ କରୁଥିବା ଚାରି ପାଞ୍ଚଜଣ ସ୍ଥାନୀୟ ଯୁବକ ଉକ୍ତ ଦମ୍ପତିଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ଦମ୍ପତି ପ୍ରତିବାଦ କରିବାରୁ ସେମାନଙ୍କୁ ମାଡ଼ ମାରି ଅସଦାଚରଣ କରିଥିଲେ ।

ଅନ୍ୟ କିଛି ପର୍ଯ୍ୟଟକଙ୍କ ହସ୍ତକ୍ଷେପ ପରେ ଉକ୍ତ ଦମ୍ପତି ସେହି ଯୁବକମାନଙ୍କ ଠାରୁ ଉଦ୍ଧାର ପାଇଥିଲେ । ଏ ନେଇ ପୀଡ଼ିତା ମହିଳା ଶ୍ରାବଣୀ କୁଣ୍ଡୁ ନାଗ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଜାମତକୁଲା ଗ୍ରାମର ବାବୁ ମହୁରୀ ଏବଂ କାଳୀପଦା ଅଞ୍ଚଳର ଦିଲ୍ଲୀପ ଦାସଙ୍କୁ ଗିରଫ କରିଛି । ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଯୋଗ୍ୟ ଡଗରା ବେଳଭୂମିରେ ପ୍ରତିଦିନ ବହୁ ପର୍ଯ୍ୟଟକ ଆସୁଥିବା ବେଳେ ସେଠାରେ ଆଇନ ସୃଙ୍ଖଳା ପରିସ୍ଥିତି ପାଇଁ କୌଣସି ପୁଲିସ ରହୁନଥିବାରୁ ବେଳାଭୂମିରେ ବହୁ ବେଆଇନ ମଦ ଦୋକାନ ଖୋଲିବା ସହ ମଦ୍ୟପଙ୍କ ଆଡ୍ଡା ଜମୁଛି । ବିଭିନ୍ନ ସମୟରେ ଏହିଭଳି ଛୋଟ ବଡ ଗଣ୍ଡଗୋଳ ଘଟୁଛି । ତୁରନ୍ତ ବେଳାଭୂମିରେ ଏକ ସାମୁଦ୍ରିକ ଥାନା ପ୍ରତିଷ୍ଠା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଚୌମୁଖ ଡଗରା ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଦାବି

କାଳିପଦା, ୧୦।୭ (ସମିସ)




ପ୍ରତ୍ୟେକ ଦିନ ଓଡ଼ିଶା ସମେତ ପଡୋଶୀ ରାଜ୍ୟରୁ ଶହ ଶହ ପର୍ଯ୍ୟଟକ ବାଲିଆପାଳ ବ୍ଲକର ଚୌମୁଖ ଡଗରା ବେଳାଭୂମିକୁ ବୁଲିବାକୁ ଆସନ୍ତି । ମାତ୍ର ସେମାନେ ନିଜକୁ ଏବେ ବେଳାଭୂମିରେ ସୁରକ୍ଷିତ ମଣୁନାହାନ୍ତି । ସେମାନେ ଅସାମାଜିକ ଲୋକ ମାନଙ୍କ ଅଶାଳୀନ ବ୍ୟବହାରର ଶିକାର ହେଉଛନ୍ତି । ବାରମ୍ବାର ଏହିପରି ଘଟଣା ବେଳାଭୂମି ପରିସରରେ ଘଟୁଥିଲେ ବି ପୁଲିସ ଆଖିବୁଜିଆ କୌଣସି ପଦକ୍ଷେପ ନେଉ ନାହିଁ । ଫଳରେ ଅସାମାଜିକ ଲୋକ ମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାକୁ ଲାଗିଛି । ଗତ ରବିବାର ଦିନ ଚାରି ଜଣ ପଶ୍ଚିମବଙ୍ଗ ପର୍ଯ୍ୟଟକ ଡଗରା ବେଳାଭୂମିକୁ ବୁଲିବାକୁ ଆସିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅସାମାଜିକ ଲୋକ ସେମାନଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ପିଟା ମରା କରିଥିଲେ । ଏହାକୁ ବିଭିନ୍ନ ସଂଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ଅଭିଯୁକ୍ତ ମାନଙ୍କ ତୁରନ୍ତ ଗିରଫ ଦାବି କରାଯାଇଛି । ବାଲିଆପାଳ ସୂଚନା ଅଧିକାର ଅଭିଯାନ ପକ୍ଷରୁ ସଂଗଠନର ସଭାପତି ଅନୁଜ କୁମାର ମହାପାତ୍ର, କୁଶ ଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ, ଅରୁଣ କୁମାର ମଣ୍ଡଳ, ଶରତ କୁମାର ପାତ୍ର, ପଦ୍ମନାଭ ଗଙ୍ଗାଇ ପ୍ରମୁଖ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା, ଅଭିଯୁକ୍ତ ମାନଙ୍କ ଗିରଫ ଓ ଡଗରାରେ ଏକ

### ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ସ୍ଥାନୀୟ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଫାଣ୍ଡି ଅଥବା ଥାନା ନ ଥିବାରୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ଏକ ଫାଣ୍ଡି ସରକାରଙ୍କ ତରଫରୁ ପ୍ରତିଷ୍ଠା ନ ହେଲେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ତରଫରୁ ବିରାଟ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଂଘର ସଭ୍ୟ ସଭ୍ୟା ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ଜାତୀୟ ମତ୍ସ୍ୟ ଚାଷ ଦିବସ ପାଳିତ



ବାଲେଶ୍ୱର, ୧୦।୭ (ସମିସ): ସ୍ଥାନୀୟ ଉପମତ୍ସ୍ୟ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ମତ୍ସ୍ୟ ଚାଷ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ପଶୁଧନ ଅଧିକାରୀ ଦେବେନ୍ଦ୍ର କୁମାର ସୋଲାଙ୍କି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମୃତ୍ତିକା ସଂରକ୍ଷଣର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଉଦ୍ୟାନ ନିର୍ଦ୍ଦେଶକ ପ୍ରଦୀପ କୁମାର ବଳ, ଜିଲ୍ଲା ପ୍ରକଳ୍ପ ସଂଯୋଜକ(ମିଶନ ଶକ୍ତି) କାର୍ତ୍ତିକ ଚନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଏହି ଦିବସ ପାଳନ ସମ୍ପର୍କରେ ମତ ରଖିଥିଲେ। ଏହି ଜାତୀୟ ମତ୍ସ୍ୟ ଚାଷ ଦିବସ ପାଳନ ଅବସରରେ ସମସ୍ତ ଅତିଥିମାନେ ମତ୍ସ୍ୟ ଚାଷ ସହିତ ଆନୁଷଙ୍ଗିକ କୃଷିର ବିକାଶ ଓ କୃଷକର ଆୟ ଦ୍ୱିଗୁଣିତ କରିବା ଉପରେ ବିଶେଷ ଆଲୋକପାତ କରିଥିଲେ। ବାଲେଶ୍ୱର ଜୋନ ଉପ ମତ୍ସ୍ୟ ନିର୍ଦ୍ଦେଶକ ଦୀପ୍ତି କୁମାର ମହାପାତ୍ର ମତ୍ସ୍ୟ ବିଭାଗ ଦ୍ୱାରା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଜାତୀୟ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ୭୫ ଜଣ ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ୫ଜଣ ହିତାଧିକାରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ, ବରିଷ୍ଠ ଓ କନିଷ୍ଠ ବୈଷୟିକ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ। ନୀଳଗିରି ସହକାରୀ ମତ୍ସ୍ୟ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶୀ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଅସୁନ୍ଦର ଦିଶିଲାଣି ସହରର ମୁଖ୍ୟ ପ୍ରବେଶ ପଥ

ବାଲେଶ୍ୱର, ୧୦।୭ (ସମିସ)

- ବର୍ଷେ ହେଲା ସଫେଇ ହୋଇନି
- ଡିଭାଇଡରରେ ବଡ଼ ବଡ଼ ଗଛ ଉଠି ରାସ୍ତାକୁ ମାଡ଼ିଲାଣି



ସହର ଭିତରକୁ ପଶିବା ମାତ୍ରେ ଅନାବନା ଗଛ ଭର୍ତ୍ତି। ବିଶେଷକରି ବାହାରୁ ଆସୁଥିବା ଲୋକଙ୍କ ଦୃଷ୍ଟିରେ ବାଲେଶ୍ୱର ସହରର ପ୍ରତିଛବି ଖରାପ ହେଉଛି। କାରଣ ଡିଭାଇଡର୍‌ରେ ଅନାବନା ଗଛ। ଛୋଟ ଛୋଟ ଗଛ ନୁହେଁ ବରଂ ଅବହେଳା ଯୋଗୁଁ ବଡ଼ ବଡ଼ ଗଛ ଉଠିଗଲାଣି। ପ୍ରାୟ ଏକ ବର୍ଷରୁ ଅଧିକ ଦିନ ହେବା ଏହା ସଫେଇ ହୋଇନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଗଛ ଗୁଡିକ ବଢ଼ି ରାସ୍ତାକୁ ମାଡି ଆସିଲାଣି। ଏପରି ଅବହେଳା ପାଇଁ ସହରର ସୌନ୍ଦର୍ଯ୍ୟ ବି ନଷ୍ଟ ହେଉଛି। ଏ ହେଉଛି ବାଲେଶ୍ୱର ସହରକୁ ପ୍ରବେଶର ମୁଖ୍ୟ ରାସ୍ତା।

କୁରୁଡାରୁ ତାମୁଲିଆ ଫ୍ଲାଏଓଭର ପର୍ଯ୍ୟନ୍ତ ଡିଭାଇଡର୍। ଯେଉଁଠି ରକ୍ଷଣାବେକ୍ଷଣ ଅଭାବରୁ ଡିଭାଇଡର୍ ଗଛରେ ଭର୍ତ୍ତି ହୋଇଗଲାଣି। ଖାଲି ସେତିକି ନୁହେଁ ସହରକୁ ପ୍ରବେଶ ଛକ ନିକଟରେ ଏକ ଗୋଲେଇ ପାର୍କ ରହିଛି। ଯାହା ଦୀର୍ଘବର୍ଷ ହେଲା ଅବହେଳିତ। ନା ସୌନ୍ଦର୍ଯ୍ୟକରଣ ଅଛି ନା ପାଣି ଫୁଆରା ଅଛି। ଯାହାକୁ ନେଇ କିଛି ସଚେତନ ନାଗରିକ ଏବଂ ଯୁବପିଢି ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବିଭିନ୍ନ ସହରକୁ ପ୍ରବେଶ କରିବା ମାତ୍ରେ ରାସ୍ତା ଡିଭାଇଡର୍ ରେ ବିଭିନ୍ନ ଫୁଲ ଗଛ ଆଦି ଲଗାଇ ସବୁଜିମା କରାଯିବାର ଉଦାହରଣ ରହିଛି। ହେଲେ ବାଲେଶ୍ୱର ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସହରକୁ ପଶିବା ମାତ୍ରେ ହିଁ ଲୋକଙ୍କ ନଜରରେ ଡିଭାଇଡର୍ ରେ ଉଠିଥିବା ଅନାବନା ଗଛ ହିଁ ନଜରକୁ ଆସୁଛି। ଆକର୍ଷଣ ବଦଳରେ ଦୃଷ୍ଟି ଆଡୁଆଳ କରୁଛି ଡିଭାଇଡର୍। ଡିଭାଇଡର୍ ସାରା ଅନାବନା ଗଛ ଓ ଘାସ ଭର୍ତ୍ତି। କିଛି ବର୍ଷ ପୂର୍ବରୁ ଏହି କୁରୁଡାରୁ ତାମୁଲିଆ ଓଭରବ୍ରିଜ ପର୍ଯ୍ୟନ୍ତ ରାସ୍ତା ଡିଭାଇଡର୍‌ରେ ଗଛ ଲଗାଯାଇଥିଲା। ହେଲେ ତାହା ଏବେ ନାହିଁ। ଅବହେଳା ପାଇଁ ସବୁକିଛି ଧୂଳିସାତ୍ ହୋଇଯାଇଛି। ଖାଲି ଏତିକି ନୁହେଁ ସହରର ଭିତରର ଅଧିକାଂଶ ରାସ୍ତା ଡିଭାଇଡର୍ ଏହିପରି ଅବହେଳିତ ହୋଇପଡ଼ିଛି। ଯାହାକୁ ନେଇ ସଚେତନ ନାଗରିକ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏକ ନୂତନ ପ୍ରୟାସ ଜାରି କରି କହିଥିଲେ, ଏବେ ସବୁ ଟ୍ରାଫିକ ପୋଷ୍ଟ ନିକଟ ଡିଭାଇଡରରେ ଲାଗିବ ପବିତ୍ର ତୁଳସୀ ଗଛ। ଏନେଇ ସବୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାସ ୨୦ ତାରିଖ ଦିନ ଏହି ଅଭିଯାନରେ ବ୍ୟାପକ ଭାବରେ ସହଭାଗିତା ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଡିଭାଇଡରରେ ଯଦି ତୁଳସୀ ଗଛ ଲାଗେ ତେବେ, ଟ୍ରାଫିକ୍‌ରେ କିଛି ସମୟ ପାଇଁ ଅଟକୁଥିବା ଯାତ୍ରୀ ଭଲ ଅକ୍ସିଜେନ ପାଇପାରିବେ ବୋଲି କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ। ହେଲେ ବାଲେଶ୍ୱର ସହରର କୌଣସି ଟ୍ରାଫିକ ପୋଷ୍ଟ ନିକଟରେ ତୁଳସୀ ଗଛ ଲଗାଯାଇନାହିଁ। ଏ ବାବଦରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି କହିଥିଲେ, ଟ୍ରାଫିକ ଛକ ନିକଟ ଡିଭାଇଡର୍‌ରେ ତୁଳସୀ ଗଛ ଲଗାଇବା ନେଇ ଆମକୁ କିଛି ଗାଇଡ୍ ଲାଇନ୍ ଆସିନାହିଁ। ସେଥିପାଇଁ ଗଛ ଲଗାଯାଇନି। ବାକି ଡିଭାଇଡର୍ ସଫେଇ କାମ ଚାଲିଛି। ବର୍ଷା ଦିନ ବୋଲି ସଫା କରିବା ସତ୍ତ୍ୱେ ବି ପୁଣି ଅନାବନା ଗଛ ଉଠିଯାଉଛି। ବାକି ପଞ୍ଚାୟତ ଅଞ୍ଚଳରେ ଥିବା ଡିଭାଇଡର୍ ସଫେଇ ପଞ୍ଚାୟତ ପକ୍ଷରୁ କରାଯିବା ଉଚିତ। ଯେହେତୁ ତାହା ସହରର ପ୍ରବେଶ ପଥ ତାହାକୁ ଆମେ ଖୁବଶୀଘ୍ର ସଫେଇ କରିଦେବୁ। ଅନ୍ୟପଟେ କୁରୁଡାରୁ ତାମୁଲିଆ ଓଭରବ୍ରିଜ ପର୍ଯ୍ୟନ୍ତ ଡିଭାଇଡର୍ ସଫେଇ ପଞ୍ଚାୟତ ପକ୍ଷରୁ କେବେ ହୋଇନାହିଁ ବୋଲି କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀ ସୂଚନା ଦେଇଥିଲେ।

ରାସ୍ତା ଡିଭାଇଡର୍ ରକ୍ଷଣାବେକ୍ଷଣ ଏବଂ ଗଛ ଲଗାଇବାର ଅନେକ କାରଣ ରହିଛି। ହେଲେ ବାଲେଶ୍ୱର ସହରରେ ଡିଭାଇଡର୍ ଅବହେଳିତ ଅବସ୍ଥାରେ ପଡ଼ିଛି। ନା ଗଛ ଲାଗିଛି ନା ଡିଭାଇଡର୍‌ର ବାଡ଼, ସହରର ଅନେକ ସ୍ଥାନରେ ଡିଭାଇଡର୍ ବାଡ ଭାଙ୍ଗି ନଷ୍ଟ ହୋଇଗଲାଣି। ଏଥିପ୍ରତି କାହାରି ଦୃଷ୍ଟି ମଧ୍ୟ ନାହିଁ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଗୁରୁପୂର୍ଣ୍ଣିମା



ବାଲେଶ୍ୱର, ୧୦।୭(ସମିସ): ମହାନ ଭାରତୀୟ ସଂସ୍କୃତିର ପରିଚାୟକ 'ଗୁରୁପୂଜନ' ପବିତ୍ର ବ୍ୟାସପୂର୍ଣ୍ଣିମା ଅବସରରେ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଦ୍ୱାରା ସଂଘ କାର୍ଯ୍ୟାଳୟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ ଦ୍ୱୈପାୟନ ବ୍ୟାସ ଓ କୋଟି ଓଡ଼ିଆର ଆରାଧ୍ୟ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ସ୍ଥାପନ ସହିତ ସଂଘ କାର୍ଯ୍ୟକାରିଣୀ ସମିତି ସଦସ୍ୟ ସଞ୍ଜୟ କୁମାର ପଣ୍ଡା (ଖ) ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ସଂଘ ସଭାପତି ଇଂ ବନମାଳୀ ନାୟକ ସଂଘଦ୍ୱାରା ପାଳିତ ହେଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିବସ ପାଳନର ଅଂଶ ସ୍ୱରୂପ ଆଜି ଗୁରୁପୂର୍ଣ୍ଣିମା ପାଳିତ ହେଉଥିବା ଉଲ୍ଲେଖ କରି କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନଙ୍କୁ ସ୍ୱାଗତ କରିଥିଲେ। ସଂଘର ବରିଷ୍ଠ ଉପଦେଷ୍ଟା ତଥା ଆଜିର ଦିବସ ପାଳନର ମୁଖ୍ୟ ଉଦ୍ୟୋକ୍ତା ବସନ୍ତ କୁମାର ନାୟକ ଗୁରୁପୂଜନର ତାତ୍ପର୍ଯ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ଓ ପଣ୍ଡିତ ଡ. କ୍ଷିତୀଶ୍ୱର ଦାଶ ବ୍ୟାସଦେବଙ୍କର ଜନ୍ମବୃତାନ୍ତ, ତାଙ୍କ ସୃଷ୍ଟ ମହାଭାରତ, ଅଷ୍ଟାଦଶ ପୁରାଣ, ବ୍ରହ୍ମସୂତ୍ର ଓ ଶ୍ରୀମଦ୍‌ଭାଗବତ ଗୀତା ସମ୍ବନ୍ଧରେ ଓ ବେଦର ବିଭାଜନ ସମ୍ବନ୍ଧରେ ବହୁ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଗୁଣାକାର ଦେ, ବାସନ୍ତୀ ପାଣି, ଜ୍ଞାନେନ୍ଦ୍ର ସାହୁ ଓ ସୁରେନ୍ଦ୍ର ଧଳ ମଧ୍ୟ ସେମାନଙ୍କର ବକ୍ତବ୍ୟରେ ବେଦବ୍ୟାସଙ୍କ କୃତି ଓ ଆଲୌକିକ ପ୍ରତିଭା ଯୋଗୁଁ ତାଙ୍କୁ ଭଗବାନଙ୍କ ଅବତାର ଭାବେ ଗ୍ରହଣ କରାଯାଏ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଦେବେନ୍ଦ୍ର ଚୌଧୁରୀ, କେଶବ ମହାନ୍ତି, ଗୌରାଙ୍ଗ ସାହୁ, ଶତ୍ରୁଘ୍ନ ପଣ୍ଡା, ନରେଶ ଚନ୍ଦ୍ର ଦାଶ, ରବିନାରାୟଣ ବେହେରା, ସାବିତ୍ରୀ ଦାସ, ଜ୍ୟୋସ୍ନା ରାୟ, ରୀତା ରାୟ, ଗୀତାଞ୍ଜଳି ଶତପଥି ପ୍ରମୁଖ ସହଯୋଗ କରିଥିବା ବେଳେ ପରିଚାଳନାରେ ନାରାୟଣ ପଣ୍ଡା, ତପନ ପଣ୍ଡା, ଭବେଶ ପଣ୍ଡା, କ୍ଷେତ୍ରମୋହନ ନାୟକ, ସେକ ଆଲ୍ଲାଉଦ୍ଦିନ, ପୁରୁଷୋତ୍ତମ ବେହେରା, ଶରତ ବିଶ୍ୱାଳ, ଲମ୍ବୋଦର ଗିରି, ପ୍ରଫୁଲ୍ଲ ଦାସ, ରବିନାରାୟଣ ପାତ୍ର, ସୁରେନ୍ଦ୍ର ନାୟକ, ପ୍ରଣିତା ମିଶ୍ର, ପଦ୍ମଲୋଚନ ଦତ୍ତ, ଅନୁପ ଆଚାର୍ଯ୍ୟ, କମଳାକାନ୍ତ ନାୟକ, ସୁନୀଲ ମାଇତି ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ଧନ୍ୟବାଦ ଦେଇଥିଲେ।

## କାର୍ଗିଲ ସହିଦ ଗଙ୍ଗାରାମଙ୍କ ପରିବାରକୁ ଭେଟିଲେ ସାଥୀ ଯବାନ



ବାଲେଶ୍ୱର, ୧୦।୭(ସମିସ): ଦୀର୍ଘ ୨୫ବର୍ଷ ତଳେ ହୋଇଥିଲା କାର୍ଗିଲ ଯୁଦ୍ଧ। ଏହି ଯୁଦ୍ଧରେ ବାଲେଶ୍ୱର କୁରୁଡା ଅଞ୍ଚଳର ଗଙ୍ଗାରାମ ସହିଦ ହୋଇଥିଲେ। ଗଙ୍ଗାରାମଙ୍କ ସାଥୀ ଯବାନମାନେ ଆଜି ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିଛନ୍ତି।

୧୯୯୯ ଜୁଲାଇ ୨୬ରେ ପାକ ସେନାଙ୍କ କବଳରୁ କାରଗିଲକୁ ମୁକ୍ତ କରିଥିଲେ ଭାରତୀୟ ସେନା। ଭାରତୀୟ ସେନାର ବିଜୟ ଅଭିଯାନ ସଫଳ ହୋଇଥିଲା। ୬୦ଦିନ ଧରି ଚାଲିଥିବା କାରଗିଲ ଯୁଦ୍ଧରେ ୫୨୭ ଭାରତୀୟ ଯବାନ ସହିଦ ହୋଇଥିଲେ। ସେଥିମଧ୍ୟରେ ସହିଦ ହୋଇଥିଲେ ବାଲେଶ୍ୱର ଜିଲ୍ଲାର ଗଙ୍ଗାରାମ। ସେ ଶତ୍ରୁଙ୍କ ଗୁଳିରେ ଯୁଦ୍ଧଭୂମିରେ ଟଳିପଡ଼ିଥିଲେ। ତାଙ୍କର ଗୋଟିଏ ପୁଅ, ପତ୍ନୀ ଓ ବୃଦ୍ଧ ବାପାଙ୍କୁ ଛାଡି ସବୁଦିନ ପାଇଁ ଚାଲିଯାଇଥିଲେ। ଏହି ଘଟଣାର ୨୫ ବର୍ଷ ପରେ ତାଙ୍କ ସାଥୀ ଯବାନଙ୍କ ଗୋଟିଏ ଟିମ୍ ଗଙ୍ଗାରାମଙ୍କ ଘରେ ପହଞ୍ଚି ପରିବାରର ସୁଖଦୁଃଖ ବୁଝିଛନ୍ତି।

ଉକ୍ତ ଟିମ୍‌ରେ ଆସିଥିବା ଯବାନ ରଫିକୁଲ ହସନ କହିଛନ୍ତି ଯେ କାର୍ଗିଲରେ କାର୍ଯ୍ୟରତ ଭାରତୀୟ ଯବାନମାନେ ସାରା ଦେଶରେ ସହିଦ ହୋଇଥିବା ୫୨୭ଜଣ ସହିଦଙ୍କ ଘରକୁ ଯାଇ ସେମାନଙ୍କ ସହ ଆଲୋଚନା କରିବା ସହ ତାଙ୍କ ପରିବାରକୁ ସମ୍ମାନିତ ମଧ୍ୟ କରିଛନ୍ତି। ଏଠାରେ ସହିଦ ଗଙ୍ଗାରାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ପତ୍ନୀ ମଣିମାଳାଙ୍କୁ ପ୍ରଶଂସା ପତ୍ର ଓ ମୋମେଣ୍ଟୋ ପ୍ରଦାନ କରାଯାଇଛି।

## ଏବିଭିପିର ପ୍ରତିଷ୍ଠା ଦିବସ ଅବସରରେ ମିନି ମାରାଥନ




ବାଲେଶ୍ୱର, ୧୦।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବାଲେଶ୍ୱର ତରଫରୁ ଏବିଭିପିର ୭୭ ତମ ପ୍ରତିଷ୍ଠା ଦିବସ ଅବସରରେ ଧ୍ୱଜା ଉତ୍ତୋଳନ ହେବା ସହ ଏକ ମିନି ମାରାଥନ ଅନୁଷ୍ଠିତ ହେଇଯାଇଛି। ଏହି ମିନି ମାରାଥନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ଗାନ୍ଧୀସ୍ମୃତି ଭବନ ଠାରେ ଶେଷ ହୋଇଛି। ଏହି ଅବସରରେ ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ, ଏବିଭିପି ଓଡ଼ିଶାର ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ପଣ୍ଡା ଓ ଶୁଭ୍ର ସମ୍ବିତ ନାୟକ, ବାଲେଶ୍ୱର ଜିଲ୍ଲା ପ୍ରମୁଖ ଅଧାପିକା ଲେଖାରାଣୀ ଦାସ ଏବଂ ବାଲେଶ୍ୱର ଏବିଭିପିର ପୂର୍ବତନ ବିଭାଗ ପ୍ରମୁଖ ଚନ୍ଦ୍ରଶେଖର ନନ୍ଦ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ନଗରର ବିଭିନ୍ନ ମହାବିଦ୍ୟାଳୟରୁ ପାଖାପାଖି ୨୦୦ରୁ ଅଧିକ ବିଦ୍ୟାର୍ଥୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଅଜୟ ମୁର୍ମୁ ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ର ସମାଜ କିପରି ରାଷ୍ଟ୍ର କାର୍ଯ୍ୟରେ ନିୟୋଜିତ ହେବେ ସେ ଦିଗରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା କ୍ଷୀରୋଦ ପଣ୍ଡା ଏବିଭିପି କିଭଳି ବିଦ୍ୟାର୍ଥୀମାନଙ୍କ ସ୍ୱର ସାଜି କ୍ୟାମ୍ପସରେ ଶିକ୍ଷା ସମସ୍ୟା ସମାଧାନର ରାସ୍ତା ସାଜିଛି ସେ ଦିଗରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଜ୍ୟୋତିରେଖା ଭୂୟାଁ, ସହସଂଯୋଜକ ଜୀତମ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟାଶା ମହାପାତ୍ର, ଭବେଶ ତରାଇ, ସନ୍ତୋଷ ସେଠୀ, ଶ୍ରୀୟା ପାଢ଼ୀ, ସସ୍ମିତା ମଣ୍ଡଳ, ଦେବସ୍ମିତା ପାତ୍ର, ରଘୁନାଥ ମାଝୀ, ଭବେଶ ବେହେରା, ଗଣେଶ କର ପ୍ରମୁଖ ଉପସ୍ଥିତ ଥିଲେ।

## 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ

ବାଲେଶ୍ୱର, ୧୦।୭(ସମିସ): କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟରେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ମୋ ଯୁବ ଭାରତ କେନ୍ଦ୍ର ଓ ଉତ୍କଳା କଲଚୁରାଲ ଏକାଡେମୀ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମା ପାଇଁ ଗଛ ଟିଏ ଲଗାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟତମ ମଞ୍ଚାସୀନ ଅତିଥି ଭାବେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ସାଇ କୃଷ୍ଣ ଜେନା ସଭା କାର୍ଯ୍ୟ ଆଗକୁ ନେଇଥିଲେ। ଛାତ୍ରୀମାନେ ପାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅନ୍ୟତମ ଅତିଥି ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ, ସମାଜସେବୀ ଦେବାଶିଷ ମଲ୍ଲିକ ଉପସ୍ଥିତ ଥିଲେ। ଏହି




କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ଝାନସୀ ଜେନା ଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଜାତୀୟ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରୋଗ୍ରାମ ଅଫିସର ଅର୍ଚ୍ଚନା ପଟ୍ଟାୟତ ଏବଂ ଶୁଭସ୍ମିତା ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍କଳା କଲଚୁରାଲ ଅଧକ୍ଷ ତଥା ମୋ ଯୁବ ଭାରତ କେନ୍ଦ୍ରର ସ୍ୱେଚ୍ଛାସେବୀ ବିକ୍ରମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ସଞ୍ଜୟ ସ, ପ୍ରଦୋଷ କୁମାର ଜେନା, ରାଜଶ୍ରୀ ରାଉଳ, ନାରାୟଣ ସୁରଜିତ ବେହେରା, ଏବଂ ଅନ୍ୟ କର୍ମକର୍ତ୍ତା ସହ ଉତ୍କଳା କଲଚୁରାଲ ଏକାଡେମୀର ଜଗତ ଜୀବନ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ଏବିଭିପି ରସାଳପୁର ନଗର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୦।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରସାଳପୁର ନଗର ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରସାଳପୁର ଏବଂ ନଦୀଗାଁର ମଧ୍ୟବର୍ତ୍ତୀ ରାସ୍ତାରେ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରସାଳପୁର ନଗରର ବିଭିନ୍ନ ମହାବିଦ୍ୟାଳୟରୁ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଡ. ଯଦୁନାଥ ମହାବିଦ୍ୟାଳୟର ଅଧ୍ୟାପକ ଅଜୟ କୁମାର ଦାସ, ମୁଖ୍ୟବକ୍ତା ଭାବରେ ପୂର୍ଣ୍ଣ କାଳୀନ ଜିଲ୍ଲା ବିଦ୍ୟାର୍ଥୀ ବିସ୍ତାରକ ବିପ୍ଳବ ବସନ୍ତିଆ ଏବଂ ପୂର୍ବତନ କାର୍ଯ୍ୟକର୍ତ୍ତା ରଜତ କୁମାର ପାତ୍ର ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସାଳପୁର ନଗର ସମ୍ପାଦକ ରିତେଶ କୁମାର ଜୀ ଏବଂ ତାଙ୍କ ସହକର୍ମୀ ଗଣେଶ ପାତ୍ର, ଆକାଶ ମଲ୍ଲିକ, ସୌମ୍ୟରଞ୍ଜନ ରାଉତ, ଦୁର୍ଗାପ୍ରସାଦ ଘଡେଇ, ପରାଗରଞ୍ଜନ ଜେନା, ଆକାଶ ଜେନା, ଅଭୟ ମଲ୍ଲିକ, ପ୍ରିୟାଂଶୁ ବିନ୍ଧାଣି, ଆଦିତ୍ୟ ବେହେରା, ସମ୍ବିତ ବେହେରା, ନିହାରଞ୍ଜନ ଧଡ଼ା, ଅକାଳ ନାୟକ, କାହ୍ନୁ ଚରଣ ମହାରଣା, ସବ୍ୟସାଚୀ ଦାସ, ରାଜେଶ ମଲ୍ଲିକ, ପ୍ରମୋଦ ସାହୁ, ମନମୋହନ ବିଶ୍ୱାଳ, ଦୀପଙ୍କର ମଲ୍ଲିକ, ପ୍ରମୋଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ହେଲ୍‌ଦୀ ଲାଇଫ୍ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ

ବାଲେଶ୍ୱର, ୧୦।୭ (ସମିସ): ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ, ଇନଷ୍ଟିଚ୍ୟୁଟ ଅଫ୍ ନେଚର୍ କିଅର ଏଣ୍ଡ ଯୋଗିକ ସାଇନ୍ସ ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପିଙ୍ଗୁଆବଣିଆ ଗୁରୁକୂଳ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟ ଜୀଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦିବ୍ୟ ଜୀବନ ସଙ୍ଘ, ବୈରାମ ନଗର ଶାଖା, ସଦ୍ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ପାଦୁକା ପୂଜା, ଭଜନ, କୀର୍ତ୍ତନ, ସତସଙ୍ଗ ମହାସମାରୋହରେ ପାଳିତ ହୋଇଥିଲା। ଦିବ୍ୟ ଜୀବନ ସଙ୍ଘର ବରିଷ୍ଠ ସାଧକ ଡାକ୍ତର ପାଖିକୁ ଆନନ୍ଦ ଶଙ୍କର ମହାପାତ୍ର ସ୍ୱାମୀ ଶିବାନନ୍ଦ ଓ ଚିଦାନନ୍ଦ ମହାରାଜଙ୍କ ଜୀବନୀ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ କହିଥିଲେ। ହେଲଦୀ ଲାଇଫ୍ ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁ ଓ ମହାବିଦ୍ୟାଳୟର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ମାଝୀ, ପୁରସ୍ତମ ମାଝୀ, ମଣିଚରଣ ଦାସ, ମନୋଜ କୁମାର ଦାସ, ନିତ୍ୟାନନ୍ଦ ବାରିକ, ଗୋବିନ୍ଦ ରାଉତ, ଲକ୍ଷ୍ମୀକାନ୍ତ ରଣା, ରଞ୍ଜନ କୁମାର ବାରିକ୍, ମନୋରଞ୍ଜନ ଦାସ, ଅଧ୍ୟାପକ ଅଭିଷେକ ଦାସ, ପୂର୍ଣ୍ଣିମା ମାଝୀ, ସତ୍ୟ ସ୍ମିତା ଦାସ, ଅଧ୍ୟାପିକା କ୍ରାନ୍ତିକ୍ରୀଷ୍ଣା ପାଣିଗ୍ରାହୀ, ଅନୀତା ଦାସ, ସୁକାନ୍ତି ମହନ୍ତ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଦିବ୍ୟ ଜୀବନ ସଙ୍ଘର ଶରତ ଚନ୍ଦ୍ର ଦାସମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଯୋଗଶିକ୍ଷା କେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ

ବାଲେଶ୍ୱର, ୧୦।୭(ସମିସ): ଆଜି ମହର୍ଷି ବେଦବ୍ୟାସଙ୍କର ପବିତ୍ର ଜନ୍ମଦିନ, ଗୁରୁପୂର୍ଣ୍ଣିମା ଉତ୍ସବ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷାକେନ୍ଦ୍ର, ବାଲେଶ୍ୱର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି। ଏକ ଯୋଗ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ କେନ୍ଦ୍ରର ସାଧିକା ଜୟନ୍ତୀ ନାୟକ ଓ ସୁଜାତା ପଣ୍ଡା ପରିଚାଳନା କରିଥିଲେ। ସମସ୍ତେ ଏକ ଅଖଣ୍ଡ ୧୦୮ ଓମ ପବିତ୍ର ଧ୍ୱନୀର ଜପ କରି ନିଜ ମନର ସ୍ଥିରତାକୁ ବହୁଗୁଣିତ କରିଥିଲେ। ଯୋଗ ଓ ଯଜ୍ଞ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ଏକ ଅଗ୍ନିହୋତ୍ର ମହାଯଜ୍ଞ ଯୋଗଗୁରୁ ସୁଜିତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଯୋଗକେନ୍ଦ୍ରର ସଭାପତି ଡ. ଜୟସ୍ମିତା ନାୟକ ଅଧକ୍ଷତା କରି ଗୁରୁପୂର୍ଣ୍ଣିମାର ଉପାଦେୟତା ବିଷୟରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷ ଯୋଗଦେଇ ଗୁରୁପୂଜା ଓ ଯୋଗ ଅଭ୍ୟାସର ସମନ୍ୱୟ ବିଷୟରେ ଏକ ସାରଗର୍ଭକ ଭାଷଣ ରଖିଥିଲେ। ଅଧକ୍ଷଙ୍କ ସହଧର୍ମିଣୀ ରୀନା ଘୋଷ ମୁଖ୍ୟବକ୍ତା ଭାବରେ ସମାଜରେ ଏଭଳି ଆଧ୍ୟାମିଠକ କାର୍ଯ୍ୟକ୍ରମ ଦ୍ୱାରା ପରମ୍ପରାର ପୁନରୁଦ୍ଧାର ହୋଇପାରିବ ବୋଲି କହିଥିଲେ। ଯୋଗକେନ୍ଦ୍ରର ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ସୂର୍ଯ୍ୟନାରାୟଣ ପୋଥାଳ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପିଙ୍ଗୁଆବଣିଆ ଗୁରୁକୂଳ ଆଶ୍ରମର ସଞ୍ଚାଳକ ବିଜୟଜୀ ଓ ସାମ୍ବାଦିକ ସୃଷ୍ଟିଧର ପରିଡ଼ା ସେମାନଙ୍କର ଆଶୀଷ ପ୍ରବଚନ ପ୍ରଦାନ କରିଥିଲେ। ଏହାପରେ 'ବୃକ୍ଷ ହିଁ ଜୀବନ'କୁ ସମସ୍ତଙ୍କ ପାଖରେ ପହଁଚାଇବା ଉଦ୍ଦେଶ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୁନହଟ ଗବଗାଁ ଛକରେ ଅବସ୍ଥିତ ସାଇ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଗୁରୁଜୀ ମଧୁସୂଦନ ମିଶ୍ର ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକୁ କେନ୍ଦ୍ରର ଉପସଭାପତି ରୀତା ରାଉତ, ଦୀପ୍ତିକାନ୍ତ ଦାସ, ସହସମ୍ପାଦକ ଧ୍ରୁବ ଚରଣ ବେହେରା, ସୁଶ୍ରୀ ରିତୁ ପ୍ରମୁଖ ପରିଚାଳନା କରିଥିଲେ।

# ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର ପାଇବେ ଅରୂପା ପତାଙ୍ଗିଆ କାଳିତା

ବାଲେଶ୍ୱର, ୧୦।୭ (ସମିସ)



ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଆସାମିୟା ଭାଷାର ସୁପ୍ରସିଦ୍ଧ ଲେଖିକା ପ୍ରଫେସର ଅରୂପା ପତାଙ୍ଗିଆ କାଳିତାଙ୍କୁ ୨୦୨୫ ମସିହା ପାଇଁ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବା ନେଇ ସ୍ଥିରୀକୃତ ହୋଇଛି। ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଫେସର ଅରୂପା ପତାଙ୍ଗିଆ କାଳିତାଙ୍କୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅନନ୍ୟ କୃତିତ୍ୱ ଅର୍ଜନ ପାଇଁ ଏହି ସାରସ୍ୱତ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସୂଚୀତ କରିଛନ୍ତି। ପ୍ରଫେସର ପତାଙ୍ଗିଆଙ୍କ ରଚିତ ପୁସ୍ତକ ମଧ୍ୟରେ ମୃଗନାଭି, ଅୟନାନ୍ତ, ମିଲେନିୟମର ସ୍ୱପ୍ନ, ମରୁଭୂମିତ ମେନକା ଆର ଅନ୍ୟାନ୍ୟ, କୈତତ କେତକୀ, ରଙ୍ଗମାଟିର୍ ପାହାରଟୋ ଓ ଫେଲାନୀ ଇତ୍ୟାଦି ଖୁବ ପ୍ରସିଦ୍ଧିଲାଭ କରିଅଛି। ସେ ପାଇଥିବା ପୁରସ୍କାର ମଧ୍ୟରେ ସାହିତ୍ୟ ଅକାଦେମୀ ପୁରସ୍କାର (୨୦୧୪), ଭାରତୀୟ ଭାଷା ପରିଷଦ ପୁରସ୍କାର, କଥା ପୁରସ୍କାର, ପ୍ରବୀଣା ସାଇକିଆ ପୁରସ୍କାର, ଆସମ୍ ଭ୍ୟାଲି ସାହିତ୍ୟ ପୁରସ୍କାର ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ସେହିପରି ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦତ୍ତ 'ବ୍ୟାସଗୌରବ ସମ୍ମାନ-୨୦୨୫', ବିଶିଷ୍ଟ ଲେଖକ ଅରୁଣ କୁମାର ପାତ୍ର ଓ ଶ୍ରୀ ସୁଶୀଲ କୁମାର ଦତ୍ତଙ୍କୁ ମାନପତ୍ର ସହ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯିବ। ତରୁଣ କଥାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ କବିତା ବାରିକ ପ୍ରଦତ୍ତ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବଗାଳ୍ପିକ ପୁରସ୍କାର-୨୦୨୫ ' ଗାଳ୍ପିକ ଦିଲେଶ୍ୱର ରାଣାଙ୍କୁ ପ୍ରଦାନ କରାଯିବ। ଏଥିସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଳ୍ପ ଲିଖନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଚଳିତ 'ମନୋଜାୟନ' ସଂଗଠନ ଦ୍ୱାରା 'ମନୋଜ ନବପ୍ରତିଭା କଥା ପୁରସ୍କାର-୨୦୨୫' ପାଇଁ ଦେବବ୍ରତ ମଲ୍ଲିକ ( କଲେଜ ଅଫ ଟିଚର ଏଜୁକେସନ) ମନୋନୀତ ହୋଇଛନ୍ତି। ଏଥିସହିତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କବିତା ଲିଖନକୁ ପ୍ରୋତ୍ସାହିତ କରିବା ପାଇଁ ବବୁଲ କୁମାର କବିଙ୍କୁ 'ଜୟନ୍ତ ମହାପାତ୍ର କବିତା ପୁରସ୍କାର-୨୦୨୫' ଦିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତିବର୍ଷ ଏହି ପୁରସ୍କାର ଟି 'ଦି ଓଡ଼ିଶା ଆସୋସିଏସନ ଫର୍ ଇଂଲିଶ ଷ୍ଟଡିଜ' ଦ୍ୱାରା ପ୍ରୋତ୍ସାହିତ ହୋଇଆସୁଛି। ଚଳିତ ମାସ ୭ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ଅନ୍ତଃ-ବିଶ୍ୱବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା, ସାଇକେଲ ରାଲି, ପ୍ରାକ୍ତନ ଛାତ୍ର ସଂସଦର ସମ୍ମିଳନୀ, ରକ୍ତଦାନ ଶିବିର, ସାହିତ୍ୟ ଆସର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଛି ସମ୍ପାଦିତ ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ପୁନଶ୍ଚ ପରୀକ୍ଷା ବୋଝ

ରାଜ୍ୟର ପ୍ରାଥମିକ ଓ ନିମ୍ନମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ମନସ୍କ କରିବା ପାଇଁ ଓଡ଼ିଶା ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପୁଣି ଥରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ବାର୍ଷିକ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହେବେ ସେମାନଙ୍କୁ ଦୁଇ ମାସ ପରେ ପୁଣି ଥରେ ପରୀକ୍ଷା ଦେବାକୁ ପଡ଼ିବ। ସେଥିରେ ମଧ୍ୟ ଫେଲ୍ ହେଲେ ଉପର ଶ୍ରେଣୀକୁ ଉନ୍ନୀତ ହୋଇପାରିବେ ନାହିଁ। ପାସ୍‌ଫେଲ ବ୍ୟବସ୍ଥା ପୁନଃପ୍ରଚଳନ ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜୱାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି।

ବାର୍ଷିକ ପରୀକ୍ଷାରେ ଫେଲ୍ ହେଲେ ତଳ ଶ୍ରେଣୀର ପିଲାମାନଙ୍କ ସହିତ ବସି ପାଠ ପଢ଼ିବାର ହୀନମନ୍ୟତା ଯୋଗୁଁ ପିଲାମାନେ ଆଉ ସ୍କୁଲ୍ ଆସୁ ନ ଥିଲେ। ଏହାଛଡ଼ା ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଏ ଦିଗରେ ପ୍ରତିବନ୍ଧକ ଥିଲା। ଏଣୁ କ୍ରମଶଃ ସେମାନେ ପାଠପଢ଼ାର ମୁଖ୍ୟଧାରାରୁ ଦୂରେଇ ଯାଇ ପାରିବାରିକ ରୋଜଗାର ପନ୍ଥା କିମ୍ବା କୌଳିକ ବୃତ୍ତିକୁ ଆପଣେଇ ନେଉଥିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ପିଲାମାନେ ପରିସ୍ଥିତିର ଚାପରେ ଶିଶୁଶ୍ରମିକ ହେବାକୁ ବାଧ୍ୟ ହେଉଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଏହି ସମସ୍ୟା ଉଦ୍‌ବେଗଜନକ ହେଉଥିବା ପରିଲକ୍ଷିତ ହୋଇଥିଲା। ଉଦ୍‌ବେଗଜନ ଭାବେ ବୃଦ୍ଧି ପାଉଥିବା ଏଭଳି ଡ୍ରପ୍ ଆଉଟ୍(ଅଧାରୁ ପାଠ ଛାଡ଼ିବା) ହାରକୁ ନିୟନ୍ତ୍ରଣ କରିବା ପାଇଁ ଶିକ୍ଷା ଅଧିକାର ଆଇନ୍(ଶିଶୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ବା ଆରଟିଇ) ୨୦୦୯ର ଧାରା ୧୬ରେ ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ବା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ଦେବା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଥିଲା। ଅର୍ଥାଭାବରୁ କୌଣସି ଶିଶୁ ଯେପରି ପ୍ରାଥମିକ ଓ ମୌଳିକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ଥିଲା ଶିକ୍ଷା ଅଧିକାର ଆଇନର ମୂଳ ଲକ୍ଷ୍ୟ।

ସମ୍ପ୍ରତି ରାଜ୍ୟରେ ପାସ୍‌ଫେଲ୍ ବ୍ୟବସ୍ଥା ପୁନଃପ୍ରଚଳନ ନିଷ୍ପତ୍ତିକୁ କେତେକ ଶିକ୍ଷାବିତ୍ ସ୍ୱାଗତ କରିଥିବା ଆଉ କେତେକ ମହଲ ନାପସନ୍ଦ କରିଛନ୍ତି। ସପକ୍ଷବାଦୀଙ୍କ ଯୁକ୍ତି ହେଲା ପରୀକ୍ଷା ବ୍ୟବସ୍ଥା ଉଠିଯାଇଥିବାରୁ ପିଲାମାନେ ପାଠ ପଢ଼ା ପ୍ରତି ବିମୁଖ ହେଉଛନ୍ତି ଏବଂ ତଳ ଶ୍ରେଣୀର ପାଠ ଉପର ଶ୍ରେଣୀର ପିଲାମାନେ ପଢ଼ିବାରେ ଅକ୍ଷମ ହେଉଛନ୍ତି। ପରୀକ୍ଷାରେ ଫେଲ୍ ହେବାର ଭୟ ରହିଲେ ପିଲାମାନେ ପାଠ୍ୟକ୍ରମ ପ୍ରତି ଗୁରୁତ୍ୱ ଦେବା ସହିତ ସେମାନଙ୍କ ମେଧାଶକ୍ତି ବୃଦ୍ଧି ପାଇବ ଏବଂ ସେମାନେ ବିଭିନ୍ନ ପ୍ରତିଯୋଗିତାପୂର୍ଣ୍ଣ ପରୀକ୍ଷାରେ ସଫଳ ହେବେ। ଅପରପକ୍ଷରେ ରାଜ୍ୟ ସରକାରଙ୍କ ସଦ୍ୟତମ ନିଷ୍ପତ୍ତିକୁ ବିରୋଧ କରୁଥିବା ମହଲର ଯୁକ୍ତି ହେଉଛି ଏହାଦ୍ୱାରା ପୁଣି ଡ୍ରପ୍‌ଆଉଟ୍ ସଂଖ୍ୟା ବଢ଼ିବ ଏବଂ ସରକାରଙ୍କ ମୂଳଲକ୍ଷ୍ୟ ସୁଦୂର ପରାହତ ହେବ। ବର୍ତ୍ତମାନର ଆହ୍ୱାନ ହେଉଛି ପିଲାମାନଙ୍କୁ ସ୍କୁଲ୍‌ମନସ୍କ କରିବା, ପରୀକ୍ଷାମନସ୍କ ନୁହେଁ।

ଏହି ଦୁଇ ପକ୍ଷର ଯୁକ୍ତିରୁ ଊର୍ଦ୍ଧ୍ୱରେ ଆମ ମତରେ ସରକାରଙ୍କ ଉଚ୍ଚାକାଂକ୍ଷା ସ୍ୱାଗତଯୋଗ୍ୟ। କିନ୍ତୁ ରାଜ୍ୟର ଶିକ୍ଷା ଭିତ୍ତିଭୂମି ଆଧାରରେ ପାସ୍‌ଫେଲ୍ ବ୍ୟବସ୍ଥାର ପୁନଃପ୍ରଚଳନକୁ ତର୍ଜମା କଲେ ଭବିଷ୍ୟତରେ ଶୈକ୍ଷିକ ପରିବେଶରେ ଘୋର ସଙ୍କଟ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ଓଡ଼ିଶାର ସ୍ଥିତି ଅନ୍ୟ ବିକଶିତ ରାଜ୍ୟ ଭଳି ନୁହେଁ। ଉପକୂଳ ଓଡ଼ିଶାରେ ଏବେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବର୍ଷାଦିନେ ଭରା ନଦୀ ନାଳ ପାର ହୋଇ ସ୍କୁଲ୍ ଆସିବାକୁ ପଡୁଥିବା ବେଳେ ଦୁର୍ଗମ ଅଞ୍ଚଳରେ ମାଇଲ୍ ମାଇଲ୍ ବାଟ ଚାଲିବା ପରେ ଶ୍ରେଣୀ ଗୃହ ପାଠ କିମ୍ବା ମଧ୍ୟାହ୍ନ ଭୋଜନ ଭାଗ୍ୟରେ ଜୁଟୁଛି। ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ମେଧାସ୍ତର ଯାହା ସେଥିରେ ହଠାତ୍ ବାର୍ଷିକ ପରୀକ୍ଷା କଲେ ପାସ୍ ତୁଳନାରେ ଫେଲ୍ ହାର ଢେର ଅଧିକ ହେବାର ଆଶଙ୍କା ଅଧିକ। ତେଣୁ ଫେଲ୍ ହେବା ପରେ ପୁଣି ଥରେ ସେମାନେ ଯେ ସ୍କୁଲ୍ ବାରଣ୍ଡା ମାଡ଼ିବେ ସେ ବିଶ୍ୱାସ ଆସୁନାହିଁ। ଏହାଛଡ଼ା ଆମ ଶୈକ୍ଷିକ ଭିତ୍ତିଭୂମି ଅବସ୍ଥା ଯାହା ସେଥିରେ ଗୋଟିଏ କକ୍ଷରେ ଏକାଧିକ ଶ୍ରେଣୀ ଏବଂ ଏକାଧିକ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀରେ ପାଠପଢ଼ା ଯେନତେନପ୍ରକାରେ ଚାଲୁଛି। ଯଦି କୌଣସି ସ୍କୁଲ୍‌ରେ ଅତିକମ୍‌ରେ ୫୦ ପ୍ରତିଶତରୁ ଅଧିକ ପିଲା ଫେଲ୍ ହୁଅନ୍ତି ତେବେ ତଳ ଶ୍ରେଣୀ ସହିତ ସେମାନଙ୍କୁ ମିଶାଇ ପାଠପଢ଼ାଇବା ପାଇଁ ଶ୍ରେଣୀଗୃହର ଗୁରୁତର ଅଭାବ ସୃଷ୍ଟି ହେବ। ଏହାଦ୍ୱାରା ମଧ୍ୟାହ୍ନଭୋଜନ ବୋଝ ମଧ୍ୟ ବଢ଼ିବ। ଏବେ ମଧ୍ୟାହ୍ନଭୋଜନ ପାଇଁ ବଜେଟ୍ ବ୍ୟବସ୍ଥା ନୈରାଶ୍ୟଜନକ। ସେଥିରେ ପୁଣି ପିଲା ସଂଖ୍ୟା ବଢ଼ିଲେ ଖାଦ୍ୟର ମାନରେ ନିଶ୍ଚିତ ଭାବେ ସାଲିସ୍ କରିବାକୁ ପଡ଼ିବ।

ବର୍ତ୍ତମାନର ବିଜେପି ସରକାର କେବଳ ଯଦି ରାଜନୈତିକ ଉଦେଶ୍ୟପ୍ରଣୋଦିତ ଭାବେ ପୂର୍ବ ସରକାରଙ୍କ ଅମଳରେ ପ୍ରଣୀତ ନିଷ୍ପତ୍ତିମାନଙ୍କୁ ବଦଳାଇବା ମାନସିକତାରେ ଏଭଳି ପଦକ୍ଷେପ ନେଇଥା'ନ୍ତି ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ପାସ୍‌ଫେଲ୍ ବ୍ୟବସ୍ଥା ସହିତ ଯେଉଁ ଆନୁଷଙ୍ଗିକ ସମସ୍ୟାମାନ ଜଡ଼ିତ ଅଛି ସେଗୁଡ଼ିକର କିପରି ଯଥାଯଥ ସମାଧାନ ହୋଇପାରିବ ସେ ଦିଗରେ ମଧ୍ୟ ଚିନ୍ତା କରିବା ଆବଶ୍ୟକ। ଯେଉଁମାନେ ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ କରିଥିଲେ ସେମାନେ ସମସ୍ତେ ଅବୋଧ ନଥିଲେ। କିନ୍ତୁ ଏହା ଭିତରେ ଶିକ୍ଷା କ୍ଷେତ୍ରରେ ଏଭଳି କ'ଣ ଉନ୍ନତି ହୋଇଥିବା ସରକାର ହୃଦ୍‌ବୋଧ କଲେ ଯେ ତାହାକୁ ତରବରିଆ ଭାବେ ଉଚ୍ଛେଦ କରିଦେଲେ ସେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଜନକଲ୍ୟାଣ ସହିତ ଜଡ଼ିତ କୌଣସି ଯୋଜନା ପ୍ରଣୟନ କିମ୍ବା ସଂଶୋଧନ କରିବା ପୂର୍ବରୁ ବିଧାନସଭାରେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇପାରିଥା'ନ୍ତା। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ସରକାରଙ୍କ ନିଷ୍ପତ୍ତି ହିଁ କାଏମ୍ ରହିବ। କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଲୋଚନା ଓ ସମାଲୋଚନାକୁ ଗୁରୁତ୍ୱ ଦେବା ବିଧେୟ। ଏବେ ମଧ୍ୟ ବିଶେଷ ବିଳମ୍ବ ହୋଇନାହିଁ। ବର୍ତ୍ତମାନର ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରି ପ୍ରତ୍ୟାହାର କରିବାର କେତେକ ଉଦାହରଣ ଆମେ ଅତୀତରେ ଦେଖିଛୁ। ତେଣୁ ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପାଇଁ ପଥ ପ୍ରସ୍ତୁତ କରିବା ଉଚିତ ହେବ। ଏଥିସହିତ ଶିକ୍ଷାବିତ୍‌ମାନଙ୍କୁ ନେଇ ରାଜ୍ୟସ୍ତରୀୟ ବିଚାରବିମର୍ଶ ହୋଇ ସେ ନିଷ୍କର୍ଷ ଆଧାରରେ ଯଦି ସରକାର ପାସ୍‌ଫେଲ୍ ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତେ ତେବେ ଅପରିଣାମଦର୍ଶୀର କଳଙ୍କ ମୁଣ୍ଡାଇବାକୁ ପଡ଼ନ୍ତା ନାହିଁ। ଆଶା ସରକାର ଏହାକୁ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ।

## ସର୍ଜନଶୀଳ ଓଡ଼ିଶା

ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ଥାପତ୍ୟ କଳା ପାଇଁ ଓଡ଼ିଆ ଜାତି ବିଶ୍ୱବିଖ୍ୟାତ। ଦ୍ୱାଦଶ ଶତାବ୍ଦୀ ବେଳକୁ ମନ୍ଦିର ସ୍ଥାପତ୍ୟ କଳାରେ ତା'ର ଉତ୍କର୍ଷ ଚରମ ସୀମାରେ ପହଞ୍ଚି ସାରିଥିଲା, ଯା'ର ନିଦର୍ଶନ ହେଉଛି କୋଣାର୍କ ମନ୍ଦିର। ଶିଳ୍ପକଳା ଦୃଷ୍ଟିରୁ ଏହା ପୃଥିବୀ ପ୍ରସିଦ୍ଧ। କୋଣାର୍କ କେବଳ ଧର୍ମ, ଅର୍ଥ ଓ ପରମାର୍ଥର ତୀର୍ଥସ୍ଥଳୀ ନୁହେଁ, ଏହା ଅମ୍ଳାନ ସୌନ୍ଦର୍ଯ୍ୟର ଏକ ନନ୍ଦନବନ। ରମ୍ୟ କଳାର ଚାରୁ ଚିତ୍ରଶାଳା। କବି ଦୃଷ୍ଟିରେ ଏହା ପ୍ରସ୍ତର ଗାତ୍ରରେ ଲିଖିତ ଏକ ମହାକାବ୍ୟ। ବିଶ୍ୱକବି ରବୀନ୍ଦନାଥଙ୍କ ଭାଷାରେ ପଥର ଏଠି ମଣିଷଠାରୁ ଅଧିକ ମୁଖର। କୋଣାର୍କକୁ ଯିଏ ଯେଉଁ ଦୃଷ୍ଟିରେ ଦେଖୁନା କାହିଁକି, କଳିଙ୍ଗର ସ୍ଥାପତ୍ୟ ଧାରାରେ ତା'ର ସ୍ଥାନ କେବଳ ଶୀର୍ଷରେ ନୁହେଁ, ତାହା ବିଶ୍ୱରେ ବିସ୍ମୟ। ତା'ର ଯୁଗୋତୀର୍ଣ୍ଣ କଳା ନୈପୁଣ୍ୟ ନେଇ ଲେଖାଯାଇଛି ଅନେକ କାବ୍ୟ କବିତା। 'ଧର୍ମପଦ'କାବ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସ କିମ୍ବଦନ୍ତୀକୁ ଆଧାର କରି ତ୍ୟାଗର ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି, ତାରି ଭିତରେ ନିହିତ ସୂକ୍ଷ୍ମ ସର୍ଜନଶୀଳତାର ନିଦର୍ଶନ। ଧର୍ମପଦ ଇତିହାସ ନୁହେଁ, କିମ୍ବଦନ୍ତୀ। ମାତ୍ର କବି ଗୋପବନ୍ଧୁଙ୍କ ଲେଖନୀ ସ୍ପର୍ଶ ପାଇ ସେ ପାଲଟି ଯାଇଛି ଇତିହାସଠାରୁ ବୃହତ୍ତର ସତ୍ୟ। ଓଡ଼ିଆ ଜନଜୀବନ ସହିତ ସେ ପୂର୍ଣ୍ଣମାତ୍ରାରେ ଯୋଡ଼ି ହୋଇଯାଇଛି, ଯାହା ସମ୍ଭବ ହୋଇନାହିଁ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବଙ୍କ ଭାଗ୍ୟରେ।

ଓଡ଼ିଆ କବି ଶବ୍ଦ କୋଣାର୍କର ଶିଳ୍ପୀ। ସେ ଲେଖିପାରେ 'ଗୀତ ଗୋବିନ୍ଦ' ଭଳି ଅନନ୍ୟ, ଅନୁପମ ଓ ଅମଳିନ କାବ୍ୟ। ଗୀତଗୋବିନ୍ଦର କାନ୍ତକୋମଳ ଓ ମଧୁର ପଦାବଳୀ ଦ୍ୱାରା ପ୍ରଭାବିତ ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ। ଏହା ପୃଥିବୀର ବହୁ ଭାଷାରେ ଅନୂଦିତ ଓ ଆଦୃତ। ସମଗ୍ର ବିଶ୍ୱରେ ଏହା ଏକ ଅନନ୍ୟ, ଅନୁପମ ଓ ଅମଳିନ କୃତି। ଗୀତଗୋବିନ୍ଦ ଭଳି ଗୋଟିଏ ଛୋଟିଆ କାବ୍ୟ ରଚନା କରି ଜୟଦେବ ଯେଉଁଭଳି ଖ୍ୟାତି ଓ ଅମରତ୍ୱ ଲାଭ କରିଛନ୍ତି, ତାହା ସମ୍ଭବ ହୋଇପାରିନି ପୃଥିବୀର ଅନ୍ୟ କୌଣସି କବିଙ୍କ ଭାଗ୍ୟରେ। ବାଉଁଶ ନଳୀ ସାହାଯ୍ୟରେ ଆକାଶକୁ ଚାହିଁ ବହୁ ଜଟିଳ ତତ୍ତ୍ୱର ସରଳ ସୂତ୍ର ଆବିଷ୍କାର କରିପାରେ ଏହି ମାଟିର ଖଗୋଳ ବିଜ୍ଞାନୀ। ଏହି ମାଟିରେ ଜନ୍ମ ନେଇଛି ଦଶମିକ ଭଗ୍ନାଂଶ, ଯାହା ଗଣିତ ଶାସ୍ତ୍ରକୁ ଏକ ଯୁଗାନ୍ତକାରୀ ଅବଦାନ ବୋଲି ସ୍ୱୀକାର କରିଛି ସାରା ବିଶ୍ୱ। ଏହି ଆଧ୍ୟାତ୍ମିକ ଭୂଇଁରୁ ଆତ୍ମପ୍ରକାଶ କରିଛି ଅଭିନବ ଧର୍ମଧାରା ମହିମାଧର୍ମ। ଜାତିସଂଘର ଲଲାଟପଟରେ ଲିପିବଦ୍ଧ ହୋଇ ରହିଛି ଓଡ଼ିଆ କବିର ମହାନ ବାଣୀ -'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।'

ଏକଦା ଲେଖନୀ ସାହାଯ୍ୟରେ ତାଳପତ୍ରରେ ଲିପିବଦ୍ଧ ହୋଇଥିଲା ଆମ ସିଦ୍ଧ ସାହିତ୍ୟ, ବୌଦ୍ଧ ସାହିତ୍ୟ, ତନ୍ତ୍ର ସାହିତ୍ୟ, ଲୋକ ସାହିତ୍ୟ ଏବଂ ରାମାୟଣ ଓ ମହାଭାରତ ଭଳି ପ୍ରାଚୀନ ପୋଥି। ତାଳପତ୍ରରେ ଅକ୍ଷର ଲେଖିବା, ଚିତ୍ର ଆଙ୍କିବା ଏବଂ ମଣ୍ଡଳ ଓ ରେଖା ଅଙ୍କନ କରିବାରେ ଆମ ପୂର୍ବଜମାନେ ଥିଲେ ଅସାଧାରଣ ଦକ୍ଷତାର ଅଧିକାରୀ। ଆମ ପୋଥି ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଖୁବ ଉଚ୍ଚକୋଟୀର। ପୋଥିର ନିମପତ୍ର ଓ ହଳଦୀ ଲେପଦେଇ ଏବଂ ନିୟମିତ ବ୍ୟବଧାନରେ ଖରାରେ ଶୁଖାଇ ରଖିବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହିଛି ପୋଥିଘର, ପୋଥି ଆସ୍ଥାନ, ପୋଥି ଖଟୁଲି, ପୋଥି ବିମାନ, ପୋଥି ପେଟରା ଓ ପୋଥି ବ୍ୟାସାସନ ଇତ୍ୟାଦି।

ଶିଳ୍ପକଳା ଓଡ଼ିଆ ଜାତିର ଅସ୍ଥି ମଜ୍ଜାଗତ। ଯେଉଁଠି ପଥରର ପ୍ରାଚୁର୍ଯ୍ୟ, ସେହି ଏକାମ୍ରରେ ଓଡ଼ିଆ ଶିଳ୍ପୀ ଶତାବ୍ଦୀରେ ଗଢ଼ିଥିଲା ହଜାର ହଜାର ମନ୍ଦିର। ପ୍ରତିଟି ପଥର ଖଣ୍ଡରେ ଲେଖିଥିଲା କଳାର କବିତା। ଭୁବନେଶ୍ୱରର ଦେଉଳ ପରି ଶିଳ୍ପୋନ୍ନତ ଓ ଦେବୋପମ ସ୍ଥାପତ୍ୟର ଦୃଷ୍ଟାନ୍ତ ବିରଳ। ଏ ଜାତି ସୁନାରୁପାରେ କରେ ତାରକସି କାମ। ରୁପା ତାରକସି ପାଇଁ ରୁପେଲି ସହର କଟକ ବିଶ୍ୱବିଖ୍ୟାତ। ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶ୍ୱ ଦେଖିଛି ଓଡ଼ିଆ ତାରକସି କାମର ଝଲକ। ପଥର ଖୋଦନ ଓଡ଼ିଆ ଜାତିର ଏକ ପୁରାତନ ଶିଳ୍ପ। ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ନିକଟରେ ପଥର କାନ୍ଥରେ ଖୋଦିତ ହାତୀର ସମ୍ମୁଖ ଭାଗ ଓଡ଼ିଶାର ସର୍ବପୁରାତନ ପ୍ରସ୍ତର କଳାକୃତି ମଧ୍ୟରେ ଅନ୍ୟତମ। କଂସା ଓ ପିତଳ ହାଣ୍ଡି ଉପରେ ସୁନ୍ଦର ଖୋଦନ ଓଡ଼ିଆ ସୂକ୍ଷ୍ମକଳାର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ସେଥିପାଇଁ ଓଡ଼ିଶାର ଘରେ ଘରେ ଦେଖିବାକୁ ମିଳେ ଧାତୁ ନିର୍ମିତ କଳାକୃତି।

ଓଡ଼ିଶାରେ ଏପରି କାରିଗର ମଧ୍ୟ ଅଛନ୍ତି, ଯେଉଁମାନେ ଗୋରୁର ଶିଙ୍ଗରୁ ତିଆରି କରିପାରନ୍ତି ପାନିଆ, ଫୁଲ ଓ କଲମ ଷ୍ଟାଣ୍ଡ ଆଦି ବିଭିନ୍ନ ଜିନିଷ। ଓଡ଼ିଶାରେ କାଠ ଖୋଦେଇ କାମ ମଧ୍ୟ ବହୁଳ ଲୋକପ୍ରିୟ। ଜଳ ଉପରେ ଭାସମାନକ୍ଷମ କାଠ ଚିହ୍ନଟ ଓ ତା'ର ସ୍ଥାୟିତ୍ୱ ସମ୍ପର୍କରେ ଦୀର୍ଘ ଅଭିଜ୍ଞତା ରଖିଥିବା କଳିଙ୍ଗର ବର୍ଦ୍ଧକୀକୁ ଜଣା କାଠରେ ବୋଇତ ନିର୍ମାଣର ସ୍ୱଦେଶୀ ଜ୍ଞାନକୌଶଳ। ସଂସ୍କୃତ ଭାଷାରେ ରଚିତ 'ଯୁକ୍ତିକଳ୍ପ' ନିୟମ ଆଧାରରେ ସେ ଏକାଧିକ ବୋଇତକୁ ଯୋଡ଼ି ନିର୍ମାଣ କରିପାରୁଥିଲା ବିଶାଳକାୟ ଓ ସୁଦୃଶ୍ୟ ବୋଇତ।

ଓଡ଼ିଆଙ୍କ ଜୀବନଦର୍ଶନ, ଚିନ୍ତାଚେତନା, ଭାବଭାବନା ଆଦି ସବୁଠି ରହିଛି ଅନନ୍ୟ କଳାତ୍ମକ ପରିପ୍ରକାଶ। ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସାରିତ ହୋଇଛି ଓଡ଼ିଶାର ସୂକ୍ଷ୍ମ କଳାରୂପ। ସମ୍ବଲପୁର ବୟନକଳାର ଗୁଣବତ୍ତା ଓ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ପାରମ୍ପରିକ। ସମ୍ବଲପୁରୀ ବାନ୍ଧକଳା ବିଶ୍ୱପ୍ରସିଦ୍ଧ, ଯାହା ଲୋକରୁଚି, ଲୋକଚଳଣିର ଓ ଲୋକ ଅଭିବ୍ୟକ୍ତିକୁ ନେଇ ସମୃଦ୍ଧ ଓ ରୁଦ୍ଧିମନ୍ତ। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ପଟ୍ଟଚିତ୍ର ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ମର୍ଯ୍ୟାଦାବନ୍ତ କଳା। ଏହାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ଅଦ୍ୟାବଧି ମୌଳିକ ଭାବରେ ଭାସ୍ୱର। ପଟ୍ଟଚିତ୍ରରେ ଓଡ଼ିଶାର ସାଂସ୍କୃତିକ ଚିତ୍ରାବଳୀର ମହିମାନ୍ୱିତ ରୂପ ଅନ୍ତରାଳରେ ରହିଛି ତା'ର ଶୈଳୀଗତ ଅବବୋଧ। ପଟ୍ଟଚିତ୍ର ନିମନ୍ତେ ରଙ୍ଗ ପ୍ରସ୍ତୁତି ଓ ତା'ର ପ୍ରୟୋଗ ମଧ୍ୟ ଭିନ୍ନ ଏକ କଳାତ୍ମକ ଦିଗ। ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ପଟ୍ଟଚିତ୍ରର ମୁଖ୍ୟ ଉପଜୀବ୍ୟ। ତେଣୁ ଜଗନ୍ନାଥ ସଂସ୍କୃତି ସହିତ ପଟ୍ଟଚିତ୍ର ପରମ୍ପରା ଓତପ୍ରୋତ ଭାବରେ ଜଡ଼ିତ।

ଓଡ଼ିଆ ଜାତି ଭକ୍ତି ଭିତରେ ଏମିତି ଶକ୍ତି ଖଞ୍ଜି ଦେଇ ପାରେ ଯେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଅଟକାଇ ଦେଇ ପାରେ ସାଲବେଗ ଓ ବଳରାମ ଦାସଙ୍କ ପରି ଭକ୍ତଙ୍କ ଭାବ ବିହ୍ୱଳିତ ଆବେଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି କେଉଁ ସ୍ମରଣାତୀତ କାଳରୁ ଓଡ଼ିଆ ଜନଜୀବନରେ ପ୍ରବାହିତ ହୋଇଛି ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ। ଏହା ଯେତିକି ଭକ୍ତି ଭାବାପନ୍ନ, ସେତିକି କଳାତ୍ମକ ଚେତନାରେ ରସାଣିତ। ତେଣୁ ଓଡ଼ିଆ ଜାତି 'ଜଗନ୍ନାଥ କ୍ଷେତ୍ର'କୁ 'କ୍ଷେତ୍ର' ନକହି କହିଲା 'ଶ୍ରୀକ୍ଷେତ୍ର'। ମନ୍ଦିରକୁ କହିଲା 'ଶ୍ରୀମନ୍ଦିର'। ପ୍ରସାଦକୁ କହିଲା 'ମହାପ୍ରସାଦ'। ମହାପ୍ରଭୁଙ୍କ ମହାତ୍ମ୍ୟ ଓ ମହନୀୟତାକୁ ମର୍ମେ ମର୍ମେ ଅନୁଭବ କରିଥିବା ଓଡ଼ିଆ ଜାତିର ମଗଜରୁ ଉତୁରି ଆସିଲା ନୀଳକନ୍ଦର, ନିର୍ମାଲ୍ୟ, କୈବଲ୍ୟ କଣିକା, ଶରଧାବାଲି ଓ କଳ୍ପବଟ ଆଦି ସୁନ୍ଦର ଶବ୍ଦ।

କେବଳ ଆଧ୍ୟାତ୍ମିକ ଭାବ ଓ ଭାବନାରେ ନୁହେଁ, ନଦୀଠାରୁ ନକ୍ଷତ୍ର ଓ ଭୂମିଠାରୁ ଭୂଧର ଆଦି ପ୍ରତ୍ୟେକ କ୍ଷେତ୍ରରେ ଚୟନ କରିଛି କଳା ବିଭୂଷିତ ନାମ। ସର୍ଜନଶୀଳତାର ତୁଙ୍ଗିମା ଆରୋହଣ କରି ନଦୀକୁ କହିଲା ମହାନଦୀ ଓ ସମୁଦ୍ରକୁ କହିଲା ମହୋଦଧି। ନଦୀର ନାମ ଦେଲା ସୁବର୍ଣ୍ଣରେଖା, ସାଳନ୍ଦୀ, ତମସା, ଋଷିକୂଲ୍ୟା, ଚିତ୍ରୋତ୍ପଳା, ମହେନ୍ଦ୍ରତନୟା ଇତ୍ୟାଦି। ଉଭୟ ଗୁଣାତ୍ମକ ଓ କଳାତ୍ମକ ଦିଗକୁ ଦୃଷ୍ଟିରେ ରଖି ପାହାଡ଼ର ନାଆଁ ଦେଲା ମେଘାସନ, ସ୍ୱର୍ଣ୍ଣଚୂଡ଼, ଦେଓମାଳି, ମହେନ୍ଦ୍ରଗିରି, ମଣିକର୍ଣ୍ଣିକା, ଗୋନାସିକା ଓ ଗୋକର୍ଣିକା ଏବଂ ଏମିତି ଆହୁରି ଅନେକେ ସୁନ୍ଦର ନାମ। ଗ୍ରାମ ଓ ନଗର ନାମକରଣରେ ମଧ୍ୟ ବୋଲି ହୋଇଗଲା ସମ୍ଭ୍ରାନ୍ତୀୟ ଛାପ। ଜନପଦର ନାମ ଦେଲା ଅସ୍ତରଙ୍ଗ, ନିଶ୍ଚିନ୍ତକୋଇଲି, ମଧୁବନ, ଚନ୍ଦ୍ରାବାଲି, ଚାନ୍ଦବାଲି ଇତ୍ୟାଦି। କଳାତ୍ମକ ନାମ ଚୟନରେ ଓଡ଼ିଆ ଜାତି ଯେ ସବା ଆଗରେ ତା'ର ଅନ୍ୟ ଏକ ଦୃଷ୍ଟାନ୍ତ ହେଉଛି ଓଡ଼ିଆ କାବ୍ୟର ନାନ୍ଦନିକ ନାମକରଣ। ଯେଉଁ ମାଟିରେ ଉପେନ୍ଦ୍ର ଭଞ୍ଜଙ୍କ ଭଳି କବି ସମ୍ରାଟ, ସଙ୍ଗୀତ ସମ୍ରାଟ ଓ ଶବ୍ଦ ସମ୍ରାଟ ଜନ୍ମ ନିଅନ୍ତି, ସେହି ଜାତି କେବଳ ତା'ର କାବ୍ୟର ନାମକରଣ କରିବାକୁ ଯାଇ ରଖିପାରେ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରହସ୍ୟ ମଞ୍ଜରୀ, ଚନ୍ଦ୍ରଭାଗା, ହେମଶସ୍ୟ ଆଦି ନାମ।

ଅତୀତରେ ଓଡ଼ିଶା କେବେ କଳିଙ୍ଗ ତ କେବେ କଙ୍ଗୋଦ, କେବେ ଉଡ୍ର ତ କେବେ ଉତ୍କଳ ଓ ମହାକାନ୍ତାର ଆଦି ନାମରେ ପରିଚିତ ହୋଇଥିଲେ ମଧ୍ୟ ଶେଷରେ ଭାଷାକୁ ଭିତ୍ତି କରି ସ୍ୱତନ୍ତ୍ର ମାନ୍ୟତା ପାଇଛି, ଯାହା ତା'ର ନାନ୍ଦନିକ ଦିଶା ଓ ଦର୍ଶନର ଦର୍ପଣ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ପ୍ଲାଷ୍ଟିକ ବିନା ଜୀବନ

ଡ. ବିଜୟ କେତନ ପଟ୍ଟନାୟକ

ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ପ୍ଲାଷ୍ଟିକ ଏକ ପେଟ୍ରୋଲଜାତ ଜୈବ ବିଘଟନ ଅକ୍ଷମ ପଦାର୍ଥ, ପ୍ରାକୃତିକ ପ୍ରକ୍ରିୟାରେ ଯାହାର ସଂପୂର୍ଣ୍ଣ ବିଘଟନ ନିମନ୍ତେ ୭୦୦ ରୁ ୧୦୦୦ ବର୍ଷ ଲାଗିଯାଏ। ସଂପୂର୍ଣ୍ଣ ବିଘଟନ ପୂର୍ବରୁ ନାନୋପ୍ଲାଷ୍ଟିକ୍ ବା ପ୍ଲାଷ୍ଟିକ୍ କଣିକା ରୂପରେ ଭିନ୍ନ ଭିନ୍ନ ମାଧ୍ୟମରେ ଏହା ଆମର ଖାଦ୍ୟଶୃଙ୍ଖଳରେ ମଧ୍ୟ ପହଞ୍ଚିଯାଏ। ହାଲ୍‌କା, ନମନୀୟ, ସୁଲଭ, ଦୀର୍ଘସ୍ଥାୟୀ, ଗନ୍ଧହୀନ, ସ୍ୱାଦହୀନ, ସ୍ୱଚ୍ଛ ଓ ବର୍ଷା ଜଳରେ ଭିଜି ଯାଉ ନଥିବା ହେତୁ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ଆଦୃତି ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକର ଉଦ୍ଭାବନ ୧୮୬୨ ମସିହାରୁ ହେଲାଣି। କିନ୍ତୁ ୧୯୯୦ ପରେ ହିଁ ପ୍ଲାଷ୍ଟିକ ପଲିଥିନ ମୁଣାର ବ୍ୟବହାର ଆମ ଦେଶ ଓ ରାଜ୍ୟର ସହର, ବଜାର, ଗାଁ ଗଣ୍ଡା ଚାରିଆଡ଼େ ବ୍ୟାପିଗଲା। ୧୯୯୦ ରେ ଆମ ଦେଶରେ ଯେତିକି ପରିମାଣରେ ପ୍ଲାଷ୍ଟିକ ପ୍ରସ୍ତୁତ ହେଉଥିଲା, ଏବେ ତା'ର ୨୦ ରୁ ୨୫ ଗୁଣ ଅଧିକ ଉତ୍ପାଦନ ଓ ବିକ୍ରୟ ହେଉଛି।

ଦେଖାଯାଇଛି ବର୍ଷ ବର୍ଷ ଧରି ବିଘଟନ ନ ହୋଇ ଦୃଶ୍ୟକଟୁ ଭାବେ ରାସ୍ତାକଡ଼ରେ ଗଦା ହୋଇଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପ୍ରମୁଖ ଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ ଥରେମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ। ଏହାର ପରିମାଣ ମୋଟ ବର୍ଜ୍ୟର ୭୫ ପ୍ରତିଶତ। ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର କେତୋଟି ଛୋଟ ଉଦାହରଣ ଦିଆଯାଇପାରେ। ପ୍ରାତଃଭ୍ରମଣରେ ପ୍ଲାଷ୍ଟିକ କପରେ ଚା' ପିଇ କପକୁ ଫୋପାଡ଼ି ଦିଆ। ଅଥବା ଜଳଖିଆ ଖାଇ ପ୍ଲାଷ୍ଟିକ ପ୍ଲେଟ୍‌କୁ ଫିଙ୍ଗି ଦିଆ। ପ୍ରାତଃଭ୍ରମଣରୁ ଫେରିବା ସମୟରେ ଅନେକ ବରିଷ୍ଠ ନାଗରିକ ରାସ୍ତାକଡ଼ରେ ବସୁଥିବା ବେପାରୀମାନଙ୍କଠାରୁ କିଛି ବିଫା ଶାଗ, କଖାରୁ ଫୁଲ, ପନିପରିବା ଜରି ମୁଣାରେ ଧରି ଘରକୁ ଫେରନ୍ତି। ବେଳେ ବେଳେ ଠେଲା ଜଳଖିଆ ଗାଡ଼ିରୁ ଗରମ ବରା, ପିଆଜି, ମଟର ତରକାରୀ ଦୋକାନୀ ଦେଉଥିବା କଳାଜରିରେ ନେଇ ଆସନ୍ତି। କଳା ଜରିମୁଣାରେ ଗରମ ଖାଦ୍ୟ ଆଣିଲେ ସେଥିରେ ରଙ୍ଗରୁ ଉଦ୍‌ବୃତ ବିଷ ସଞ୍ଚରି ଯାଏ। ବଜାରକୁ ଗଲା ବେଳେ ସାଙ୍ଗରେ କ'ଣ କନା ବ୍ୟାଗଟିଏ ବା ଛୋଟ ଟିଫିନ କ୍ୟାରିୟରଟିଏ ନିଆଯାଇ ପାରନ୍ତନି!

ବରିଷ୍ଠ ନାଗରିକମାନେ ସେମାନଙ୍କର ପିଲାଦିନ ଓ ସ୍କୁଲ ଜୀବନ କଥା ମନେ ପକାଇଲେ ନିଶ୍ଚିତ ଭାବେ ହୃଦୟଙ୍ଗମ କରିପାରିବେ ଯେ ସେ ସମୟରେ ପ୍ଲାଷ୍ଟିକର ପ୍ରଚଳନ ଆଦୌ ନଥିଲା। ଗାଁ ଗହଳିରେ ଆମେ ମାନେ କଂସା ପିତ୍ତଳ ବାସନରେ ବା କଦଳୀ ପତ୍ରରେ ଖାଉଥିଲୁ। କାଚ ବା ପିତ୍ତଳ ଗ୍ଲାସରେ ପାଣି ପିଉଥିଲୁ। ମାଟି ହାଣ୍ଡିରେ ଭାତ, ଡାଲି ରାନ୍ଧୁଥିଲୁ। ଏବେ ବି ସେହି ପରମ୍ପରାକୁ ବଜାଇ ରଖି ପ୍ରଭୁ ଜଗନ୍ନାଥଙ୍କର ଅନ୍ନ, ବ୍ୟଞ୍ଜନ ମାଟି କୁଡୁଆରେ ପ୍ରସ୍ତୁତ କରାଯାଉଛି। ଭୋଜିଭାତରେ ଶାଳପତ୍ର କିମ୍ବା ଶିଆଳି ପତ୍ରରୁ ପ୍ରସ୍ତୁତ ଖଲିରେ ଖାଦ୍ୟ ପରଷି ଦିଆଯାଉଥିଲା। ମାଟି ସରାରେ କ୍ଷୀରି, ଦୋକାନରୁ ସଉଦାପତ୍ର, ପନିପରିବା କିମ୍ବା ମାଛ, ମାଂସ ଆଣିବାକୁ ଗଲା ବେଳେ ଆମେ ସାଙ୍ଗରେ ଝୋଟରୁ ପ୍ରସ୍ତୁତ ଅଖାବ୍ୟାଗ ବା କନାବ୍ୟାଗ ନେଇ ଯାଉଥିଲୁ। ଦୋକାନୀ କାଗଜ ଠୁଙ୍ଗାରେ ନଚେତ୍ ପୁରୁଣା ଖବର କାଗଜରେ ଗୁଡ଼ାଇ ତେଜେରାତି ସଉଦା ଦିଏ। ତେଲ ଆଣିବା ପାଇଁ ସାଙ୍ଗରେ କାଚ ବୋତଲଟିଏ ନେଉଥିଲୁ। ଦୋକାନୀ କାହାଳି ଓ ପଳାରେ ମାପି କରି ତେଲ ଦେଉଥିଲା। କିରୋସିନି ପାଇଁ ଟିଣଡବା। ସଞ୍ଜବେଳେ ସ୍ତ୍ରୀ ଲୋକମାନେ ପତ୍ର ଠୋଲାରେ ବିଲରୁ ଧରିଥିବା ଚୂନାମାଛ ଆଣି ବିକୁଥିଲେ। ଦିନରେ ଗଉଡୁଣୀ ମଧ୍ୟ ପତ୍ର ଠୋଲାରେ ଦହି ବିକୁଥିଲା କିମ୍ବା କାଚପାତ୍ରରେ ଅଜାଡ଼ି ଦେଉଥିଲା। କୂଅରୁ ପାଣି କାଢ଼ିବା ପାଇଁ କତାରୁ ପ୍ରସ୍ତୁତ ଦଉଡ଼ି ବ୍ୟବହାର ହେଉଥିଲା। ଯାନିଯାତ୍ରାରୁ ବା ମେଳଣ ପଡ଼ିଆରୁ ପିଲାମାନେ କାଠକଣ୍ଢେଇ କିମ୍ବା ମାଟି କଣ୍ଢେଇ କିଣୁଥିଲେ। ପଇସା ସଞ୍ଚିବା ନିମନ୍ତେ ମାଟିର ସରାଗାତ ଆଣୁଥିଲେ। ଦାନ୍ତ ଘସିଲାବେଳେ ନିମ, ମୁତୁରୀ ବା କରଞ୍ଜ ଗଛର ଦାନ୍ତ କାଠି ବ୍ୟବହାର କରଉଥିଲେ। ଶିଙ୍ଗ ପାନିଆରେ ମୁଣ୍ଡ କୁଣ୍ଡଉଥିଲେ। ଶୋଇବା ପାଇଁ ହେଂସ, ଖଜୁରୀ ପଟି ବା ସପ ମସିଣା ବ୍ୟବହାର କରୁଥିଲୁ। ତାଳପତ୍ର ବିଞ୍ଚଣାରେ ବିଞ୍ଚି ହେଉଥିଲୁ। ବିଛେଇ ଶୋଇବା ପାଇଁ ବୋଉ ଶାଢ଼ିକୁ ସିଲେଇ କରି କନ୍ଥା ତିଆରି କରୁଥିଲା। ସେହିପରି ପୁରୁଣା ପ୍ୟାଣ୍ଟକୁ କାଟି କନାବ୍ୟାଗ୍ ତିଆରି କରୁଥିଲା। ଖଡ଼ିକା ଝାଡୁ ବା ଫୁଲ ଝାଡୁରେ ଘର ଓଳା ଯାଉଥିଲା। କୁଲା, ବାଉଁଶିଆ, ଡାଲା ଗାଣ୍ଡୁଆ ଆଦି ବେତରାମାନେ ବାଉଁଶରୁ ପ୍ରସ୍ତୁତ କରି ବିକୁଥିଲେ। ଚମଡ଼ା ଚପଲ ପିନ୍ଧି ସ୍କୁଲକୁ ଯାଉଥିଲୁ। କଲମ, କାଳିରେ ଲେଖୁଥିଲୁ। ଖଟ, ପଲଙ୍କ, ଟେବୁଲ, ଚୌକି, ଆଲମିରା ଆଦି ଘରର ଆସବାବପତ୍ର କାଠରେ ନିର୍ମିତ ହେଉଥିଲା। ବାଉଁଶ ଓ ନଡ଼ାରେ ଘର ଛପର ହେଉଥିଲା। ସେ ସମୟର ପ୍ଲାଷ୍ଟିକ ବିନା ଜୀବନ ଚଳୁଥିଲା ନା ଅଚଳ ହୋଇ ପାଇଥିଲା। ଏବେ ସବୁ ବଦଳି ଗଲାଣି। ପ୍ଲାଷ୍ଟିକ ବ୍ରସ, ପ୍ଲାଷ୍ଟିକ ପାନିଆ, ପ୍ଲାଷ୍ଟିକ ଝାଡୁ, ପ୍ଲାଷ୍ଟିକ ଫର୍ଣ୍ଣିଚର, ପ୍ଲାଷ୍ଟିକ ଡବା, ଯୋତା, ଛତା, ଫୁଲ ସବୁକିଛି ପ୍ଲାଷ୍ଟିକ ପ୍ରସ୍ତୁତ ଏବଂ ସହଜରେ ଉପଲବ୍ଧ।

ପଲିଥିନ୍‌ର ଦୁର୍ଗୁଣ ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କୁ ଊଣାଅଧିକେ ଜଣା। କିନ୍ତୁ ଅଭାବ ରହିଛି ଦୃଢ଼ ଇଚ୍ଛାଶକ୍ତି ଓ ସୁସ୍ଥ ମାନସିକତାର। ଏଇ ଲୋକମାନେ ଯେତେବେଳେ ବିଦେଶ ଯା'ନ୍ତି, ସେଠାରେ ରାସ୍ତାଘାଟରେ ଅଳିଆ, ଆବର୍ଜନା ଫିଙ୍ଗନ୍ତି ନାହିଁ। କାରଣ ସେଠାରେ ଦଣ୍ଡବିଧାନର ବ୍ୟବସ୍ଥା ଅଛି। ଆମ ଦେଶରେ ପୁଲିସ୍ ଓ ଦଣ୍ଡବିଧାନ ଅଧିକାରୀଙ୍କୁ ଚକ୍କର ଦେଇ ଖସିଯିବା ବ୍ୟକ୍ତି ହିରୋ ହୋଇଯାଏ। ମୋ ମତରେ ଆମ ଲୋକମାନଙ୍କର ମାନସିକତାରେ ସୁଧାର ଆଣିବା ପାଇଁ ଦଣ୍ଡ ସହିତ ପୁରସ୍କାର ବା ପ୍ରୋତ୍ସାହନର ବ୍ୟବସ୍ଥା ମଧ୍ୟ ରହିବା ଆବଶ୍ୟକ। ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହା ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ ଉତ୍ସ, ତା'କୁ କିପରି ନା କରାଯାଇ ପାରିବ, ସେଥିପାଇଁ ଚାରୋଟି 'ଆର' ଯଥା - (୧) କମ୍ ବ୍ୟବହାର ବା ହ୍ରାସକରଣ (ରେଡ୍ୟୁସ୍) (୨) ପୁନରୁଦ୍ଧାର (ରିକଭର) (୩) ପୁନଃ ଚକ୍ରୀକରଣ (ରିସାଇକଲ) ଏବଂ ପୁନଃବ୍ୟବହାର (ରିୟୁଜ୍) ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍।

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଶରୀରକୁ ବଜ୍ର କରନ୍ତି ମା' ବ୍ରଜେଶ୍ୱରୀ

ବିଶ୍ୱାସ ଓ ବିଜ୍ଞାନ

ଓଜସ୍ୱିନୀ

ବର୍ତ୍ତମାନ ଅନିୟମିତ ଖାଦ୍ୟ ପ୍ରଣାଳୀ, ଫାଷ୍ଟଫୁଡ୍ ଓ ମୃଦୁପାନୀୟର ଆଧିକ୍ୟ ଯୋଗୁଁ ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଆଣ୍ଠୁଗଣ୍ଠି ସମସ୍ୟାରେ ପୀଡ଼ିତ। ଏହା ବ୍ୟତୀତ ବୟସାଧିକ୍ୟ କାରଣରୁ ବୟୋଜ୍ୟେଷ୍ଠଙ୍କଠାରେ ସ୍ୱାଭାବିକ ଭାବେ ଆଣ୍ଠୁଗଣ୍ଠି ସମସ୍ୟା ବା ବାତ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ପୀଡ଼ିତମାନେ ବିଭିନ୍ନ ଉପାୟ ଅବଲମ୍ବନ କରିଥା'ନ୍ତି। ବର୍ତ୍ତମାନର ଆଧୁନିକ ଚିକିତ୍ସା ପଦ୍ଧତିରେ ବେରିଏଟ୍ରିକ୍ ସର୍ଜରୀ ନାମକ ଏକ ପଦ୍ଧତିରେ ଆଣ୍ଠୁଗଣ୍ଠି ଦରଜ ସମସ୍ୟାର ସମାଧାନ କରାଯାଉଛି। ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଏସବୁ ବିକାଶର ଧାରା ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ମନୁଷ୍ୟ ତା'ର ଶାରୀରିକ କଷ୍ଟ ଦୂର କରିବା ପାଇଁ ଭଗବତ୍ ଶକ୍ତି ଆଗରେ ଗୁହାରୀ କରି ଆସିଛି। ଏହି ଅତୁଟ ବିଶ୍ୱାସ ଦୈବୀକୃପାର ଚମତ୍କାରିତା ଭାବେ ମନୁଷ୍ୟକୁ କାଳେ କାଳେ ରୋଗମୁକ୍ତ କରିଛି ଏବଂ କରୁଥିବ ମଧ୍ୟ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଭୋଗୁଥିବା ଲୋକମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥା'ନ୍ତି।

ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ ମାତା ବ୍ରଜେଶ୍ୱରୀ ଦେବୀଙ୍କ ମନ୍ଦିର ଅଛି। ଏଠାରେ ସତୀଙ୍କର ବାମ ବକ୍ଷ ପତିତ ହୋଇଥିବାରୁ ଶକ୍ତିପୀଠ ଭାବେ ମାନ୍ୟତା ଲାଭ କରିଛି। ମା' ବ୍ରଜେଶ୍ୱରୀ ଏଠାରେ ଶକ୍ତିପିଣ୍ଡ ସ୍ୱରୂପରେ ପୂଜା ପାଉଛନ୍ତି। ଅଞ୍ଚଳର ନାମାନୁସାରେ ମା' ବ୍ରଜେଶ୍ୱରୀଙ୍କୁ କାଙ୍ଗଡ଼ା ଦେବୀ ବା ନଗରକୋଟ ଦେବୀ ବୋଲି ସମ୍ବୋଧନ କରାଯାଉଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା ହୋଇ ଘୃତ ଓ ଲହୁଣୀ ଭୋଗ ହୋଇଥାଏ। ଏହାକୁ ଘୃତମଣ୍ଡଳ ପର୍ବ ବୋଲି ମଧ୍ୟ କୁହାଯାଏ। ବିଶ୍ୱାସ ରହିଛି ଯେ ମା'ଙ୍କର ଏହି ପ୍ରସାଦକୁ ଆଣ୍ଠୁଗଣ୍ଠିରେ ଲେପ ଦେବା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରେ। ତେଣୁ ପ୍ରତିବର୍ଷ ଏହି ବିଶେଷପର୍ବ ସମୟରେ ରୋଗୀମାନେ ମା'ଙ୍କ କୃପା ଲାଭ ପାଇଁ ଆସିଥା'ନ୍ତି। କିମ୍ବଦନ୍ତୀ ଅନୁଯାୟୀ, କାଙ୍ଗଡ଼ାରେ ଦୈତ୍ୟ ଜଳନ୍ଧରଙ୍କ ଦୁର୍ଗ ରହିଥିଲା। ଜଳନ୍ଧରଙ୍କ ପ୍ରକୋପରେ ତ୍ରୈଲୋକ୍ୟବାସୀ ତ୍ରାହି ତ୍ରାହି ଡାକିବା ପରେ ମା' ବ୍ରଜେଶ୍ୱରୀ ଏଠାରେ ବଜ୍ର ପ୍ରହାର ଦ୍ୱାରା ଦୈତ୍ୟକୁ ବଧ କରିଥିଲେ। ତେଣୁ ବଜ୍ରହସ୍ତା ମା'ଙ୍କ ନାମ ବ୍ରଜେଶ୍ୱରୀ ହୋଇଛି। ଜଳନ୍ଧର ସହିତ ଯୁଦ୍ଧ ପରେ ମା'ଙ୍କ ଅଙ୍ଗରେ ଅଧିକ କ୍ଷତ ହୋଇଥିଲା ଏବଂ ଶରୀର ପୀଡ଼ା ହେଉଥିଲା। ଶାରୀରିକ ପୀଡ଼ାରୁ ଦେବୀଙ୍କୁ ମୁକ୍ତି କରିବା ପାଇଁ ଏବଂ କ୍ଷତର ଶୀଘ୍ର ଉପଶମ ପାଇଁ ଦେବଦେବୀ ମା'ଙ୍କ ଶରୀରରେ ଘୃତ ଓ ଲହୁଣୀ ପ୍ରଲେପିତ କରିଥିଲେ।

ଏହି କିମ୍ବଦନ୍ତୀକୁ ଅନୁସରଣ କରି ବର୍ତ୍ତମାନ ମକର ସଂକ୍ରାନ୍ତିରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇ ୧୦୧ କେଜି ଘୃତକୁ ୧୦୧ ଥର ଶୀତଳ ଜଳରେ ଧୋଇବା ପରେ ଏକ ପ୍ରକାର ଲହୁଣୀ ପ୍ରସ୍ତୁତ କରି ମା'ଙ୍କ ପିଣ୍ଡି ଉପରେ ସମର୍ପଣ କରାଯାଏ। ଘୃତ ମଣ୍ଡଳ ପର୍ବ ଆରମ୍ଭ ହେବାର ପ୍ରାୟ ୧୦-୧୫ ଦିନ ପୂର୍ବରୁ ଭକ୍ତମାନେ ଲହୁଣୀ ପ୍ରସ୍ତୁତ କରିବାରେ ବ୍ୟସ୍ତ ହୋଇଯା'ନ୍ତି। ଘୃତରୁ ଲହୁଣୀ ପ୍ରସ୍ତୁତ କରିବା କାର୍ଯ୍ୟ ଶକ୍ତିପୀଠର ପୂଜାରୀ ଓ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଏ। ହିମାଚଳ ପ୍ରଦେଶର ଅତ୍ୟଧିକ ଥଣ୍ଡା ପରିବେଶରେ ଘୃତକୁ ୧୦୧ ଥର ଥଣ୍ଡା ଜଳରେ ଧୋଇ ଲହୁଣୀ ପ୍ରସ୍ତୁତ କରିବା ଅତ୍ୟନ୍ତ କଷ୍ଟକର ଥିଲେ ମଧ୍ୟ ମା'ଙ୍କ କୃପାରୁ ଏହା ସମ୍ଭବ ହୋଇଥାଏ। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ ଘୃତମଣ୍ଡଳ ପର୍ବରେ ବ୍ରଜେଶ୍ୱରୀ ଶକ୍ତି ପିଣ୍ଡ ଉପରେ ଲହୁଣୀ ସମର୍ପଣ ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି। ମାତାଙ୍କୁ ୩୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଲହୁଣୀ ଅର୍ପଣ କରିବାର ରେକର୍ଡ଼ ଅଛି। ମା'ଙ୍କୁ ଲହୁଣୀ ସହିତ ବିଭିନ୍ନ ପ୍ରକାର ଫଳଫୁଲ ଓ ମେବାରେ ସଜ୍ଜିତ କରାଯାଏ। ଏହି ପର୍ବ ୭ ଦିନ ପର୍ଯ୍ୟନ୍ତ ଚାଲେ। ସପ୍ତମ ଦିନ ଶକ୍ତିପିଣ୍ଡ ଉପରୁ ଲହୁଣୀକୁ ବାହାର କରିବା ପ୍ରକ୍ରିୟା ଆରମ୍ଭ ହୁଏ। ଏହାକୁ ମା'ଙ୍କ ପ୍ରସାଦ ଭାବେ ଭକ୍ତ ଓ ରୋଗୀଙ୍କୁ ଦିଆଯାଏ। ଏହି ପ୍ରସାଦର ପ୍ରଲେପ ଦ୍ୱାରା କିଛିଦିନ ମଧ୍ୟରେ ହିଁ ଆଣ୍ଠୁଗଣ୍ଠି ଦରଜ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ଭକ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ।

ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ମହିଷାସୁରକୁ ମାରିବା ପରେ ତାଙ୍କ ଶରୀରରେ ଥିବା କ୍ଷତର ଉପଶମ ପାଇଁ ନଗରକୋଟ ବା କାଙ୍ଗଡ଼ାଠାରେ ଲହୁଣୀ ଲେପନ କରିଥିଲେ। ତେଣୁ ଏଠାରେ ଶକ୍ତିପିଣ୍ଡ ବ୍ରଜେଶ୍ୱରୀଙ୍କୁ ଲହୁଣୀରେ ଆଚ୍ଛାଦନ କରାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁତୁରାକୁ କୋଦାଳରେ ହାଣି ହତ୍ୟା

ଜଗତସିଂହପୁର, ୧୦।୭ (ସମିସ): ପାରିବାରିକ ଶତ୍ରୁତାରୁ ପୁତୁରାକୁ କୋଦାଳରେ ହାଣି ହତ୍ୟା। ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଜାହାନପୁର ଗାଁରେ ଆଜି ସକାଳେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ସଞ୍ଜୟ ଦାସ। ସୂଚନା ମୁତାବକ, ଜାହାନପୁର ଗ୍ରାମର ଦୁର୍ଗାଚରଣ ଦାସ ଓ ତାଙ୍କ ସାନଭାଇ ସଞ୍ଜୟଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଆଜି ସକାଳ ପ୍ରାୟ ୬ଟାରେ ଦୁର୍ଗା ଦାସଙ୍କ ପୁଅ ସୁମନ ଘର ପାଖ ନଳକୂପରେ ଗାଧୋଉଥିବା ସମୟରେ ହଠାତ ସଞ୍ଜୟ ସେଠାରେ ପହଞ୍ଚି ଏକ କୋଦାଳରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୁମନଙ୍କୁ ନିକଟସ୍ଥ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗ୍ରାମବାସୀ ସଞ୍ଜୟଙ୍କୁ କାବୁ କରି ମାଡ଼ ମାରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜୟଙ୍କୁ ଆହତ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ସଞ୍ଜୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରାଇଛି। ସଞ୍ଜୟ ଜଣେ ମାନସିକ ରୋଗୀ ବୋଲି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

### ଅଭିନବ ଉପାୟରେ ଦିନ ଦ୍ୱିପହରରେ ଡକାୟତି

## ଭିଜିଲାନ୍ସ ଅଧିକାରୀ କହି ଡାକ୍ତରଙ୍କ ଘରୁ ସର୍ବସ୍ୱ ଲୁଟିଲେ

**ଡେରାବିଶ, ୧୦।୭ (ସମିସ):** ଡେରାବିଶ ଥାନା ଅଞ୍ଚଳରେ ଆଜି ଦୁର୍ବୃତ୍ତମାନେ ଦିନ ଦ୍ୱିପ୍ରହରରେ ଅଭିନବ ଉପାୟରେ ବିନା ମାରଣାସ୍ତ୍ରରେ ଡକାୟତି କରିବା ଘଟଣା ଏବେ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ଭିଜିଲାନ୍ସ ପରିଚୟ ଦେଇ ଜଣେ ଡାକ୍ତରଙ୍କ ଘରୁ ସର୍ବସ୍ୱ ଲୁଟିନେଇ ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ, ଆଜି ଡେରାବିଶ ଥାନା ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ଗାଁରେ ଅପରାହ୍ଣ ପାଖାପାଖି ୨ଟାରେ ତିନୋଟି ବାଇକ୍‌ରେ ୬ ଜଣ ଲୋକ ଗ୍ରାମର ଡାକ୍ତର ମହମ୍ମଦ ଜଲିଲ୍ ଅହମ୍ମଦ ଖାଁଙ୍କ ଘର ପାଖରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ଘର ବାହାରେ ରହିଥିବା ବେଳେ ଅନ୍ୟ ଚାରିଜଣ ଘର ଭିତରକୁ ଯାଇ ଭିଜିଲାନ୍ସ ଅଧିକାରୀ ଓ ଭୁବନେଶ୍ୱରରୁ ଆସିଥିବା କହିବା ସହ ତୁମ ଘରେ ଇନ୍‌କମ୍ ଟ୍ୟାକ୍ସ ରେଡ୍ ହେଉଛି କହିଥିଲେ। ଜଲିଲ୍ ସେମାନଙ୍କ ପରିଚୟ ପତ୍ର ଓ ଇନ୍‌କମ୍ ଟ୍ୟାକ୍ସ ରେଡ୍‌ର କାଗଜପତ୍ର ଦେଖାଇବା ପାଇଁ



କହିବାରୁ ସେମାନେ କଥାକୁ ଏଡାଇ ଯାଇ ତୁମେମାନେ ଆମକୁ ରେଡ୍‌ରେ ସହଯୋଗ କର ବୋଲି ଧମକାଇଥିଲେ। ପରେ ସେମାନେ ଘରର ସମସ୍ତ ବ୍ୟକ୍ତିଙ୍କ ପାଖରୁ ସେମାନଙ୍କ ମୋବାଇଲକୁ ନେଇଯାଇ ଗୋଟିଏ ସ୍ଥାନରେ ଅଟକ ରଖିଥିଲେ। ପରେ ଘରେ ଲାଗିଥିବା ସମସ୍ତ ସିସିଟିଭି ସଂଯୋଗକୁ କାଟ ସିସିଟିଭିକୁ ଅଚଳ କରିଦେଇଥିଲେ। ଜଲିଲ ଖାଁ ଓ ତାଙ୍କ ପରିବାର ରହୁଥିବା ପ୍ରତ୍ୟେକ ରୁମ୍‌କୁ ଯାଇ ସେଠାରେ ଥିବା ଆଲମିରା ଚାବି ଓ ଲକର ଚାବି ମାଗିଥିଲେ। ପ୍ରତ୍ୟେକ ଘରର ଆଲମିରା ଓ ଲକର ଖୋଲି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଇତ୍ୟାଦି ବାହାର କରି ସେଗୁଡ଼ିକ ହିସାବ କରିବା ପାଇଁ ଗୋଟିଏ ସ୍ଥାନରେ ରଖିଥିଲେ। ଇତିମଧ୍ୟରେ ଜଲିଲ ଠକାମୀର ଶିକାର ହେଉଥିବା ସନ୍ଦେହ କରି ବାରମ୍ବାର ସେମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ବିରକ୍ତିଭାବ ପ୍ରକାଶ କରିବା ସହିତ ଜଲିଲ, ତାଙ୍କ ସ୍ତ୍ରୀ, ପୁଅ ଓ ଭାଇଙ୍କୁ ଗୋଟିଏ କୋଠରୀରେ ବନ୍ଦ କରିଦେଇ ବାହାରୁ କବାଟ ବନ୍ଦ କରିଦେଇଥିଲେ। ପରେ ସେମାନେ ଘରର ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଡାକ ପକାଇବାରୁ ଜଲିଲଙ୍କ ପଡ଼ୋଶୀ, ପୁତୁରା ଆସି ସେମାନଙ୍କୁ କବାଟ ଖୋଲି ପଦାକୁ ବାହାର କରିଥିଲେ। ତେବେ ଦୁର୍ବୃତ୍ତମାନେ ପାଖାପାଖି ଦେଢ଼ ଘଣ୍ଟା ଧରି ଏହି ଜଲିଲଙ୍କ ଘରୁ ଲୁଟପାଟ କରି ଫେରାର ହୋଇଯାଇଥିଲେ ମଧ୍ୟ ପଡ଼ୋଶୀ ଏହାର କୌଣସି ସୁରାକ ପାଇ ନ ଥିଲେ। ଜଲିଲଙ୍କ ପରିବାରର ସୂଚନା ଅନୁଯାୟୀ ଦୁର୍ବୃତ୍ତମାନେ ଜଲିଲଙ୍କ ଘରୁ ୧୫୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର, ନଗଦ ଦୁଇଲକ୍ଷ ଟଙ୍କା ଓ ତିନୋଟି ମୋବାଇଲ ଲୁଟିନେଇଛନ୍ତି। ଜଲିଲଙ୍କ ପରିବାର ନିକଟରୁ ସୂଚନା ପାଇ ଡେରାବିଶ ପୁଲିସ୍ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଓଡ଼ିଶା ଆସୁଛନ୍ତି...

ରାହୁଲଙ୍କ ଗସ୍ତ ପୂର୍ବରୁ ବରମୁଣ୍ଡା ପଡ଼ିଆସ୍ଥିତ ସଭାସ୍ଥଳରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ପ୍ରସ୍ତୁତି ପର୍ଯ୍ୟାୟର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ଡିସିପି ମଧ୍ୟ ସଭାସ୍ଥଳ ବୁଲି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବା ସହ କାର୍‌କେଡ୍ ରିହରସେଲ୍ କରିଛନ୍ତି।

### ସଂଘ ଅଟଳ...

ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଆନ୍ଦୋଳନର ପ୍ରଥମ ଦିନ ଅର୍ଥାତ ୮ ତାରିଖ ରାତିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଡ୍ରାଇଭର ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏହା କେବେ ପୂରଣ ହେବ ତାହା ଡ୍ରାଇଭରମାନଙ୍କୁ ସୁନିଶ୍ଚିତ କରାଇବାରେ ମନ୍ତ୍ରୀ ବିଫଳ ହୋଇଥିଲେ। ଡ୍ରାଇଭର ମହାସଂଘ ସେମାନଙ୍କ ଦାବି ପୂରଣ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା କିମ୍ବା ଲିଖିତ ପ୍ରତିଶ୍ରୁତି ଦାବିରେ ଅଟଳ ରହିଛି। ୩ ଦିନ ହେବ ଡ୍ରାଇଭରମାନେ ରାଜରାସ୍ତାରେ ବସିଛନ୍ତି। ଏସବୁ ସତ୍ତ୍ୱେ ସରକାର କାହିଁକି ଏହି ପ୍ରସଙ୍ଗରେ ଉଦାସୀନ ରହିଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଖୋଦ୍ ବିଭାଗୀୟ ମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ବିଶେଷ ତତ୍‌ପରତା ଦେଖାଉ ନ ଥିବା ପରିଲକ୍ଷିତ ହୋଇଛି। ସାରା ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଗୁରୁବାର ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୂଚନା ମିଳିଛି। ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ପ୍ରବଳ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗୋଟିଏ ପଟେ ଗାଡ଼ି ଚଳାଚଳ ବନ୍ଦ ଯୋଗୁଁ ସାଧାରଣ ପରିବହନ ସେବା ଠପ୍ ହୋଇ ଯାଇଛି। ଯେଉଁ କେତେକ ସ୍ଥାନରେ ସରକାରୀ ବସ୍ ଗଡ଼ୁଛି, ତାକୁ ମଧ୍ୟ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଅନେକ ସ୍ଥାନରେ ଡ୍ରାଇଭର ଡ୍ରାଇଭରମାନଙ୍କ ମଧ୍ୟରେ ଯୁକ୍ତି ତର୍କ ସ୍ଥିତି ସୃଷ୍ଟି ହେଉଥିବାକୁ ଆଗକୁ ଏହା ବଡ଼ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି। କିଛି କିଛି ସ୍ଥାନରେ ଡ୍ରାଇଭର ସଂଘର ଆକ୍ରମଣାତ୍ମକ ପନ୍ଥା ଗ୍ରହଣ କରୁଥିବା ନେଇ ମଧ୍ୟ ସ୍ଥିତି ସୃଷ୍ଟି ହୋଇଛି। ଏଭଳି ଅଭିଯୋଗମାନ ବଢ଼ୁଥିବାରୁ ରାଜ୍ୟରେ ଆଗକୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ଦେଖା ଦେଇଛି।

### ତେଲ ପରେ...

ଯୋଗୁଁ ରନ୍ଧନ ଗ୍ୟାସ ଅଭାବ ଦେଖାଦେଇଛି । ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଏବଂ ସମ୍ବଲପୁର ଭଳି ବଡ ସହରଗୁଡିକରେ ପେଟ୍ରୋଲ ଓ ଡିଜେଲର ଘୋର ସଙ୍କଟ ଦେଖାଦେଇଛି। ରାଜ୍ୟରେ ଦୁଇ ଦିନ ପାଇଁ ରହୁଥିବା ତେଲ ଷ୍ଟକ୍ ଏବେ ଶେଷ ହେବା ସ୍ଥିତିରେ ପହଞ୍ଚିଛି। ପାରାଦୀପ ଏବଂ ଜଟଣୀ ଡିପୋର ଟ୍ୟାଙ୍କର ଆସୁଥିଲେ ମଧ୍ୟ ତାହା ଟାଙ୍କିକୁ ଯିବାକୁ ଦିଆଯାଉ ନାହିଁ। ଭାରତ ଗ୍ୟାସ୍‌ର ଫିଲ୍ଡ ଅଫିସର ଅମିତ୍ କୁମାରଙ୍କ ସୂଚନା ଅନୁସାରେ ଆନ୍ଦୋଳନ ଆରମ୍ଭ ହେବାଠାରୁ ତିନି ଦିନ ହେବ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି। ଭାରତ ଗ୍ୟାସ୍‌ର ଅନ୍ୟତମ ଡିଲର ବର୍ଷା ଏଣ୍ଟରପ୍ରାଇଜେସ୍‌ର କର୍ତ୍ତୃପକ୍ଷ ଅବିନାଶ ମହାନନ୍ଦଙ୍କ କହିଛନ୍ତି ଯେ ଯୋଗାଣ ବନ୍ଦ ଥିବାରୁ ଆମ ପାଖରେ ବର୍ତ୍ତମାନ ସିଲିଣ୍ଡର ଷ୍ଟକ ନାହିଁ, ଯାହା ଫଳରେ ଆମେ ଗ୍ରାହକଙ୍କୁ ଗ୍ୟାସ୍ ଡେଲିଭରୀ କରିପାରୁନାହୁଁ।

ଅପରପକ୍ଷେ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଆଜି ପାରାଦୀପ ସମେତ ବିଭିନ୍ନ ତୈଳ ଡିପୋରୁ ପ୍ରାୟ ୫୦୦ ତେଲ ଟ୍ୟାଙ୍କର ଲୋଡ୍ ହୋଇ ଗନ୍ତବ୍ୟ ସ୍ଥଳଗୁଡିକୁ ଯାଇଛି। କଟକ, ଭୁବନେଶ୍ୱର ଏବଂ ପୁରୀରେ ଏହା ଆଜି ରାତି ଓଅନ୍ୟ ଅଞ୍ଚଳଗୁଡିକରେ ଆସନ୍ତା କାଲି ସୁଦ୍ଧା ପହଞ୍ଚିଯିବ। ଯେଉଁଠାରେ ସମସ୍ୟା ହେଉଛି ସେଠାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଫିସରଙ୍କ ସହାୟତାରେ ଗାଡି ପାସ୍ କରାଯାଉଛି। ଏଥିରେ ବର୍ତ୍ତମାନର ସ୍ଥିତି ନିୟନ୍ତ୍ରଣ ହୋଇଯିବ, ହେଲେ ତା ପରେ କ'ଣ ହେବେ କହିହେବ ନାହିଁ ବୋଲି ସେ କହିଛନ୍ତି।

### ବିହାର ନିର୍ବାଚନ...

ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି। ବିହାର ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଏଭଳି ପ୍ରକ୍ରିୟା ଆରମ୍ଭ କରିବା ପାଇଁ କମିସନଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଥିଲେ ବେଞ୍ଚ। ବେଞ୍ଚ କହିଥିଲେ ଯେ ବିହାରରେ ଯଦି ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାର ଥିଲା, ତାହାହେଲେ ଯଥେଷ୍ଟ ପୂର୍ବରୁ ଆରମ୍ଭ କରାଯିବାର ଥିଲା। କମିସନ ବହୁତ ବିଳମ୍ବରେ ଆରମ୍ଭ କରିଛନ୍ତି। ଯେଉଁମାନଙ୍କର ନାମ ତାଲିକାରୁ ବାଦ୍ ପଡ଼ିଯିବ, ସେମାନଙ୍କର ଆପତ୍ତି ଶୁଣିବାକୁ ସମୟ ରହିବ ନାହିଁ। ନିର୍ବାଚନ ଉପରେ ଏହା ଗଭୀର ପ୍ରଭାବ ପକାଇବ। ଏହି ସମୟରେ କମିସନରଙ୍କର ଆଡଭୋକେଟ୍ ଆଶ୍ୱାସନା ଦେଇ କହିଥିଲେ ।।ଯେ ତାଲିକାରୁ ନାମ କାଟିବା ପୂର୍ବରୁ ଭୋଟରଙ୍କୁ ସେମାନଙ୍କର ପକ୍ଷ ରଖିବା ଲାଗି ସୁଯୋଗ ଦିଆଯିବ।

ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ପ୍ରକ୍ରିୟାରୁ ଆଧାର କାର୍ଡକୁ ଅଲଗା କରିବାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ପ୍ରମାଣ ପାଇଁ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ କରି କୋର୍ଟ କହିଥିଲେ ଯେ ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ନିର୍ବାଚନ କମିସନ ଏହା ଉପରେ ନିଷ୍ପତ୍ତି ନେଇପାରିବ ନାହିଁ। କୋର୍ଟ କହିଲେ ଯେ ଭାରତର ନାଗରିକ କିଏ? ତାହା ଉପରେ କେବଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ହିଁ ବିଚାର କରିପାରିବ। ଯେଉଁମାନେ ଭାରତର ନାଗରିକ ନୁହନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ କେବଳ ସ୍ୱରାଷ୍ଟ୍ର ବିଭାଗ ହିଁ କାଟିପାରିବ। ଏହି କ୍ଷମତା ନିର୍ବାଚନ କମିସନକୁ ଦିଆଯାଇ ନାହିଁ। ତେଣୁ ଭୋଟର ତାଲିକାରୁ କମିସନ ସେମାନଙ୍କର ନାମ କାଟିପାରିବ ନାହିଁ। ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣ ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ପରାମର୍ଶ ଦେଇଥିଲେ କୋର୍ଟ।

ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିସନଙ୍କୁ ତିନିଟି ପ୍ରଶ୍ନ ପଚାରିବା ସହିତ ଏହାର ଉତ୍ତର ଦେବାକୁ କହିଛନ୍ତି। କୋର୍ଟ କହିଥିଲେ ଯେ ଲୋକ ପ୍ରତିନିଧି ଆଇନରେ ସମରି ରିଭିଜନ ଏବଂ ସ୍ପେଶାଲ ରିଭିଜନର ବ୍ୟବସ୍ଥା ରହିଛି। ସ୍ପେଶାଲ ଇଣ୍ଟେନସିଭ ରିଭିଜନ୍ ବ୍ୟବସ୍ଥା କେଉଁଠୁ ଆସିଲା ଏବଂ କମିସନଙ୍କ ଏହି କ୍ଷମତା ଦେଲା କିଏ? ଏହାକୁ ବିହାର ନିର୍ବାଚନ ସହିତ କାହିଁକି ଯୋଡ଼ାଯାଇଛି? ବିହାର ନିର୍ବାଚନ ନଭେମ୍ବର ମାସରେ ହେବାକୁ ଯାଉଥିବା ବେଳେ ଏହାର ଖୁବ କମ୍ ସମୟ ପୂର୍ବରୁ ଏହି ପ୍ରକ୍ରିୟା କାହିଁକି ଆରମ୍ଭ କରାଯାଇଛି? କୋର୍ଟ କହିଲେ ଯେ ଥରେ ଭୋଟର ତାଲିକା ପ୍ରସ୍ତୁତ ହୋଇଗଲେ ଏଥିରେ କୋର୍ଟ ଆଉ ହସ୍ତକ୍ଷେପ କରିପାରିବେ ନାହିଁ। କିନ୍ତୁ ଚୂଡ଼ାନ୍ତ ତାଲିକାରୁ ନାମ କଟିଲେ ନାଗରିକ ସେମାନଙ୍କର ଆପତ୍ତି ଜଣାଇବାକୁ ସମୟ ପାଇବେ ନାହିଁ। ଏତେ କମ୍ ସମୟ କାହିଁକି ରଖାଗଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

### ପୃଥକ ଦୁର୍ଘଟଣାରେ...

ସ୍ଥାନୀୟ ଲୋକେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦଉଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ପାଇ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ ଓ ତହସିଲଦାର ଅଶୋକ ପଟ୍ଟନାୟକ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

ଅନ୍ୟପକ୍ଷରେ ଗୋଟିଏ ଗାଡ଼ିରେ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିବାରୁ ଏହାକୁ ନେଇ ସଂପର୍କୀୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏପରି କରି ହସ୍ପିଟାଲ କର୍ତ୍ତୃପକ୍ଷ ଶବକୁ ଅସମ୍ମାନ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସେହିପରି ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ବସନ୍ତପୁର ପେଟ୍ରୋଲ ପମ୍ପ ନିକଟ ୫୫ନଂ ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସଦର ଥାନା ତୁମ୍ବା ଅଣ୍ଡେଇସାହି ଗ୍ରାମର ଦୀପକ ମହାନ୍ତି ଓ ନାଉଗାଁ ଥାନା ଅରଖକୁଦ ଗ୍ରାମର ପ୍ରଭାସ ନାୟକ।

ଦୀପକ ଓ ପ୍ରଭାସ ବାଇକ୍‌ରେ ଯାଉଥିବା ବେଳେ ଜଗତସିଂହପୁରରୁ କଟକ ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଭ୍ୟାନ୍‌ଟି ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏଥିରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଜଗତସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବିରିଡି ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ପିକଅପ୍ ଓ ବାଇକ୍‌କୁ ପୁଲିସ୍ ଜବତ କରିଛି।

### ବୀମା କମ୍ପାନୀଙ୍କ...

ବିଶ୍ଳେଷଣରୁ ସରକାର ଏବଂ ଇନ୍‌ସୁରାନ୍ସ ରେଗୁଲାଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ (ଆଇଆରଡିଏଆଇ) ଜାଣିବାକୁ ପାଇଛି ଯେ ହସ୍ପିଟାଲଗୁଡିକ ଅଧିକ ଟଙ୍କାର ବୀମା ନେଇଥିବା ରୋଗୀଙ୍କଠାରୁ ଅଧିକ ଦେୟ ଆଦାୟ କରୁଛନ୍ତି। ଏଥିଯୋଗୁଁ ବୀମା କମ୍ପାନୀଗୁଡିକ ଅଧିକ ପ୍ରିମିୟମ ନେଉଛନ୍ତି। ଫଳରେ ଅନେକ ଲୋକ ସ୍ୱାସ୍ଥ୍ୟବୀମା ନେବାରୁ ଦୂରେଇ ରହୁଛନ୍ତି।

ଏ ନେଇ ଅର୍ଥ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ବୀମା କମ୍ପାନୀ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ରୋଗୀଙ୍କ ମଧ୍ୟରେ ପ୍ରବେଶ ଦ୍ୱାର ଭାବେ କାର୍ଯ୍ୟ କରୁଥିବା ନ୍ୟାସନାଲ ହେଲ୍‌ଥ କ୍ଲେମ ଏକ୍ସଚେଞ୍ଜ (ଏନ୍‌ଏଚ୍‌ସିଇ) ମୂଳଚାଳ କରି ଚିକିତ୍ସା ଖର୍ଚ୍ଚ ଧାର୍ଯ୍ୟ କରିବା ପାଇଁ ବୀମା କମ୍ପାନୀଙ୍କ ସହ କାର୍ଯ୍ୟ କରିବ। ଏବେ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ନ୍ୟାସନାଲ ହେଲ୍‌ଥ ଅଥରିଟି (ଏନଏଚଏ) ଏହି ଏକ୍ସଚେଞ୍ଜ (ପ୍ରତିବଦଳ) ପାଇଁ କାର୍ଯ୍ୟ କରୁଛି। ବୀମା ନିୟାମକ ସହ ଆଲୋଚନା କରି ଏହାକୁ ପ୍ରସ୍ତୁତ କରାଯାଇଛି।

### ସିବିଆଇ ପଞ୍ଝାରେ...

ତୁମୁଲିଆ ପ୍ରୋଜେକ୍ଟର ଡିସଭର୍ସମେଣ୍ଟ ସେଲର ମୁଖ୍ୟ ଅଖିଳେଶ କୁମାର ବର୍ମା ଝୁପୁରଙ୍ଗାର ଜଣେ ବିସ୍ଥାପିତଙ୍କଠାରୁ ଘର ବାବଦରେ ମୋଟ ୧୧ ଲକ୍ଷ ୩୭ ହଜାର ୫୯୫ ଟଙ୍କା ରିଲିଜ୍ କରିବା ପାଇଁ ଅଖିଳେଶ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ବିସ୍ଥାପିତ ପ୍ରଥମେ ୧୦ହଜାର ଟଙ୍କା ଦେଇ ସାରିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ତାଙ୍କଠାରୁ ଅଖିଳେଶ ୨୦ ହଜାର ଟଙ୍କା ନେଉଥିଲେ। ଏତିକିବେଳେ ପୂର୍ବ ଯୋଜନା ମୁତାବକ ଛକି ବସିଥିବା ସିବିଆଇ ଦଳ ତାଙ୍କୁ ଲାଞ୍ଚ ଟଙ୍କା ସହ ମାଡ଼ି ବସିଥିଲା। ସିବିଆଇ ଟିମ୍ ତାଙ୍କୁ ଗିରଫ କରିବା ସହ ବସୁନ୍ଧରାସ୍ଥିତ ତାଙ୍କ ଅଫିସ୍ ଓ ଏମ୍‌ସିଏଲ୍ କ୍ୱାର୍ଟରରେ ଚଢ଼ଉ କରିଥିଲେ।

ସିବିଆଇ ପକ୍ଷରୁ କୁହାଯାଇଛି ଯେ ଏମ୍‌ସିଏଲ୍‌ର ସୁନ୍ଦରଗଡ଼ ଜିଲ୍ଲା ବସୁନ୍ଧରା ଏରିଆ ମୁଖ୍ୟ ପ୍ରବନ୍ଧକ (ଖଣି) ଅଖିଳେଶ ବର୍ମା ୨୦ ହଜାର ଟଙ୍କା ଲାଞ୍ଚ ମାଗିବା ଏବଂ ଏହାକୁ ନେଉଥିବା ବେଳେ ଗତକାଲି ଧରାପଡ଼ିଛନ୍ତି। ସେ ଜଣେ ବିସ୍ଥାପିତଙ୍କ ଘର ବାବଦକୁ ମୋଟ ୧୧ ଲକ୍ଷ ୩୭ ହଜାର ୫୯୫ ଟଙ୍କା ରିଲିଜ କରିବା ପାଇଁ ଏହି ଟଙ୍କା ନେଉଥିଲେ। ଚଢ଼ଉ ବେଳେ ଏହି ଲାଞ୍ଚ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସିବିଆଇ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ ଏମ୍‌ସିଏଲ୍ ପକ୍ଷରୁ ଅନ୍ୟ ବିସ୍ଥାପିତଙ୍କୁ ଦିଆଯାଇଥିବା ଅର୍ଥ ସେମାନଙ୍କ ପାଖରେ ପହଞ୍ଚିଛି କି ନାହିଁ ତାର ଖୋଳତାଡ଼ ଆରମ୍ଭ କରିଛି ସିବିଆଇ।


**IN THE COURT OF THE SENIOR CIVIL JUDGE**
**Bissam Cuttack, District: Rayagada, Odisha**
Civil Suit No. 12 of 2023 & I.A. No. 01 of 2023

**Sri Arabinda Ranasingh** — Plaintiff/Petitioner
Vs.
**Smt. Aruna Sahu & 14 Others** — Defendants/Respondents

**NOTICE**
**(Under Order V, Rule-20 of C.P.C.)**

To,
**1.Sri Bhrusaketu Sahoo,** aged about 34 years, S/o Late Kamadeba Sahoo, Caste: Sundhi, Resident of Muniguda, P.O. & P.S.: Muniguda, Dist.: Rayagada, Odisha.
**2. Tupilal Sahoo,** aged about 72 years, S/o Late Damburdhar Sahu, Caste: Sundhi, resident of Boxi Siripur, P.O.: Hata Muniguda, P.S.: Muniguda, Dist.: Rayagada, Odisha.
**3. Baidahi Sahu,** aged about 62 years, W/o Tupilal Sahu, Caste: Sundhi, resident of Muniguda, P.O. & P.S.: Muniguda, Dist.: Rayagada, Odisha.
**4. Smt. Nirupama Mohanty,** aged about 30 years, W/o Debasis Panda, Resident of New Colony, Rayagada, Rayagada, P.O. & P.S.: Rayagada, Odisha - 765001.

**Defendants Nos: 4, 5, 6 & 14 / Respondent Nos. 4, 5, 6 & 14**

Take notice that the above-named Plaintiff/Petitioner instituted a **Civil Suit No. 12 of 2023 along with I.A. No. 1 of 2023 before the Hon'ble Court of SENIOR CIVIL JUDGE, BISSAM CUTTACK**. It is further informed that service of summons could not be effected upon **Defendants / Respondents Nos. 4, 5, 6, and 14** as you all are keeping out of the way to avoiding service. Hence this notice is issued through publication.

You all are hereby directed to appear in this Hon'ble Court in person or through a pleader on the **11th day of August, 2025 at 10:30 A.M./P.M.** to answer the claims made against you. Failing which, the aforesaid Civil Suit & I.A. will be heard and determined in your absence and without any further notice to you.

Given under my hand and seal of this Court on this 4th day of July, 2025.

**Sd/-Senior Civil Judge,**
**Bissam Cuttack**
**Dist.: Rayagada, Odisha**



**AFFIDAVIT**
I, Narayanasinthi Deenabandhu Choudhury, aged about 67 years, S/o- Narayansinti Laxman Choudhury, resident of At/Po/Ps- Sorada Badadanda, Berhampur, DIst- Ganjam, PIN-761108, Odisha declared by this affidavit No. 1302, dtd- 09/07/2025 that now onwards I shall be known as **N DINABANDHU CHOUDHURY** for all future purposes.

**AFFIDAVIT**
I, Jhuli Majhi, aged about 50 years, W/o-Kauri Majhi, resident of At/Po- Bijayanagar, Ps- Mahakalpada, Dist- Kendrapara, PIN- 754224, Odisha declared by this affidavit No- 552, dtd- 09/07/2025 that now onwards I shall be known as **SHANTILATA MAJHI** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 16/06/2025 I Sri Kamulu Khemundu, S/o- Sama Khemundu, Village- Bhitarchenda, Post- Peta, Ps.- Nandapur, Dist.- KORAPUT declare that I have changed my daughters name from **Parbati Khemundu** to **Basanti Khemundu**. Henceforth, My Daughters shall be known as **Basanti Khemundu** for all purpose.
Sd/- Kamulu Khemundu

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 10/07/2025 I, Sri Kusuma Sisa D/o- Sitaram Sisa, Village- Hatibari, Post- Hatibari, PS- Padua, Dist.- Koraput declare that, I have changed my name from **Krushana Sisa** to **Kusuma Sisa**. Henceforth, I shall be known as **Kusuma Sisa** for all purpose.
Sd/- Kusuma Sisa

**AFFIDAVIT**
By virtue of an affidavit before the Executive Magistrate, Padampur, I, Dhruba Raut, S/o- Karttik Raut, resident of At- Jhankarpali, Po.- Rajborasambar, Dist.- Bargarh, Pin- 768036, Odisha vide affidavit no. 03 dated 27.2.2025 state that, I have changed the name of my minor daughter from **Neha Raut** to **Baishnabi Raut**. Henceforth she will be known as **Baishnabi Raut** for all purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 01/07/2025 I, Sri J D Samuel, S/o- Bhisma Pani, Village - Nauda, Post- Regeda, PS.- Puttasing, Dist.- Rayagada declare that, I have changed my name from **Samuel Pani** to **J D Samuel Pani**. Henceforth, I shall be known as **J D Samuel Pani** for all purpose.
Sd/- J D Samuel Pani

**AFFIDAVIT**
I, Krian Pal, aged about 57 years, W/o- Gobinda Pal, resident of At- Balikbad, Po- Bajitpur, Ps- Marine Talsari, Dist- Balasore, Odisha, PIN- 756085 declare by this affidavit No.1341, dtd. 07/07/2025, that now onwards I shall be known as **CHHABI RANI PAL** for all future purposes.

**AFFIDAVIT**
I, Narayanasinthi Badri Narayana Choudhury, aged about 38 years, S/o- N Dinabandhu Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYAN CHOUDHURY** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 01/07/2025 I Sri Subarao Mallick S/o Jayasen Mallick, Village- Khilua, Post- Hikimput, PS - Nandapur, Dist.- Koraput declare that I have changed my name from **Subas Mallick** to **Subarao Mallick**. Henceforth, I shall be known as **Subarao Mallick** for all purpose.
Sd/- Subarao Mallick

**AFFIDAVIT**
I, Musatakin Shaikh, aged about 37 years, S/o- Sk Muntaj, resident of At/Po-Neulpur, Dharmasala, Dist- Jajpur, PIN- 755024, Odisha declared by this affidavit No- 550, dtd- 09/07/2025 that now onwards I shall be known as **SK MUSATAKIN** for all future purposes.

**NOTICE (for Minor)**
By virtue of an affidavit sworn before Executive Magistrate, Bhubaneswar dated 10.03.2025, I Kanaklata Patra, at- Haladia, Jhadeswarpur, Mahanga, Po.- Haladia, Ps.- Jhadeswarpur, Cuttack, Dist.- Cuttack, Odisha, Pin- 754207 declare that I have changed the name of my son from **Tanmay Kumar Mohapatra** to **Tanmaya Kumar Patra**. Henceforth, he shall be known as **Tanmaya Kumar Patra** for all purposes.

**AFFIDAVIT**
I, Ranjita Behera, W/o- Jajnabarah Mohanty, resident of At- Qtr No- VR/28, UNIT-6, PO- GPO Post Office, PS- Capital, Tehsil- Bhubaneswar, Dist- Khurda, PIN-751001, Odisha, declare by this affidavit No. 66, dated- 14/05/2025 that now onwards I shall be known as **RANJITA MOHANTY** for all future purposes.

**AFFIDAVIT**
I, Sibasis Biswal, S/o- Babunath Biswal, resident of Plot No- 137, Suryanagar, Unit-7, Bhubaneswar, PO/PS- Capital, P.S, Dist- Khurda, Pin-751003, Odisha decalre by this affidavit No- 76AA900997, dtd- 09/07/2025 that now onwards I shall be known as **SIBASISH BISWAL** for all future purposes.



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ : ଛତିଶଗଡ
ଛତିଶଗଡ ଆଇ ହସ୍ପିଟାଲ କ୍ୟାମ୍ପସ, ୧ମ ମହଲା, ତେଲିବନ୍ଧା, ରାୟପୁର (ସି.ଜି.)-୪୯୨୦୦୬

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

**(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପରବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବୈଲାଡିଲା ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । **କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଉପଲବ୍ଧ ସମୟସୀମା ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ।**

| ବୈଲାଡିଲା ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକ ଏବଂ **ସହ-ଋଣଗ୍ରହୀତା: ଶ୍ରୀମତୀ ଇନ୍ଦୁ ନାୟକ,** ସ୍ୱାମୀ: ଶ୍ରୀ ମଦନ ନାୟକ, ଉଭୟଙ୍କ ଠିକଣା– ପ୍ଲଟ୍ ନଂ.: ୬୬୬/ ୪୨୭୨, ଗ୍ରାମ: ଶଶାହାଣ୍ଡି, ତହସିଲ: କୋଟପାଡ, ପୋ.: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା-୭୬୪୦୫୬ | ୨୮.୦୨.୨୦୨୫ ସୁଦ୍ଧା ଟ.୫,୯୨,୬୧୩.୪୫ + ସେବାବଦ ଭବିଷ୍ୟତ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି | ୧୩.୦୩.୨୦୨୫ / ୦୫.୦୭.୨୦୨୫ | **ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଶଶାହାଣ୍ଡି, ଥାନା: କୋଟପାଡ, ପରିମିତ କ୍ଷେତ୍ର: ୨୧୬୦ ବର୍ଗଫୁଟ, ଖାତା ନଂ.: ୮୮୯/୨୪୩, ପ୍ଲଟ୍ ନଂ.: ୬୬୬/୪୨୭୨, ବୁକ୍ ନଂ. ୧, ଭଲ୍ୟୁମ୍ ନଂ.: ୨୭୮, ପୃଷ୍ଠା ନଂ. ୭୩ ରୁ ୭୬, ପଞ୍ଜିକୃତ ତାରିଖ: ୧୩.୦୧.୧୯୯୮, ସବ୍ ରେଜିଷ୍ଟ୍ରାର ଅଫିସ୍: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସୁନାଧର ପୂଜାରୀ ଏବଂ ବଳରାମ ପୂଜାରୀଙ୍କ ଜମି, ପୂର୍ବ: ପ୍ଲଟ୍ ନ.: ୬୬୬ର ଅବଶିଷ୍ଟ ଜମି, ପଶ୍ଚିମ: ସୁନାଧର ପୂଜାରୀଙ୍କ ଘର |

**ସ୍ଥାନ: ଛତିଶଗଡ, ତାରିଖ : ୧୦.୦୭.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ସଂ. 18-SBP-TRD-OT-2025-26, ତା.07.07.2025ରିଖ

**କାର୍ଯ୍ୟର ନାମ :** 2 ବର୍ଷର ସମୟାବଧି ନିମନ୍ତେ ଟାୱାର କାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।

**ଆନୁମାନିକ ମୂଲ୍ୟ :** ₹ 6,54,05,542.06, EMD : ₹ 4,77,000/-, ଶେଷ ହେବା ଅବଧି: 24 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.07.2025ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-343/Q/25-26

ସକାଳ
THE SAKALA



## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ମେଳାରେ ଜମୁଛି ଭିଡ଼; ବଢୁଛି ବେପାର

# ସହର ଚଳଚଞ୍ଚଳ; ବଡ଼ଦାଣ୍ଡ ଲୋକାରଣ୍ୟ





ବାରିପଦା, ୧୦।୭ (ସମିସ)

ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଶେଷ ହେବା ପରେ ବି ସହର ଚଳଚଞ୍ଚଳ ହୋଇଛି। ଗୁରୁବାର ଅନୁକୂଳ ପାଗ ପାଇଁ ମେଳାରେ ପ୍ରବଳ ଭିଡ ହୋଇଛି। ରଥଯାତ୍ରା ଓ ବାହୁଡା ଯାତ୍ରାକୁ ନେଇ ମେଳାରେ ବିଭିନ୍ନ ପ୍ରକାର ଦୋଳି, ପିଲାଙ୍କ ମନୋରଞ୍ଜନ ଖେଳନା ଆଦିକୁ ନେଇ ଲୋକଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ମେଳା ସରି ଆସୁଥିବାବେଳେ ଭିଡ଼ ମଧ୍ୟ ସେହି ପରିମାଣରେ ବଢ଼ିବାରେ ଲାଗିଛି। ବାରିପଦାର ବଡ଼ଦାଣ୍ଡରେ ମେଳା ଓ ମିନା ବଜାରକୁ ନେଇ ସନ୍ଧ୍ୟାରେ ବେଶ ଭିଡ ଜମୁଛି। ଦିନତମାମ ଲୋକଙ୍କ ସମାଗମ ଚାଲିଥିବା ବେଳେ ସନ୍ଧ୍ୟା ହେବା କ୍ଷଣି ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିଛି। ସନ୍ଧ୍ୟା ୬ଟା ବେଳକୁ ସମ୍ପୂର୍ଣ୍ଣ ବଡ଼ଦାଣ୍ଡ ଛୋଟ ଛୁଆ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଯାଉଛି। ବହୁ ସଂଖ୍ୟାରେ ଲୋକଙ୍କ ଆଗମନ ଯୋଗୁଁ ବଡ଼ଦାଣ୍ଡକୁ ଚତୁଃପାର୍ଶ୍ୱକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଜାମ୍ ହୋଇଯାଉଛି। ସେପଟେ ବ୍ୟବସାୟୀଙ୍କ ପାଇଁ ବେଶ ଲାଭ ଦାୟକ ହେଉଛି। ମେଳାରେ ଘରକରଣା ସାମଗ୍ରୀ ଠାରୁ ଆରମ୍ଭ କରି ଭଳିକି ଭଳି ଖାଦ୍ୟ ଖାଇବାରେ ସମସ୍ତେ ବ୍ୟସ୍ତ। ମେଳାରେ ଜିଲ୍ଲା, ରାଜ୍ୟ ତଥା ପଡୋଶୀ ରାଜ୍ୟର ଲୋକଙ୍କ ସମାଗମ ହେଉଛି। ଏଥି ସହିତ ବିଭିନ୍ନ ସ୍ଥାନରୁ ବେପାରୀଙ୍କୁ ନେଇ ହଜାରେରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ଅନ୍ୟପକ୍ଷରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହାକୁ ଉପଭୋଗ କରିବା ପାଇଁ ବେଶ ଦର୍ଶକଙ୍କ ସମାଗମ ହେଉଛି।

### ଖେଳଣା ଓ ବେଲୁନ ଦୋକାନରେ ଶିଶୁଙ୍କ ଭିଡ଼

ମେଳାରେ ବସିଥିବା ବେଲୁନ ଓ ଖେଳଣା ଦୋକାନରେ କୁନି କୁନି ପିଲାଙ୍କ ବେଶ ଭିଡ଼ ପରିଲକ୍ଷିତ ହେଉଛି। ମେଳା ବୁଲିବାକୁ ବାପା, ମାଆଙ୍କ ସହ ଆସିଥିବା ପିଲାମାନେ ତାଙ୍କ ମନ ପସନ୍ଦର ରଙ୍ଗ ବେରଙ୍ଗର ଭଳି କି ଭଳି ବେଲୁନ୍ କିଣିବା ସହିତ ବିଭିନ୍ନ ପ୍ରକାରର ଖେଳନା କିଣି ନେଉଛନ୍ତି।

### ବୋହି ନେଲେ ଘରକରଣା ସାମଗ୍ରୀ

ବର୍ଷକରେ ଥରେ ଏହି ରଥଯାତ୍ରା ମେଳା ପଡୁଥିବା ବେଳେ ରାଜ୍ୟ ବାହାର ଦୋକାନୀଙ୍କ ବହୁ ପ୍ରକାର ଘରକରଣା ସାମଗ୍ରୀର ଷ୍ଟଲ ଏଠାରେ ପଡ଼ିଥାଏ। ଲୋକେ ମେଳାରେ ନିଜ ନିଜର ମନପସନ୍ଦର ଘରକରଣା ଜିନିଷ କିଣିବାର ବେଶ ଆଦର ଥାଏ। ମେଳାରେ ଚଳିତ ଥର ବିଭିନ୍ନ ପଥର ତିଆରି ଶିଳ, ଠାକୁର ମୂର୍ତ୍ତି, ଦୀପ, ପଥୁରି, ଘରକରଣା ସମେତ ଘର ସଜ୍ଜିତ କରିବା ଉପକରଣ ସାଙ୍ଗକୁ ଅନେକ ଘରୋଇ ଉପକରଣ ଜିଣିଷ କିଣିବାରେ ସୁଯୋଗ ପାଇଥିଲେ। ମେଳାରେ ଏହି ସବୁ ଜିଣିଷର ଦର କମ୍ ଥିବାରୁ ଲୋକେ ଘରକରଣା ଜିଣିଷ କଣିବାର ସୁଯୋଗ କେହି ହାତଛଡା କରିନାହାନ୍ତି।



### ଆକର୍ଷଣ ସାଜିଛି ବିଭିନ୍ନ ପ୍ରକାର ଦୋଳି

ପ୍ରତ୍ୟେକ ବର୍ଷ ମେଳାକୁ ବିଭିନ୍ନ ପ୍ରକାର ଦୋଳି ଆକର୍ଷଣ କେନ୍ଦ୍ରବିନ୍ଦୁ ଥିବା ବେଳେ ଚଳିତ ବର୍ଷ ସର୍କସ ମଧ୍ୟ ପଡ଼ିଛି। ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଛଉ ପଡ଼ିଆରେ ସର୍କସ ସମେତ ଦୋଳି ପଡ଼ିଆରେ ମଜା ନେବାକୁ ସନ୍ଧ୍ୟା ହେବା କ୍ଷଣି ଲୋକଙ୍କ ଅନେକ ଭିଡ଼ ଜମୁଛି। ଯାହାକି ଉକ୍ତ ବେପାରୀ ମାନଙ୍କୁ ଖୁବ ମୁନାଫା ଯୋଗାଇଛି।

### ଖାଇବା ଦୋକାନରେ ଭିଡ଼

ରଥଯାତ୍ରା ମେଳାରେ ଖାଦ୍ୟର ମଜା ନେବାକୁ କେହି ହାତଛଡା କରୁନାହାନ୍ତି ଲୋକେ। ବିଭିନ୍ନ ପ୍ରକାର ଫାଷ୍ଟଫୁଡ଼ ସମେତ ଚାଟ, ଗୁପଚୁପ, କାଶ୍ମୀର ଚପ, ଲଙ୍କା ଚପ, ମଥୁରା କେକ, ଡାକାଇ ପୁରୀ ଆଦିର ଖାଦ୍ୟ ଷ୍ଟଲ ଖୋଲିଛି। ଯାହାକୁ ଖାଇବା ପାଇଁ ଖାଦ୍ୟ ଷ୍ଟଲ ଗୁଡ଼ିକରେ ଲୋକଙ୍କ ଅନେକ ଭିଡ଼ ଥିବା ପରିଲକ୍ଷିତ ହେଉଛି।

### ପୌରପାଳିକା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ମେଳାରେ ଅନେକ ଲୋକଙ୍କ ସମାଗମ ହେଉଥିବା ବେଳେ ବହୁ ଦୋକାନ ମଧ୍ୟ ଖୋଲିଛି। ଯାହାକୁ ବଡ଼ଦାଣ୍ଡ ସମେତ ସହରର ଅନ୍ୟାନ୍ୟ ସ୍ଥାନରେ ଅଳିଆ ଆବର୍ଜନା ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ବାରିପଦା ପୌରପାଳିକା ପକ୍ଷରୁ ପ୍ରତିଦିନ ବିଳମ୍ବିତ ରାତିରେ ସଫେଇ କରାଯାଉଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉପ ନଗରପାଳ ସୀମା ଦାସ ଓ ସ୍ଥାନୀୟ ୱାର୍ଡ କାଉନସିଲର ବଡ଼ଦାଣ୍ଡରେ ଉପସ୍ଥିତ ରହି ସଫେଇକୁ ତ୍ୱରାନ୍ୱିତ କରୁଛନ୍ତି।

## ବାରିପଦାରେ ସେକ୍ସ ରାକେଟ୍

# ୨ ଯୁବତୀ ଉଦ୍ଧାର; ମହିଳା ଗିରଫ

ବାରିପଦା, ୧୦।୭ (ସମିସ): ଚାକିରି ଦେବାର ପ୍ରଲୋଭନ ଦେଖାଇ ଏକ ଦମ୍ପତି ଯୁବତୀଙ୍କୁ ଦେହ ବ୍ୟବସାୟରେ ଲଗାଉଥିବା ଭଳି ଏକ ସେକ୍ସ ର୍ୟାକେଟ୍ ବାରିପଦା ସହରରୁ ଠାବ ହୋଇଛି। ଅଭିଯୁକ୍ତ ଦମ୍ପତି ଭଡା ଘରେ ବଡ଼ ଧରଣର ସେକ୍ସ ରାକେଟ୍ ଚଳାଇଥିବା ବେଳେ ଭଞ୍ଜପୁର ଥାନା ଅଧିକାରୀ ଅଜୟ କୁମାର ଜେନା ସୂଚନା ପାଇ ସେଠାରୁ ୨ଜଣ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଜଣେ ମହିଳାଙ୍କୁ ଗିରଫ କରିଛି। ତେବେ ତାଙ୍କ ସ୍ୱାମୀ ଫେରାର ହୋଇଯାଇଛି। ମହିଳା ଜଣକ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ଭୁଗୁଡାକଟା ଅଞ୍ଚଳର ମାନି ଦଳେଇ। ସୂଚନା ଅନୁଯାୟୀ, ଭୁଗୁଡାକଟା ଅଞ୍ଚଳରେ ଏକ ଭଡା ଘରେ ମାନି ଓ ତାଙ୍କ ସ୍ୱାମୀ ଯୁବତୀଙ୍କୁ ଆଣି ଦେହ ବ୍ୟବସାୟରେ ଲଗାଉଥିଲେ। ଚାକିରି ପ୍ରଲୋଭନ ଦେଇ ସମ୍ପର୍କ ସୃଷ୍ଟି କରି ଉଭୟ ଯୁବତୀଙ୍କୁ ବିଭିନ୍ନ ସ୍ଥାନରୁ ବାରିପଦାକୁ ଆଣୁଥିଲେ। ପରେ ସ୍ୱାମୀ-ସ୍ତ୍ରୀ ଉକ୍ତ ଯୁବତୀଙ୍କୁ ଦେହ ବ୍ୟବସାୟ ଲଗାଉଥିଲେ। ଏଭଳି କିଛିଦିନ ଚାଲିବା ପରେ ସ୍ଥାନୀୟ ଲୋକେ ସନ୍ଦେହ ହୋଇଥିଲା ଏବଂ ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଭଞ୍ଜପୁର ଥାନା ପୁଲିସ ଚଢ଼ଉ କରି ମହିଳାଙ୍କୁ ଗିରଫ କରିଛନ୍ତି। ପରେ ଦୁଇ ଜଣ ଯୁବତୀଙ୍କୁ ଉଦ୍ଧାର କରି ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ନିୟମିତ ଗ୍ରାହକ ଭାବେ ସହରର ଜଣାଶୁଣା ବ୍ୟକ୍ତିବିଶେଷଙ୍କ ନାମ ଚର୍ଚ୍ଚାର କାରଣ ସାଜିଛି। ବର୍ଷକ ପୂର୍ବରୁ ମଧ୍ୟ ବାରିପଦା ସହରରେ ବାଙ୍ଗଲାଦେଶୀ ନାବାଳିକାଙ୍କୁ ଆଣି ଦେହ ବ୍ୟବସାୟରେ ଲଗାଇବା ପରେ କଟକ ଓ ଭୁବନେଶ୍ୱରକୁ ଚାଲାଣ ଘଟଣା ସାମ୍ନାକୁ ଆସିଥିଲା। ବାରମ୍ବାର ଏପରି ଅଭିଯୋଗ ହୋଇ ଆସୁଥିବା ବେଳେ ସହରର ୨ଟି ଥାନା ପକ୍ଷରୁ ସାଦା ପୋଷାକଧାରୀ ପୁଲିସକୁ ଅଧିକ କ୍ରିୟାଶୀଳ କରାଇବାକୁ ସାଧାରଣରେ ଦାବି ହେଉଛି। ଉଦ୍ଧାର ୨ଯୁବତୀ ମଧ୍ୟରୁ ଜଣେ ପଶ୍ଚିମବଙ୍ଗର ହୋଇଥିବା ବେଳେ ଅନ୍ୟଜଣଙ୍କ ଘର ବାଲେଶ୍ୱରରେ। ସେମାନଙ୍କ ପରିବାର ଲୋକ ନେବାକୁ ନ ଆସିବାରୁ ଦୁହିଁଙ୍କୁ ୱାନ ଷ୍ଟପ ସେଣ୍ଟରରେ ପୁଲିସ ରଖିବା ବ୍ୟବସ୍ଥା କରିଛି। ସେକ୍ସ ରାକେଟ ଚାଲିଥିବା ଘରୁ ପୁଲିସ ୨୧ହଜାର ୪୯୦ଟଙ୍କା, ୩ଟି ମୋବାଇଲ, କଣ୍ଡୋମ, ଗୋଟିଏ ବାଇକ ଓ ଗୋଟିଏ ସ୍କୁଟି ଜବତ କରିଛି।



# ଜଙ୍ଗଲରୁ କାଠ ଚାଲାଣ; ୩ ଗାଡ଼ି ଜବତ


ବଡ଼ସାହି, ୧୦।୭ (ସମିସ): ବଡସାହି ବ୍ଲକ ରମେଇସାହି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଆକାଶିଆ ଗଛ କଟାଯାଇ ଏକ ଚାଲାଣ ହେଉଥିବାବେଳେ ୩ଟି ଗାଡିକୁ ଜବତ କରାଯାଇଛି। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ଗାଡି ଗୁଡ଼ିକୁ ଅଟକ କରିବା ସହିତ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବଡସାହି ଫରେଷ୍ଟର ସୁନୀଲ ମହାନ୍ତ ଗାଡି ଗୁଡ଼ିକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। ଏହି ଗାଡି ଗୁଡ଼ିକୁ ବଡସାହି ବିଭାଗୀୟ କାର୍ଯ୍ୟାଳୟକୁ ନିଆଯାଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ପରେ ତାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ବୋଲି ସୂଚନା ଦେଇଛନ୍ତି। ତେବେ ଏହି କାଠଗୁଡ଼ିକ ବୈଶିଙ୍ଗା ଥାନା ଖିରପଦା ଅଞ୍ଚଳର ରବି ସାହୁ ନେଉଥିବା ଫରେଷ୍ଟର ପ୍ରକାଶ କରିଛନ୍ତି। ତାଙ୍କର ବେଲପାଳ ମୌଜାର ଏକ ଟିକଟଭୁକ୍ତ ସ୍ଥାନରୁ କାଠ ନେବା ପାଇଁ ରୋଡ ଚାଲାଣ ପରମିଟ୍ ଥିବାର ଜଣାଯାଇଛି। ମାତ୍ର ଏହି ପରମିଟକୁ ଆଧାର କରି ବଡସାହି ରମେଇସାହି ସଂରକ୍ଷିତ ଜଙ୍ଗଲ ଓ କିଛି ରାଜସ୍ୱ ସ୍ଥାନରୁ ଏହି କାଠ ଗୁଡ଼ିକ ବେଆଇନ ଭାବେ କଟି ଚାଲାଣ ହେଉଥିବାର ଅଭିଯୋଗ ହୋଇଛି।



# ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ; ଅଭିଯୁକ୍ତ ଫେରାର

ବାରିପଦା, ୧୦।୭ (ସମିସ): ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବାଙ୍ଗରିପୋଷି ଥାନା ବୁଢାମରା ଅଞ୍ଚଳରୁ ୫୨ କେଜି ଗଞ୍ଜେଇକୁ ଜବତ କରାଯାଇଛି। ତେବେ ଏହି ଘଟଣାରେ ଜଡିତ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। ସୂଚନାଯୋଗ୍ୟ ଯେ, ବୁଢାମରା ଛକ ସ୍ଥିତ ଏକ ଫାର୍ମ ହାଉସରେ ଗଞ୍ଜେଇ ଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ବାରିପଦା ବିଭାଗର ମୋବାଇଲ ଟିମ ଚଢଉ କରିଥିଲା। ସେଠାରୁ ୫୨ଟି ପକେଟରେ ଥିବା ୫୨ କେଜି ଗଞ୍ଜେଇକୁ ଜବତ କରିଛି। ତେବେ ଫେରାର ଅଭିଯୁକ୍ତକୁ ଧରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନକୁ ବିଭିନ୍ନ ସଂଗଠନର ସମର୍ଥନ



ଜଳେଶ୍ୱର ବ୍ଲକ, ୧୦।୭ (ସମିସ): ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ଜାତୀୟ ରାଜପଥ ରାଜଘାଟ ନିକଟସ୍ଥ ପୁରୁଷୋତ୍ତମ ପୁରଠାରେ ଅନୁଷ୍ଠିତ ହେଉଛି। ଆନ୍ଦୋଳନକାରୀଙ୍କୁ ଆଜି ସି.ପି.ଆଇ (ଏମ୍)ର ବରିଷ୍ଠ ନେତା ଦିଲ୍ଲୀପ ଗିରିଙ୍କ ସମେତ ଶ୍ରମିକ ସଂଗଠନର ନେତା ପଲଟୁ ଦାସ, ଶିକ୍ଷକ, ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ସଭାପତି ଅଜିତ୍ ଦାସ, ବିଦ୍ୟୁତ୍ ଫେଡ଼େରେସନର ପୂର୍ବତନ ଜିଲ୍ଲା ସଭାପତି ପ୍ରଶାନ୍ତ ପାତ୍ର, ଆଦିବାସୀ ଅଧିକାର ମଞ୍ଚର ନେତା ମଦନ ମାହାଲି ଡ୍ରାଇଭର ସଂଘର ନେତୃତ୍ୱ ଚନ୍ଦନ ଭଟାଚାର୍ଯ୍ୟ, ଶମ୍ଭୁନାଥ ବେହେରା, ଦୟାନିଧି ସେନ୍, ସର୍ବେଶ୍ୱର ଦାସ, ଭାସ୍କର ସହଳା ଓ ଉପସ୍ଥିତ ଆନ୍ଦୋଳନକାରୀଙ୍କୁ ଭେଟି ଆଲୋଚନା କରିବା ସହିତ ଡ୍ରାଇଭରସଂଘର ଦାବିଗୁଡ଼ିକ ଯଥାର୍ଥ ବୋଲି ବକ୍ତବ୍ୟରେ ଉପସ୍ଥାପନା କରିବା ସହିତ ସମର୍ଥନ ଜଣାଇଥିଲେ।

# ସରକାରୀ ନିର୍ଦ୍ଦେଶକୁ ଅବମାନନା; ପ୍ରଧାନଶିକ୍ଷକ ନିଲମ୍ବିତ

ବାଲିଆପାଳ, ୧୦।୭ (ସମିସ): ସରକାରୀ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗରେ ଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବାଲେଶ୍ୱର ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି। ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ସେବାଶ୍ରମ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜୀବଲୋଚନ ପାତ୍ର ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜନୈକ ଶିକ୍ଷକଙ୍କୁ ତାଙ୍କ ବିଦ୍ୟାଳୟରେ ଦୀର୍ଘ ୫ ମାସ ଧରି ନିଯୁକ୍ତି ନେଉନଥିବା ଅଭିଯୋଗରେ ଜିଲାପାଳ ତାଙ୍କୁ ନିଲମ୍ବିତ କରିଛନ୍ତି।

ମିଳିଥିବା ସୂଚନା ମୁତାବକ ଜଳେଶ୍ୱର ବ୍ଲକ ସର୍ଦ୍ଦାରବନ୍ଧ ସେବାଶ୍ରମ ବିଦ୍ୟାଳୟର ଶିକ୍ଷକ ମୁରଲୀମୋହନ ଜେନାଙ୍କର ଦେଉଳା ସେବାଶ୍ରମ ବିଦ୍ୟାଳୟକୁ ୧୪/୨/୨୦୨୫ରେ ବଦଳି ହୋଇଥିଲା। ସେହି ଦିନଠାରୁ ଶିକ୍ଷକ ଶ୍ରୀ ଜେନା ବଦଳି ନିର୍ଦ୍ଦେଶ ପତ୍ରକୁ ନେଇ ବାରମ୍ବାର ଦେଉଳା ସେବାଶ୍ରମ ବିଦ୍ୟାଳୟକୁ ଆସି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜୀବଲୋଚନ ପାତଙ୍କୁ ଭେଟି ନିଯୁକ୍ତି ପାଇଁ ଆବେଦନ କରିଆସିଥିଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ବିଭିନ୍ନ ଆଳ ଦେଖାଇ ଏଡ଼ାଇ ଯାଉଥିଲେ। ଏ ନେଇ ଶ୍ରୀ ଜେନା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଭାରପ୍ରାପ୍ତ ପ୍ରଧାନଙ୍କୁ କାରଣ ଦର୍ଶାଇ ନୋଟିସ ଜାରି କରିଥିଲେ। ଶ୍ରୀ ପାତ୍ର କାରଣ ଦର୍ଶାଅ ନୋଟିସର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବା ଯୋଗୁଁ ଜିଲାପାଳଙ୍କ ଚିଠି ନଂ ୧୧୫୦ତା ୫.୭.୨୫ ରିଖ ମୂଳେ ନିଲମ୍ବିତ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳିନଥିଲା ବେଳେ ସେ ଦୀର୍ଘଦିନ ଧରି ବିଦ୍ୟାଳୟ ଆସୁନଥିବା ସୂଚନା ମିଳିଛି।



# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବାଲିଆପାଳ, ୧୦।୭ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ବୁଧବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଇଡକୋ ଛକ ନିକଟରେ ଶାବୁଦ୍ଦିନ ସାହାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେବା ସହିତ ୧୦ ଗ୍ରାମର ସୁନାଚେନ, ମୋବାଇଲ ଏବଂ ନଗଦ ୧୩ ହଜାର ଟଙ୍କା ଲୁଟି ନେଇଥିବା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଯୁବକ ଶାବୁଦ୍ଦିନ ସାହା ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ଫୋନ୍‌ରେ କଥା ହେଉଥିବା ସମୟରେ ବାଲିଆପାଳ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ଦାସ, ସନ୍ତୋଷ ପାତ୍ର ଓ ନିରଞ୍ଜନ ପାତ୍ରଙ୍କ ସହିତ କିଛି ସହଯୋଗୀ ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ବାବଦରେ ଶ୍ରୀ ଦାସ କିଛି ଜାଣିନାହାନ୍ତି କି ସେ ସ୍ଥାନକୁ ଯାଇନାହାନ୍ତି ବୋଲି ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ସନ୍ତୋଷଙ୍କଠାରୁ ଶାବୁଦ୍ଦିନ ଟଙ୍କା ଧାର ନେଇ ଥିଲେ ଟଙ୍କା ମାଗିବାରୁ ସନ୍ତୋଷ ପାତ୍ରଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ହେବ ବୋଲି ବାଲିଆପାଳ ଆଇଆଇସି ଗୋବିନ୍ଦ ବେହେରା କହିଛନ୍ତି।

# ଉପସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ




ନୀଳଗିରି, ୧୦।୭ (ସମିସ): ନୀଳଗିରି ବ୍ଲକ କେପି ଲାଖି ରାଜ ପଞ୍ଚାୟତ ଚଣ୍ଡୀପୁର ଛକ ଠାରେ ନୂତନ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ଫିତାକାଟି ଶୁଭ ଉଦ୍‌ଘାଟନ କରିଥିବା ବେଳେ ତାଙ୍କ ସହିତ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ସରପଞ୍ଚ ଗିରିଶ ଚନ୍ଦ୍ର ସିଂ, ସମିତି ସଭ୍ୟା ତପସ୍ୱୀନି ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସୌମ୍ୟସମ୍ବିତ ବେହେରା, ଅଯୋଧ୍ୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ମାନସ ରାଉତ, ଡ. ରିଷବ ନାଥ ଚୌଧୁରୀ, କମ୍ୟୁନିଟି ହେଲଥ ଅଫିସର ପ୍ରିୟଙ୍କା ମଞ୍ଜରୀ ମାହାର୍ଣ୍ଣା, ସ୍ୱର୍ଣ୍ଣଚୂଡ଼ ମଣ୍ଡଳ ସଭାପତି ରତିକାନ୍ତ ସିଂ, ଡ. ପ୍ରକାଶ ମହାପାତ୍ର, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ହେଲଥ ୱାର୍କର୍ସ, ୧୩ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବେନା ଗୋସ୍ୱାମୀ, ସୁରେନ୍ଦ୍ର ସିଂ, ଭାସ୍କର ମାହାର୍ଣ୍ଣା, ଶମ୍ଭୁ ଦାସ, ପ୍ରମୁଖ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ।

## ତୃତୀୟ ଦିନରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ଡ୍ରାଇଭର-ବସ୍ ମାଲିକ ମୁହାଁମୁହିଁ

ବାରିପଦା, ୧୦।୭ (ସମିସ)

ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ଗୁରୁବାର ତୃତୀୟ ଦିନରେ ଆନ୍ଦୋଳନ ପହଞ୍ଚିଥିବାରୁ ଯାତ୍ରୀ ଓ ମାଲ୍ ପରିବହନ ଉପରେ ବିଶେଷ ପ୍ରଭାବ ପଡ଼ିଛି। ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନକ୍ରମେ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବାରିପଦାର ପାଲବଣି ଠାରେ ଧାରଣା ପ୍ରଦାନ କରାଯାଇଛି। ବିଗତ ଦିନରୁ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ଉପାୟ ମାଧ୍ୟମରେ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ବିଜେପି ସରକାର ସମସ୍ତ ସମସ୍ୟାର ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେଇ ସୁଦ୍ଧା କିନ୍ତୁ କୌଣସି ଗୋଟିଏ ବି ସମସ୍ୟାର ସମାଧାନ ହୋଇପାରିନାହିଁ। ବିଜେପି ସରକାର ଡ୍ରାଇଭରଙ୍କୁ ବାରମ୍ବାର ଉପେକ୍ଷା କରିବାରେ ଲାଗିଛି। ଏ ନେଇ ୭ଦଫା ଦାବି ଉପସ୍ଥାପନ କରି ଆନ୍ଦୋଳନ ଜାରି ରଖିଛନ୍ତି। ଗୁରୁବାର ଆନ୍ଦୋଳନର ପ୍ରଭାବ ଜିଲ୍ଲା ମଧ୍ୟରେ ବସ ଚଳାଚଳ ଉପରେ ପଡ଼ିଥିବା ବେଳେ ଜିଲ୍ଲା ବାହାରକୁ ବସ ଚଳାଚଳ ପ୍ରାୟତଃ ସ୍ୱାଭାବିକ ରହିଥିଲା। ସକାଳୁ ଭୁବନେଶ୍ୱର ଓ କଟକ ଆଦି ରୁଟରେ ବସ ଚଳାଚଳ ହୋଇନଥିବା ବେଳେ ପର୍ବାହ୍ନରେ ପ୍ରାୟତଃ ବସ ଚଳାଚଳ ଆରମ୍ଭ କରିଥିଲା। ତେବେ ଡ୍ରାଇଭର ସଂଘ କର୍ମକର୍ତ୍ତା ମାନେ ପାଲବଣି ଠାରେ ବସ ଅଟକାଇ ଥିଲେ। ଯାହାକୁ ନେଇ ବସ ମାଲିକ ଓ ଡ୍ରାଇଭର ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ବସ ମାଲିକ ସଂଘ ପୂର୍ବରୁ ସମର୍ଥନ କରିଥିବା ବେଳେ ବସ ଚଳାଚଳ କରିବା ଆରମ୍ଭ କରିଛନ୍ତି; ଯାହାକୁ ନେଇ ଯୁକ୍ତିତର୍କ ସହ କଥା କଟାକଟି ହୋଇଥିଲା। ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ବସ ସମ୍ମୁଖରେ ରାଜରାସ୍ତାରେ ବସି ରହିଥିଲେ। ଫଳରେ ବସ ଚଳାଚଳରେ ସମସ୍ୟା ଉପୁଜିଥିଲା। ଘଟଣାସ୍ଥଳରେ ବାରିପଦା ଟାଉନ ଥାନା ପୁଲିସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ରାଜ୍ୟ ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛି ସଂଘ। ମହାସଂଘ ଅନ୍ୟ ଚାଳକଙ୍କ ସମର୍ଥନ ମଧ୍ୟ ଲୋଡିଛନ୍ତି। ଶେଷ ରିପୋର୍ଟ ଅନୁସାରେ ଜିଲ୍ଲା ମଧ୍ୟରେ ଚଳାଚଳ କରୁଥିବା କିଛି ଘରୋଇ ବସ୍ ମଧ୍ୟ ଚଳାଚଳ ଆରମ୍ଭ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଏହି ୩ ଦିନ ଆନ୍ଦୋଳନ ସମୟରେ ଯାତ୍ରୀଙ୍କ ପାଇଁ ଓଏସଆରଟିସିର ମୁଖ୍ୟମନ୍ତ୍ରୀ ବସ୍ ଓ ଭଲ୍‌ବୋ ବସ ବରଦାନ ସାଜିଛି।



## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର



ରାଇରଙ୍ଗପୁର,୧୦।୭ (ସମିସ): ବର୍ଷା ବିପ୍ଲାତ ଯୋଗୁଁ ବିଜାତଳା ବ୍ଲକ ବଣକାଟି ପଞ୍ଚାୟତ ତେନ୍ତୁଳି ସାହିର ତପନ କୁମାର ହେମ୍ବ୍ରମଙ୍କ ଘରଟି ସଂପୂର୍ଣ ନଷ୍ଟହୋଇଯାଇ ମାଟିରେ ମିଶିଯାଇଛି। ଘରଟି ଭୁଶୁଡ଼ି ପଡିଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଲଗାଣ ବର୍ଷା ଲାଗି ରହିଥିବାରୁ ମାଟି କାନ୍ଥ ଓଦା ରହିଥିବାରୁ ହଠାତ୍ ଭୁଶୁଡ଼ି ଯାଇଥିଲା। ଫଳରେ ଘରେ ଥିବା ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ଏହି ବର୍ଷାରେ ବଖରା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ଗତକାଲିଠାରୁ ତୁହାକୁତୁହା ବର୍ଷା ଲାଗି ରହିଛି। ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ଘରଦ୍ୱାର ଭାଙ୍ଗିଯାଇଥିବା ମଧ୍ୟ ଖବର ମିଳିଛି।

## ଖାଲିଆମେଣ୍ଟା ସ୍କୁଲରେ ବାଳିକା ଶିକ୍ଷା



ଆନନ୍ଦପୁର, ୧୦।୭ (ସମିସ): ଘସିପୁରା ବ୍ଲକର ଖାଲିଆମେଣ୍ଟା ଧନେଇ ବିଦ୍ୟାପୀଠରେ ବାଳିକା ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବରାଳଙ୍କ ଅଧ୍ୟକ୍ଷତାରେ ବିଜେପି ନେତା ଦେବ ଜେନା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ସଭାପତି ଉଦ୍ଧାର ମହାରଣା, ବିଶିଷ୍ଟ ଅତିଥି ଭାବେ ସରପଞ୍ଚ ବୃନ୍ଦାବନ ଜେନା, ବିଦ୍ୟାଳୟପରିଚାଳନା ସମିତି ସଭ୍ୟ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସିମାଞ୍ଚଳ ଜେନା, ଦେବାଶିଷଜେନା, ପ୍ରତାପପାତ୍ର, ସ୍ୱପ୍ନାରାଣୀ ନାୟକ, ସଦାନନ୍ଦପତି, ପ୍ରଭାତସେଠୀ, ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାନ୍ତି, ରାନୁ ଦାସ, ଜାନକୀଲତା ବିଶ୍ୱାଳ ସହଯୋଗ କରିଥିଲେ।

## ପଞ୍ଚୁଗୋଛିଆ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପରଲୋକ



ହାଟଡ଼ିହି,୧୦।୭ (ସମିସ): ପଞ୍ଚୁଗୋଛିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋଲେଖ ସେଠୀଙ୍କ ପରଲୋକ ହୋଇଯାଇଛି। ସେ ୨୦୦୭ରେ ସରପଞ୍ଚ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ସକ୍ରିୟ ରାଜନୀତିରେ ରହିଆସିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ପାର୍ଥୀ ହୋଇଥିଲେ। ତିନିଦିନ ତଳେ ହଠାତ୍ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ କଟକର ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେଠାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପଞ୍ଚୁଗୋଛିଆ ପଞ୍ଚାୟତର ସରପଞ୍ଚ ଦିନେଶ ସେଠୀଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ବୈତରଣୀ ନଦୀକୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରଯାଇଥିଲା। ପୁଅ ଜ୍ଞାନରଞ୍ଜନ ସେଠୀ ମୁଖାଗ୍ନି ଦେଇଥିଲେ।

## ମେସ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା

କେନ୍ଦୁଝର, ୧୦।୭ (ସମିସ): କେନ୍ଦୁଝର ସହର ବାହ୍ମଣୀଗାଁ ରୂପେଶ ମେସରେ ରହୁଥିବା ଜଣେ ଛାତ୍ରୀ ଝରଣା ପଲେଇ(୨୦) ଆତ୍ମହତ୍ୟା କରିଛନ୍ତି। ସେ ଯୋଡ଼ା ବ୍ଲକ୍ କିତାବେଡ଼ା ଗାଁର ଅଭିମନ୍ୟୁ ପଲେଇଙ୍କ ଝିଅ। ଧରଣୀଧର ବିଶ୍ୱ ବିଦ୍ୟାଳୟରେ ପରିସରରେ ପିପିପି ମୋଡରେ ଚାଲିଥିବା ସେଲଫ୍ ଫାଇନାନ୍ସ କୋର୍ସରେ ବିବିଏ ଦ୍ୱିତୀୟ ବର୍ଷ ପାଠ ପଢୁଥିଲେ। ଟାଉନ ପୁଲିସ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ସହରରେ ଚାଲିଥିବା ଶତାଧିକ ଅଣପଞ୍ଜିକୃତ ହଷ୍ଟେଲ ଓ ମେସ୍ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗ୍ରାମ୍ୟ ମୁଖ୍ୟ ରାସ୍ତା ମରଣଯନ୍ତା



ରାଇରଙ୍ଗପୁର,୧୦।୭ (ସମିସ): କୁସୁମି ବ୍ଲକ ଅନ୍ତର୍ଗତ ଆହାରବନ୍ଧ ପଞ୍ଚାୟତର ଆହାରବନ୍ଧ ଗ୍ରାମ ମୁଖ୍ୟ ରାସ୍ତରୁ ୩୦୦ ମିଟର ସାହିରାସ୍ତା ତାରିଣୀ ଗ୍ୟାସ ଏଜେନ୍ସି ଯାଏ ମରଣଯନ୍ତା ପାଲଟିଛି। ରାସ୍ତାରୁ କଂକ୍ରିଟ ଉଠିଯିବା ଫଳରେ ଲୋକେ ଯିବାଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀ ପଞ୍ଚାୟତ ଏବଂ ବିଡ଼ିଓଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କଲେ ମଧ କୌଣସି ଫଳ ମିଳୁନାହିଁ। ତେଣୁ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।

### ୩୮ ବର୍ଷ ହେଲା ପ୍ରଧାନ ଗିଲୁଆଙ୍କୁ ଦଖଲ ଦେବାରେ ପ୍ରଶାସନ ବିଫଳ

# କାର୍ଯ୍ୟକାରୀ ହେଉନି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

କପ୍ତିପଦା,୧୦।୭ (ସମିସ): ଦୀର୍ଘ ଦଶ ବର୍ଷ ଧରି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାରେ ପ୍ରଶାସନ ବିଫଳ ହୋଇଛି। ଘଟଣାରୁ ପ୍ରକାଶ ଯେ, କପ୍ତିପଦା ବ୍ଲକ ଅଧୀନ ପଦ୍ମପୋଖରୀ ଗ୍ରାମର ପ୍ରଧାନ ଗିଲୁଆଙ୍କ ଜମି ଓ କଳା ଡିହକୁ ଜବର ଦଖଲ କରିଛନ୍ତି ଜଣେ ଶିକ୍ଷକ। ଏ ନେଇ ୩୮ ବର୍ଷ ହେଲା ଶ୍ରୀ ଗିଲୁଆ ତହସିଲଦାର, ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଗୁହାରି କରି ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ରାଧାକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନାରେ ନିର୍ମାଣାଧୀନ ଦୁଇ ମହଲା ପକ୍କା ଘର ଜାଗା ପ୍ରଧାନ ଗିଲୁଆ ପରିବାରର ହୋଇଥିଲେ ହେଁ ଏହାକୁ ଶିକ୍ଷକ ଉପେନ୍ଦ୍ର ନାଥ ଜେନା କବ୍‌ଜାରେ ରଖିଛନ୍ତି। ଶ୍ରୀ ଜେନାଙ୍କ ଘର ବାଲେଶ୍ୱର ଜିଲ୍ଲା ଖଇରା ଥାନା ତେଲଦିଆପାଟଣା ଗ୍ରାମରେ। ସେ ପଦ୍ମପୋଖରୀ ଗ୍ରାମକୁ ଆସି ପ୍ରଥମେ ରାଧାକୃଷ୍ଣ ମଧ ଇଂରାଜୀ ନାମରେ ଏକ ବିଦ୍ୟାଳୟ ଖୋଲି ସେଠାରେ ଶିକ୍ଷକତା କରିଥିଲେ। ସରକାରୀ ଜାଗାରେ ବେନିୟମ ଭାବେ ଘରୋଇ ବିଦ୍ୟାଳୟ ଖୋଲି ସଫଳ ହେବାପରେ ଧୀରେ ଧୀରେ କାୟାବିସ୍ତାର କରି ଚାଲିଛନ୍ତି। ଶ୍ରୀ ଗିଲୁଆଙ୍କ ବାପା ଡୁବୁରାଇ ଗିଲୁଆ ଜଣେ ସରଳ ଆଦିବାସୀ ସଂପ୍ରଦାୟର। ମୌଜାର ଖାତା ନଂ ୧୭୯, ପ୍ଲଟ ନଂ ୨୫୮୭ ଏ.୦୮୬ଡ଼ିସିମିଲ ଅନାବାଦୀ ପୁରୁଷାନୁକ୍ରମେ ଡୁବୁରାଇ ଦଖଲ କରି ଚାଳ ଘର କରି ରହୁଥିଲେ। ତାଙ୍କ ପିଲାମାନେ ଛୋଟ ଥିବାରୁ ଶ୍ରୀ ଜେନା ଗିଲୁଆକୁ ନିଶା ପାଣି ଖୁଆଇ ସେଠାରୁ ତାଙ୍କୁ ବିଦା କରି ଉକ୍ତ ଜାଗାକୁ ଦଖଲ କରିନେଇଛନ୍ତି। କୌଶଳକ୍ରମେ ଅନାବାଦୀ କିସମକୁ ପରିବର୍ତ୍ତନ କରାଇ ଜଙ୍ଗଲ କିସମ କରାଇ ଉକ୍ତ ପ୍ଲଟ ସହିତ ପାଖକୁ ଲାଗି ଆଉ କିଛି ଜଙ୍ଗଲ ଜାଗାକୁ ଦଖଲ କରି ଦୁଇମହଲା ଅଟ୍ଟାଳିକା ନିର୍ମାଣ କରିଛନ୍ତି। ପରବର୍ତ୍ତୀ ସମୟରେ ଡୁବରାଇ ବହୁବାର ଅଭିଯୋଗ କରି କରି ଶେଷରେ ନ୍ୟାୟ ଅପେକ୍ଷାରେ ରହି ଆଖି ବୁଜିଲେ। ଏହାର ପ୍ରତିବାଦ ସ୍ୱରୂପ ତାଙ୍କ ପୁଅ ପ୍ରଧାନ ଗିଲୁଆଙ୍କ ସମ୍ପର୍କୀୟ କାକା ପୂର୍ବତନ ସମିତି ସଭ୍ୟ ବାଗୁନ ସିଂ ଓ ଅନ୍ୟ କେତେଜଣ ଡୁବରାଇ ପରିବାରକୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ଉଚ୍ଚ ନ୍ୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କଲେ। ପରେ କପ୍ତିପଦା ତହସିଲଦାରଙ୍କୁ ଉକ୍ତ ଅଟ୍ଟାଳିକାକୁ ଭାଙ୍ଗି ଦେବାକୁ ନିର୍ଦ୍ଦେଶ ଦେଲେ; କିନ୍ତୁ ତହସିଲଦାର କୋର୍ଟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରି ପୂର୍ବ ଦଖଲଦାର ମୃତ ଡୁବୁରାଇ ଗିଲୁଆଙ୍କ ଦୁଇ ପୁଅ ପ୍ରଧାନ ଗିଲୁଆ, ଲୋକନାଥ ଗିଲୁଆ ପୁତ୍ର ବଧୂ ଜିଙ୍ଗ ଗିଲୁଆ ଓ ନାତି ଦେବାଶିଷ ଗିଲୁଆଙ୍କୁ ଉକ୍ତ ପ୍ଲଟକୁ ମିଶାଇ ମୋଟ ଏ ୨,୪୮ ଡ଼ିସିମିଲ ଜମିକୁ ଅଧିନିୟମ ଧରା ୪ର ଉପଧାରା (୪)କ୍ରମିକ ନଂ ୧୧୬୯/୨୦୧୬ ଅନୁସାରେ ଜମି ପଟ୍ଟା ପ୍ରଦାନ କଲେ; କିନ୍ତୁ ରାଜସ୍ୱ ବିଭାଗ ଗିଲୁଆ ପରିବାରକୁ ଜମି ପଟ୍ଟା ଖଣ୍ଡେ ଧରାଇ ଦେଇ ଏ.୦୮୬ ଡ଼ିସିମିଲ ପୂର୍ବ ଜବର ଦଖଲକାରୀ ଶିକ୍ଷକ ଶ୍ରୀ ଜେନାଙ୍କୁ ଉଚ୍ଛେଦ କଲେନାହିଁ। ଏ ନେଇ ଶ୍ରୀ ଗିଲୁଆ ପ୍ରଶାସନର ଦ୍ୱାରସ୍ଥ ହୋଇ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଥାଇ ଏବେ ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରିସେଣ୍ଟ ଗାଇଡ଼ ଲାଇନ ମୁତାବକ ବର୍ଷା ଦିନ ପରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମହିଳା ମହାବିଦ୍ୟାଳୟରେ ବଜ୍ରପାତ ସମ୍ପର୍କିତ କର୍ମଶାଳା

ରାଇରଙ୍ଗପୁର,୧୦।୭ (ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ବଜ୍ରପାତ ସଚେତନତା ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ ଏସଏସ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତିନି ଶହରୁ ଅଧିକ ଏନଏସଏସ ସ୍ୱେଚ୍ଛାସେବୀ ସହ ତାଙ୍କର ଗାଇଡ ଟିଚର୍ସ ଓ ଅଫିସର ଉପସ୍ଥିତ ଥିଲେ। ମହିଳା ମହାବିଦ୍ୟାଳୟ ଅଧକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥିରୂପେ ଏସଡିପିଓ ଗୋକୁଳାନନ୍ଦ ସାହୁ ଯୋଗ ଦେଇ ବଜ୍ରପାତ ବିରୋଧରେ ଜୀବନ ରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତାଭାବେ ଏଫଏମ ବିଶ୍ୱବିଦ୍ୟାଳୟର ଭୁଗୋଳ ପ୍ରଫେସର ମନୋରଞ୍ଜନ ମିଶ୍ର ଯୋଗ ଦେଇ "ବଜ୍ରପାତ ଓ ଆମ୍ଭର ଦାୟିତ୍ୱ' ବିଷୟରେ ବକ୍ତବ୍ୟ ଦେଇଥିଲେ। ରାଇରଙ୍ଗପୁର ବ୍ଲକ ଚେୟାରମ୍ୟାନ ଜ୍ଞାନରଂଜନ ହେମ୍ବ୍ରମ, ମହିଳା କଲେଜ ପରିଚାଳନା କମିଟିର ପୁରାତନ ସଭାପତି ମାଳତୀ ପରିଡା, ଡକ୍ଟର ଦେବେନ୍ଦ୍ର ନାଥ ଟୁଡୁ, ସମାଜସେବୀ ଲଳିତ ମହାନ୍ତ, କନିକା ବୋଷ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଡିପିଓ ଅନାମ ଚରଣ ରାଓଳ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ହୋଇ ବଜ୍ରପାତର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବିଜୟ କୁମାର ରାମ ସ୍ୱାଗତ ସଂଭାଷଣ ଦେଇ ସଭା ପରିଚାଳନା କରିଥିଲେ। ଶେଷରେ ଅତିଥିବୃନ୍ଦଙ୍କୁ ସସମ୍ମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଡକ୍ଟର ରାଜେନ୍ଦ୍ର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## କେମିକାଲ ମିଶା ପାଉଡର ଖାଇ ଗାଈ ମୃତ



ବେତନଟୀ,୧୦।୭ (ସମିସ): ବିସ୍କୁଟ ଓ ପାଉଁରୁଟି ଫ୍ୟାକ୍ଟ୍ରିରୁ ନିର୍ଗତ କେମିକାଲ ମିଶା ପାଉଡର ଖାଇ ବେତନଟୀ ଉପକଣ୍ଠ ମଧୁସାହିର ଚିତ୍ରମଣି ମହାନ୍ତଙ୍କ ଗୋଟିଏ ଗାଈର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଟି ଗାଈ ଓ ବାଛୁରୀ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ମଧୁସାହିରେ ଥିବା ଏକ ପାଉଁରୁଟି ଫ୍ୟାକ୍ଟ୍ରିରୁ ନିର୍ଗତ କେମିକାଲ ମିଶା ପାଉଡର ଖାଇ ଦେବାରୁ ଗାଈଟିର ମୃତ୍ୟୁ ଘଟିଛି। ସେହିଭଳି ଗ୍ରାମର ଅନ୍ୟ ଲୋକଙ୍କ ଏକାଧିକ ଗୋରୁ ଗାଈ ଅସୁସ୍ଥ ଥିବାରୁ ଚିକିତ୍ସା ଜାରି ରହିଛି ବୋଲି ସୂଚନା ମିଳିଛି। ବର୍ଷାଦିନରେ ବାହାରକୁ ନଯାଇ ଘରପାଖରେ ଚରାବୁଲା କରୁଥିବା ଗୋରୁଗାଈ ସମେତ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ଜୀବନ ପ୍ରତି ବିପଦ ସାଜିଥିବା ପାଉଁରୁଟି ଫ୍ୟାକ୍ଟ୍ରି ପାଇଁ ଗ୍ରାମବାସୀ ଚିନ୍ତାରେ ପଡିଛନ୍ତି। ଏ ନେଇ ଗାଈ ମାଲିକ ବେତନଟୀ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ତାଙ୍କ ଅଭିଯୋଗକୁ ପୁଲିସ ଗ୍ରହଣ କରିନଥିଲେ। ତଦନ୍ତ କରିବା ପରେ ଅଭିଯୋଗ ଗ୍ରହଣ କରିବୁ ବୋଲି ପୁଲିସ ଗ୍ରାମବାସୀଙ୍କୁ ଫେରାଇ ଦେଇଛନ୍ତି। ଏ ବାବଦରେ ବେତନଟୀ ଥାନାକୁ ପଚାରିବାରୁ ପୁଲିସ ଅଧିକାରୀ ମଦନ ମୋହନ ପରିଡା କହିଲେ ଯେ ତଦନ୍ତ ପାଇଁ ଯାଇଥିଲୁ ସାମ୍ନା ବାଡ଼ ଖୋଲାଥିବା ଦେଖିଲୁ। ତେଣୁ ତାଙ୍କୁ ତାଗିଦ୍ କରିଛୁ। ସେ ବାଡ ଘେରି ଦେବେ ଯେମିତି ବୁଲା ଗୋରୁ ଗାଈ ପଶି ପାରିବେନି।

## ଶିଶୁ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ



ଡୁରୁମୁଙ୍ଗା, ୧୦।୭ (ସମିସ): ପବିତ୍ର ବ୍ୟାସ ପୂର୍ଣ୍ଣିମା ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱର୍ଣ୍ଣକ୍ଷେତ୍ର ଗଦଗଦିରେ ଶ୍ରୀ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରିମୁଳି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ସଚ୍ଚିଦାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ପଦନ ନାଏକ ଗୁରୁ ସେବା ଦ୍ୱାରା ଜଣେ ବିଦ୍ୟାର୍ଥୀ ନିଜ ଲକ୍ଷ୍ୟରେ ସଫଳ ହୋଇପାରିବ ବୋଲି ମତ ପୋଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପରିଚୟ ପ୍ରଦାନ କରିଥିଲେ ସହ ପ୍ରଧାନ ଆଚାର୍ଯ୍ୟ ଦଶରଥ ମହାନ୍ତ ଓ ପ୍ରାରମ୍ଭିକ ଭାଷଣ ଦେଇଥିଲେ ଗୁରୁଜୀ ଶ୍ରୀକାନ୍ତ ମହାନ୍ତ। ବିଦ୍ୟାମନ୍ଦିର ପ୍ରମୁଖ ସନାତନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ବନ୍ଦନା ପ୍ରାର୍ଥନା କାର୍ଯ୍ୟକୁ କନ୍ୟାଭାରତୀର ଭଉଣୀମାନେ ପରିଚାଳନା କରିଥିଲେ।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ଉଦ୍‌ଘାଟିତ



ବେତନଟୀ/ବୈଶିଙ୍ଗା ୧୦।୭ (ସମିସ): ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଏକ ନୂତନ ଶାଖା ଗୃହ ମେର୍ଦା ଗ୍ରାମରେ ରିଜଓନାଲ ମ୍ୟାନେଜର କବିତା ଯତୀଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ନୂତନ ଶାଖାର ମ୍ୟାନେଜର ରାଜକୁମାର ବେଜ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ସେବା ପହଞ୍ଚାଇବାରେ ଏହି ବ୍ୟାଙ୍କ ଆହୁରି ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହେବ ବୋଲି କହିଥିଲେ। ଏହି ଶାଖାରେ ମେର୍ଦା ଓ ଆଖପାଖ ୪ଟି ଗ୍ରାମ ପଞ୍ଚାୟତର ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ବ୍ୟାଙ୍କିଙ୍ଗ ସେବାକୁ ଅଧିକ ସୁଗମ ଓ ସୁଲଭ କରିବ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଗ୍ରାମାଞ୍ଚଳର ଆର୍ଥିକ ଉନ୍ନତି ଓ ସ୍ୱାବଲମ୍ବନ ପାଇଁ ସବୁବେଳେ କାର୍ଯ୍ୟ କରୁଛି। ଏହି ଶାଖା ମାଧ୍ୟମରେ ସ୍ଥାନୀୟ ବାସିନ୍ଦାମାନେ ଋଣ, ସଞ୍ଚୟ, ବୀମା ଏବଂ ଅନ୍ୟାନ୍ୟ ଆର୍ଥିକ ସେବାରେ ଉପକୃତ ହେବେ ବୋଲି ଶ୍ରୀମତୀ ବେଜ କହିଥିଲେ। ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ଜନପ୍ରତିନିଧି ସମେତ ବହୁ ଗ୍ରାମବାସୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ମହୁଲି ମଦ ଜବତ; ୩ ଗିରଫ

ଡୁରୁମୁଙ୍ଗା, ୧୦।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ଥାନାଞ୍ଚଳରେ ଗୁରୁବାର ବିଭିନ୍ନ ସ୍ଥାନରେ ଚଢଉ କରି ମୋଟ ୩୬ ଲିଟର ମହୁଲି ମଦ ଜବତ କରିବା ସହ ୩ଜଣଙ୍କୁ ଅବକାରୀ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛି କେଦେଇପଶି ଗ୍ରାମରର ସାବିତ୍ରୀ ବେହେରା, ସିଲିଦା ଗ୍ରାମର ବାବୁଲି ମୁଣ୍ଡା, ମଧାପୁର ଗ୍ରାମର ରବିନ ମୁଣ୍ଡା। ଏମାନଙ୍କଠାରୁ ୧୦ଲିଟର, ୧୫ଲିଟର ଓ ୧୧ ଲିଟର ବେଆଇନ ଦେଶୀ ମହୁଲି ମଦ ସହ ଏକ ସାଇକଲ ଜବତ କରାଯାଇଛି। ଚଢଉରେ ଅବକାରୀ ଥାନାଧିକାରୀ, ଗିରିଜାନନ୍ଦ ଜେନା, ଏଏସଆଇ ତ୍ରିବେଣୀ ମହାନ୍ତ ଓ କନଷ୍ଟେବଲ ସୁନାରାମ ଟୁଡୁ ପ୍ରମୁଖ ସାମିଲ ଥିଲେ।

## ପାଟଣା 'ଆମ ପୁଲିସ' ବୈଠକ

ଡୁରୁମୁଙ୍ଗା, ୧୦।୭ (ସମିସ): ପାଟଣା ଥାନାରେ 'ଆମ ପୁଲିସ' ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ମାନସ ମହାକୁଡ଼ଙ୍କ ସଭାପତିତ୍ୱରେ ବୈଠକରେ ଏଏସଆଇ ସରୋଜ ସେଠୀ, ଗୌରହରି ଗାରଡିଆ, ବ୍ୟବସାୟୀ ଅଜୟ ଦାଶ, ସଦେବ ବେହେରା, ଅଜୟବେହେରା, ଦକ୍ଷପ୍ରସାଦ ସାହୁ, ଦିନବନ୍ଧୁ ମିଶ୍ର, ତୋଷିବି ଆଲମ, ଆଲୋକ ସାହୁ, କମଳାକାନ୍ତ ପତି, କାମିନୀକାନ୍ତ ଦ୍ୱିବେଦୀ, ସଞ୍ଜୁ ଭଞ୍ଜ, ପିଣ୍ଟୁ ଆଲମ୍, ଏସକେ ମନସୁର ଆଲାମ, ସାକିଲ ଆଲାମ ପ୍ରମୁଖ ବଣିକ ସଂଘର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବର୍ଗର ଲୋକେ ଅଂଶଗ୍ରହଣ କରିଥିଲେ। ପାଟଣା ବଜାରେ ବଢୁଥିବା ଚୋରି ଉପରେ ଆଲୋଚନା ହୋଇଥିଲା। କମ ସଂଖ୍ୟକ ପୁଲିସ କର୍ମଚାରୀ ଥିବାରୁ ଥାନାଧିକାରୀ ବଣିକ ସଂଘ ପକ୍ଷରୁ ଜଣେ ଜଗୁଆଳି ନିଯୁକ୍ତି କରିବାକୁ ପ୍ରସ୍ତାବ ଦେଇଥିଲେ। ପାଟଣା ବୈତରଣୀ ନଦୀକୂଳ, ସ୍ୱାମ୍ କାଜୁ ବଗିଚା, ମେଡିକାଲବାଙ୍କ ଓ ମାର୍କେଟ ପଛପଟେ ମଦୁଆଙ୍କ ଆଡା ଜମୁଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ରାତ୍ରିକାଳୀନ ପାଟ୍ରୋଲିଙ୍ଗକୁ ଆହୁରି ଦୃଢ଼ କରିବାକୁ ଥାନାଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

## ଝୁଲନ୍ତା ମୃତଦେହ ଉଦ୍ଧାର

କେନ୍ଦୁଝର,୧୦।୭ (ସମିସ): କେନ୍ଦୁଝର ସଦର ଥାନା ଗୋବର୍ଦ୍ଧନ ଗାଁ ମୁଣ୍ଡାସାହିର ପ୍ରଧାନ ମୁଣ୍ଡା (୨୩) ଓରଫ ପେଟୁ ଘରେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଦମ୍ପତିଙ୍କ ମଧ୍ୟରେ ବଚସା ହେବା ପରେ ଏହି ଘଟଣା ଘଟିଛି। ସଦର ଥାନା ପୁଲିସ ଏଏସଆଇ ସତ୍ୟଜିତ୍ ନାୟକ ଶବ ଜବତ କରିବା ସହିତ ତଦନ୍ତ ଚଳାଇଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଧାନଙ୍କ ଏକ ଶିଶୁ ଓ ସ୍ତ୍ରୀ ଅସହାୟ ହୋଇଯାଇଛନ୍ତି।

### ଲଗାଣ ବର୍ଷାରେ ୬୦ଟି ଆଂଶିକ ଓ ୨ଟି ଘର ସଂପୂର୍ଣ୍ଣ ନଷ୍ଟ

## ୧୭୨ ଜଣଙ୍କୁ ପଲିଥିନ ବଣ୍ଟନ



ରାଇରଙ୍ଗପୁର,୧୦।୭ (ସମିସ): ଲଗାଣ ବର୍ଷା ଯୋଗୁଁ ରାଇରଙ୍ଗପୁର ତହସିଲରେ ୬୦ଟି ଆଂଶିକ ଏବଂ ୨ଟି ଘର ସଂପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ୧୭୫ ଜଣଙ୍କୁ ତହସିଲ ପକ୍ଷରୁ ପଲିଥିନ ବଣ୍ଟନ କରାଯାଇଛି। ସୂଚନା ଅନୁସାରେ, ରାଇରଙ୍ଗପୁର ତହସିଲର ୬ଟି ସର୍କଲ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ରାଇରଙ୍ଗପୁର ପୌରାଞ୍ଚଳରେ ୧୪ ଟି, ଗ୍ରାମାଞ୍ଚଳ ୮ ଟି, ନୂଆଗାଁ ରେ ୭ ଟି, ସାନପାଖଣାରେ ୨ଟି, ଗୋରୁମହିଷାଣିରେ ୨ଟି, ଗୁହାଳଡାଙ୍ଗିରିରେ୨୫ଟି ଏବଂ ହାତିଆରେ୨ଟି ମୋଟ ୬୦ଟି ଆଂଶିକ ଏବଂ ରାଇରଙ୍ଗପୁର ଗ୍ରାମାଞ୍ଚଳରେ ଗୋଟିଏ ଏବଂ ଗୁହାଳଡାଙ୍ଗିରିରେ ଗୋଟିଏ ଘର ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏ ନେଇ ରେଭିନ୍ୟୁ ସୁପରଭାଇଜର ଇଂ. ନିହାର ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ରାଜସ୍ୱ ନିରୀକ୍ଷକମାନେ ଘରକୁ ଘର ଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ୧୭୨ଟି ପଲିଥିନ ପ୍ରଦାନ କରିଛନ୍ତି। ଯଦି ଅନ୍ୟ କାହାରି କିଛି କ୍ଷତିଗ୍ରସ୍ତ ହୋଇଥାଏ ତେବେ ଆରଆଇ ଅଫିସରେ ଜଣାଇଲେ ସେମାନଙ୍କୁ ମଧ ସହାୟତା ଯୋଗାଇ ଦିଆଯିବ ବୋଲି ଭାରପ୍ରାପ୍ତ ତହସିଲଦାର ସୁଧାକର ସେଠୀ ଜଣାଇଛନ୍ତି।

## ସାଇ ମନ୍ଦିରରେ ପୂଜାପାଠ ଓ ବୃକ୍ଷରୋପଣ

ବଡସାହି,୧୦।୭ (ସମିସ): ବଡସାହି ବ୍ଲକ୍ ମାଣତ୍ରୀ ସାଇ ମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଅବସରରେ ପୂଜାପାଠ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।। ପରିସରରେ ଥିବା ନିମ୍ବ ଗଛ ମୂଳେ ଏକ ଆଧ୍ୟାତ୍ମିକ ପରିବେଶରେ ପୂଜାର୍ଚ୍ଚନା କରାଯାଇଛି। ପୂଜାର୍ଚ୍ଚନା ସମୟରେ ସେହି ନିମ୍ବ ଗଛ ମୂଳରେ ମାଟି ଭିତରୁ ଏକ କଇଁଚ ଅଲୌକିକ ଭାବେ ଦୃଶ୍ୟମାନ ହେବାରୁ ଭକ୍ତମାନଙ୍କ ମଧ୍ୟରେ ଏକ ଧାର୍ମିକ ଭାବାବେଗ ସୃଷ୍ଟି ହୋଇଛି। ସ୍ୱୟଂ ପ୍ରଭୂ କଇଁଚ ରୂପରେ ବିଦ୍ୟମାନ ହେଲେ ବୋଲି ଚର୍ଚ୍ଚା ଜୋର ଧରିଛି। ବ୍ରହ୍ମାଣ ଦେବବ୍ରତ ଚକ୍ରବର୍ତ୍ତୀ ଏହି ପୂଜାପାଠ



କରିଥିଲେ। ସାଇ ମନ୍ଦିର କମିଟିର ସଭାପତି ପ୍ରଦୀପ କୁମାର ବେହେରା ଓ ସମ୍ପାଦିକା ରେବତୀ କବାଟ ପରିଚାଳନା କରିଥିଲେ। ପରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପରିସର ମଧ୍ୟରେ ଅଁଳା ଓ ବେଲଗଛର ଚାରା ରୋପଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ଜେନା, ନିହାର ରଂଜନ ମହାପାତ୍ର, ଜ୍ଞାନରଂଜନ ଦାଶ, ସୁରେଶଚନ୍ଦ୍ର ପତି, ଭବାନୀଶଙ୍କର ପଣ୍ଡା, ମନୋରମା ବେହେରା, ଗୀତାଞ୍ଜଳୀ କବାଟ ଓ ଖଗେଶ୍ୱର ବାରିକ୍ ପ୍ରମୁଖ ସହଯୋଗ କରିଥିଲେ।

# ମରୈଗାଁ ବଳିପୁର ନଦୀବନ୍ଧ ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ହାଟଡ଼ିହୀ,୧୦।୭ (ସମିସ)



ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡ଼ିହୀ ବ୍ଲକର ମରେଗାଁ- ବଳିପୁର ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ। ଏହି ରାସ୍ତାଟି ଏ ଅଞ୍ଚଳବାସୀଙ୍କ ମୁଖ୍ୟ ସମସ୍ୟା ହୋଇରହିଛି। ତୁରନ୍ତ ନିର୍ମାଣ ଲାଗି ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ରାସ୍ତା ଉପରେ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକ ନିର୍ଭର କରୁଥିବା ବେଳେ ଏହା ତିନୋଟି ଜିଲ୍ଲା ଯଥା କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାର ସଂଯୋଗୀକରଣ ରାସ୍ତା ଭାବେ ପରିଚିତ। ଏବେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ମରୈଗାଁଠାରୁ ଶାଳଣିଆଁ ରାସ୍ତା ଏକ ପ୍ରକାର ଯାତାୟାତ ଠପ୍ ହୋଇଯାଇଛି। ଗୁରୁତର ରୋଗୀଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବାରୁ ସେମାନଙ୍କ ଜୀବନ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ଶାଳଣିଆଁଠାରୁ ବଳିପୁର୍ ପର୍ଯ୍ୟନ୍ତ ରାସ୍ତା କଥା ନ କହିବା ଭଲ। ବାଇକ ତ ଦୂରର କଥା ସାଇକଲଟିଏ ବି ନେଇଯିବା ଆସିବା କରିହେଉନି। ଗୋଟିଏ ପଟେ ଶୋଚନୀୟ ରାସ୍ତାକୁ ଅନ୍ୟପଟେ ସେହି ରାସ୍ତା ଉପରେ ବାଲି ବୋଝେଇ ଭାରୀଯାନ ଚଳାଚଳ ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ବିଧାୟକ ଶ୍ରୀ ସେଠୀ ଏନେଇ ଗତ ବିଧାନସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଶିଘ୍ର ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିଥିଲା। ଏହି ୧୯କିଲୋମିଟର ଲମ୍ବ ରାସ୍ତା ନିର୍ମାଣ ପାଇଁ ଆନନ୍ଦପୁର କଲେଜର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ; କିନ୍ତୁ ସରକାରୀ ସ୍ତରରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ପିଲାମାନେ ସ୍କୁଲ ଯିବାଆସିବା ବନ୍ଦ କରିଦେଇଛନ୍ତି। ଏହି ରାସ୍ତାଟି ପୂର୍ବରୁ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବେଳେ ଏବେ ତାହା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ପାରି ନାହିଁ। ତେବେ, ଏହି ରାସ୍ତା ପୁନଃନିର୍ମାଣ ପ୍ରସ୍ତାବ ଜିଲ୍ଲା ସ୍ତରରେ ଗୃହୀତ ହୋଇସାରିଛି। ବର୍ତ୍ତମାନ ଏହା ଓମବାଡସିର ଅନୁମୋଦନ ପାଇଁ ଅପେକ୍ଷା କରିଛି ବୋଲି ବିଧାୟକ ଦର୍ଶାଇଛନ୍ତି। ଏହି ସମସ୍ୟାକୁ ତୁରନ୍ତ ଗ୍ରହଣ କରି ଜନସାଧାରଣଙ୍କୁ ମୃତ୍ୟୁଫାଶରୁ ରକ୍ଷା କରିବାକୁ ବିଧାୟକ ଶ୍ରୀ ସେଠୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିଭାଗୀୟ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବେତନଟୀ/ବୈଶିଙ୍ଗା,୧୦।୭ (ସମିସ): ବେତନଟୀ ବ୍ଲକ କେନ୍ଦୁଆ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଲ୍ଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଲମ୍ବୋଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗଦେଇ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ସେବା କରିବା ପରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଶୂନ୍ୟ ହସ୍ତରେ ବିଦାୟ ନେଉଥିବାରୁ ସରକାର ଏହା ଉପରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ମହାପାତ୍ର ପଣ୍ଡା, ସମ୍ମାନିତ ଅତିଥି ଭାବରେ ଓଷ୍ଟା ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଆ ସମିତି ସଭ୍ୟ ଶ୍ରୀଧର ପଣ୍ଡିତ ମଞ୍ଚ ପରିଚାଳନା ଓ ଶିକ୍ଷକ ମନୋରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୫ • ପାଉଣ୍ଡ ୧୧୬.୩୩
- ୟୁରୋ ୧୦୦.୪୨ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୯୯୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୩,୧୯୦.୦୦
- ନିଫ୍ଟି ୨୫,୩୫୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବିଟ୍ କଏନ୍ ଭାଙ୍ଗିଲା ସବୁ ରେକର୍ଡ

**ମୂଲ୍ୟ ୧ କୋଟି ଛୁଇଁଲା**

ନୂଆଦିଲ୍ଲୀ,୧୦।୭ (ଏଜେନ୍ସି): ସୁନା ଓ ରୁପାର ରେକର୍ଡ ଦର ମଧ୍ୟରେ ବିଟ୍ କଏନ୍ ମୂଲ୍ୟ ଏକ ନୂଆ ଶିଖରାରେ ପହଞ୍ଚିଛି । ବିଟ୍ କଏନ୍ ମୂଲ୍ୟ ଏବେ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗିଛି । ଗୋଟିଏ ପଟେ ଟ୍ରମ୍ପଙ୍କ ଶୁଳ୍କ ଏବଂ ଭୂ-ରାଜନୈତିକ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ଅସ୍ଥିରତା ଦେଖାଯାଉଥିବା ବେଳେ, ବିଟ୍ କଏନ୍ ୧ କୋଟି ନୂଆ ରେକର୍ଡ ସ୍ଥାପନ କରିଛି । ବାସ୍ତବରେ, ବିଟ୍ କଏନ୍ ୧.୧୨ ଲକ୍ଷ ଡଲାର(ପ୍ରାୟ ୯୩ ଲକ୍ଷ ଟଙ୍କା)ର ଉଚ୍ଚ ସ୍ତର ଛୁଇଁଛି । ବିଶ୍ୱର ସର୍ବବୃହତ କ୍ରିପ୍ଟୋକରେନ୍ସି ବିଟ୍ କଏନ୍ ପୁଣି ଥରେ ଏଭଳି ରେକର୍ଡ ସ୍ଥାପନ କରିଛି । ଏହି ବୃଦ୍ଧିର କାରଣ ହେଉଛି ସଂସ୍ଥାଗତ ନିବେଶକଙ୍କ ବର୍ଦ୍ଧିତ ଆଗ୍ରହ ଏବଂ ବଜାରରେ ବିପଦ ନେବାର ବର୍ଦ୍ଧିତ ପ୍ରବୃତ୍ତି । ସାମ୍ପ୍ରତିକ ସମୟରେ, ବଡ଼ ବଡ଼ କମ୍ପାନୀ ଏବଂ କର୍ପୋରେଟ୍ ଟ୍ରେଜେରୀଗୁଡ଼ିକ ବିଟ୍ କଏନ୍‌ରେ ବହୁ ପରିମାଣରେ ନିବେଶ କରିଛନ୍ତି ।

# ଏଲ୍ଆଇସି ଅଂଶଧନ ବିକିବେ ସରକାର

**୨୦୨୭ ସୁଦ୍ଧା ୬.୫% ସେୟାର ହେବ ବିକ୍ରି**

ନୂଆଦିଲ୍ଲୀ,୧୦।୭ (ଏଜେନ୍ସି)

ସରକାର ରାଷ୍ଟ୍ରାୟତ୍ତ ସଂସ୍ଥା ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ରେ ଥିବା ତାଙ୍କର ଅଧିକ ଅଂଶଧନ ବିକ୍ରି କରିବାକୁ ଯୋଜନା କରୁଛନ୍ତି । ଏ.କ ସୂତ୍ର ଅନୁଯାୟୀ, କେନ୍ଦ୍ର ପୁଞ୍ଜି ପ୍ରତ୍ୟାହାର ବିଭାଗ ଏ ନେଇ ବିବରଣୀ ପ୍ରସ୍ତୁତି ଚଳାଇଛି । ସରକାର ବର୍ତ୍ତମାନ ଏଲ୍ଆଇସିରେ ନିଜର ୯୬.୫ ପ୍ରତିଶତ ଅଂଶଧନ ରଖିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ୨୦୨୨ ମେ'ରେ ଏକ ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ମାଧ୍ୟମରେ ୯୦୨.୯୪୯ ଟଙ୍କା ପ୍ରତି ସେୟାର ମୂଲ୍ୟ ବ୍ୟାଣ୍ଡରେ ଏଲ୍ଆଇସିର ୩.୫ ପ୍ରତିଶତ ଅଂଶଧନ ବିକ୍ରି କରିଥିଲେ । ଏହି ଅଂଶଧନ ବିକ୍ରିରୁ ସରକାର ପ୍ରାୟ ୨୧,୦୦୦ କୋଟି ଟଙ୍କା ପାଇଥିଲେ ।



ରିପୋର୍ଟ ଅନୁଯାୟୀ, ଓଏଫଏସ୍ ରୁଟ୍ ମାଧ୍ୟମରେ ଏଲ୍ଆଇସିରେ ଆହୁରି ଅଂଶଧନ ବିକ୍ରି ପାଇଁ ସରକାର ଅନୁମୋଦନ ଦେଇଛନ୍ତି । ତେବେ ଏହା ଉପରେ ଆଲୋଚନା ଏପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି । ଏକ ସୂତ୍ରରୁ କୁହାଯାଇଛି ଯେ, ବଜାର ପରିସ୍ଥିତିକୁ ଦେଖି ଅଂଶଧନ ବିକ୍ରି ସମ୍ପର୍କରେ ନିଷ୍ପତ୍ତି ନେବା ବିନିବେଶ ବିଭାଗ ଉପରେ ନିର୍ଭର କରୁଛି । ସରକାରଙ୍କୁ ୨୦୨୭ ମେ' ୧୬ ସୁଦ୍ଧା ବାଧ୍ୟତାମୂଳକ ୧୦ ପ୍ରତିଶତ ସାର୍ବଜନୀନ ଅଂଶଧନ ଆବଶ୍ୟକତା ପୂରଣ କରିବା ପାଇଁ ସାର୍ବଜନୀନ କ୍ଷେତ୍ର ଜୀବନ ବୀମା କମ୍ପାନୀର ଆଉ ୬.୫ ପ୍ରତିଶତ ଅଂଶଧନ ବିକ୍ରି କରିବାକୁ ପଡିବ । ରିପୋର୍ଟରେ କୁହାଯାଇଛି ଯେ, ଅଂଶଧନ ବିକ୍ରିର ପରିମାଣ, ମୂଲ୍ୟ ଏବଂ ସମୟ ବିଷୟରେ ନିଷ୍ପତ୍ତି ଉଚିତ୍ ସମୟ ମଧ୍ୟରେ ନିଆଯିବ । ଏଲ୍ଆଇସିର ବର୍ତ୍ତମାନର ବଜାର ପୁଞ୍ଜି ୫.୮୫ ଲକ୍ଷ କୋଟି ଟଙ୍କା ରହିଛି । ବିଏସଇରେ ଏଲ୍ଆଇସିର ପ୍ରତି ସେୟାର ମୂଲ୍ୟ ୯୨୪.୪୦ ଟଙ୍କାରେ କାରବାର ହେଉଥିଲା, ଯାହା ଏହାର ପୂର୍ବ ବନ୍ଦ ମୂଲ୍ୟ ତୁଳନାରେ ୨.୨୭ ପ୍ରତିଶତ ହ୍ରାସ ପାଇଛି ।

# ସେନ୍ସେକ୍ସ ୩୪୫ ପଏଣ୍ଟ ଖସିଲା

ମୁମ୍ବଇ,୧୦।୭ (ଏଜେନ୍ସି): ଭାରତୀୟ ସେୟାର ବଜାର ଗୁରୁବାର ଲଗାତାର ଦ୍ୱିତୀୟ ଦିନ ଧରି ହ୍ରାସ ସହ ବନ୍ଦ ହୋଇଛି । ସାପ୍ତାହିକ ଏକ୍ସପାଏରୀ ପୂର୍ବରୁ ବଜାରରେ ଅସ୍ଥିରତା ଦେଖିବାକୁ ମିଳିଛି ।। ଟିସିଏସର ତ୍ରୈମାସିକ ପରିଣାମ ପୂର୍ବରୁ ନିବେଶକ ସତର୍କ ହୋଇଛନ୍ତି । ଏହାବ୍ୟତୀତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ଜାରି ଅନିଶ୍ଚିତତା ବଜାର ସ୍ଥିତି ଉପରେ ପ୍ରଭାବ ପକାଇଛି । କାରବାର ଶେଷରେ ବିଏସ୍ଇ ସେନ୍ସେକ୍ସ ୩୪୫.୮୦ ପଏଣ୍ଟ ବା ୦.୪୧ ପ୍ରତିଶତ ହ୍ରାସ ସହ ୮୩,୧୯୦.୨୮ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍‌ଟି ୧୨୦.୮୫ ପଏଣ୍ଟ ବା ୦.୪୭ ପ୍ରତିଶତ ହ୍ରାସ ପାଇ ୨୫,୩୫୫.୨୫ ସ୍ତରରେ ବନ୍ଦ ହୋଇଛି । ନିଫ୍ଟି ଆଇଟି ସେକ୍ଟର ଆଜି ଟପ୍ ଲୁଜର୍ସ ହୋଇଛି । ଇନଫୋସିସ୍, ୱିପ୍ରୋ, ଟିସିଏସ୍ ଓ ଟେକ୍ ମହିନ୍ଦ୍ରା ପରି ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି । ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ବୈଶ୍ୱିକ ଆର୍ଥିକ ଅନିଶ୍ଚିତତା ଯୋଗୁ ଆଇଟି କମ୍ପାନିଗୁଡ଼ିକର ପ୍ରଦର୍ଶନ ଦୁର୍ବଳ ରହିପାରେ ।



ଏହା ବ୍ୟତୀତ ଟେଲିକମ୍, ଫାର୍ମା ଓ ଏଫଏମସିଜି ସେୟାରରେ ହ୍ରାସ ଦେଖିବାକୁ ମିଳିଛି । ବିଏସଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ଜୁଲାଇ ୧୦ରେ ହ୍ରାସ ପାଇ ୪୬୦.୧୭ ଲକ୍ଷ କୋଟି ଟଙ୍କା ହୋଇଛି । ପୂର୍ବ କାରବାର ଦିନ ଜୁଲାଇ ୯ରେ ଏହା ୪୬୧.୩୯ ଲକ୍ଷ କୋଟି ଟଙ୍କା ଥିଲା ।

# ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ 'ସଖୀ'

ଭୁବନେଶ୍ୱର,୧୦।୭: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ପ୍ରଥମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ବିକାଶ ମେଳା ୨୦୨୫ରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ଭୂମିକା ପ୍ରଦର୍ଶନ କରିଥିଲା । କମ୍ପାନୀ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ ପ୍ରୋଜେକ୍ଟ ସଖୀରୁ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିଥିଲା, ଯାହା ଗ୍ରାମୀଣ ମହିଳାଙ୍କ ଉଦ୍ୟୋଗୀ ମନୋଭାବକୁ ପାଳନ କରି କଳାହାଣ୍ଡିର ବିକାଶକୁ ପ୍ରୋତ୍ସାହନ ଦେଇଥିଲା । ମହିଳାମାନଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ନିର୍ମିତ ହସ୍ତନିର୍ମିତ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ମାଧ୍ୟମରେ, କମ୍ପାନୀର ଷ୍ଟଲଟି କଳାହାଣ୍ଡିର ଜିଲ୍ଲା ମାଜିଷ୍ଟ୍ରେଟ ପାୱାର ସଚିନ ଏବଂ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ୍), ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ଆଇଟିଡିଏ), ଏବଂ ଜିଲ୍ଲା ଯୋଜନା ଏବଂ ମନିଟରିଂ ୟୁନିଟ୍ (ଡିପିଏମ୍‌ୟୁ)ର ବରିଷ୍ଠ ପ୍ରତିନିଧିମାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କଠାରୁ ବ୍ୟାପକ ପ୍ରଶଂସା ପାଇଥିଲା । ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, କଳାହାଣ୍ଡିର ବିକାଶ ମହିଳାଙ୍କ ସଶକ୍ତିକରଣ ସହିତ ଆନ୍ତରିକ ଭାବରେ ଜଡିତ । ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ମହିଳାମାନେ ଅନ୍ତର୍ଭୁକ୍ତ ଅଭିବୃଦ୍ଧିର ମୂଳଦୁଆ ।





**ଚୀନ୍‌ର କଟକଣା ପରେ ନିଷ୍ପତ୍ତି**

# ରେୟାର ଆର୍ଥ ମ୍ୟାଗନେଟ୍ ଉତ୍ପାଦନ କରିବେ ମହିନ୍ଦ୍ରା ଓ ୟୁନୋ ମିଣ୍ଡା

ନୂଆଦିଲ୍ଲୀ,୧୦।୭

ଭାରତୀୟ ଅଟୋ ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ପ୍ରମୁଖ ଅଟୋ ପାର୍ଟ୍ସ ନିର୍ମାତା ୟୁନୋ ମିଣ୍ଡା ଭାରତ ପାଇଁ ରେୟାର ଆର୍ଥ ମ୍ୟାଗନେଟ୍ ଉତ୍ପାଦନ କରିବାକୁ ଯୋଜନା କରୁଛନ୍ତି । ଚୀନ୍ ଉପରେ ଦେଶର ନିର୍ଭରତା ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପ୍ରସ୍ତାବ ପରେ ଦୁଇ କମ୍ପାନୀ ଏହି ପଦକ୍ଷେପ ନେଇଛନ୍ତି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବିଶ୍ୱର ପ୍ରାୟ ୯୦% ରେୟାର ଆର୍ଥ ମ୍ୟାଗନେଟ୍ଚୀନ୍ ଯୋଗାଉଛି । ଟ୍ରମ୍ପଙ୍କ ଟାରିଫ ଧମକ ପରେ ଏପ୍ରିଲ୍‌ରେ, ବେଜିଂ ଏହାର ରପ୍ତାନି ଉପରେ କଟକଣା ଲଗାଇଥିଲା । ହେଲେ କଟକଣା ପରେ ଚୀନ ଆମେରିକା ଏବଂ ୟୁରୋପକୁ ଚୁମ୍ବକ ରେୟାର ଆର୍ଥ ମ୍ୟାଗନେଟ୍ ପୁଣିଥରେ ପଠାଇବା ଆରମ୍ଭ କରିଥିବାବେଳେ, ଭାରତୀୟ କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ଅନୁମତି ଅପେକ୍ଷାରେ, ଯାହା ଘରୋଇ ଅଟୋ ନିର୍ମାତା ଏବଂ ଯୋଗାଣକାରୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି ।

ଚୀନ ଜାଣିଶୁଣି ଭାରତକୁ ଏଭଳି ହଇରାଣ କରୁଥିବାବେଳେ ସରକାର ଏବେ ଏହି ରେୟାର ଆର୍ଥ ମ୍ୟାଗ୍‌ନେଟ୍‌ର ଭଣ୍ଡାର ଏବଂ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେଉଛନ୍ତି । ରେୟାର ଆର୍ଥ ମ୍ୟାଗନେଟ୍ ଅଭାବ ଦୂର କରିବା ପାଇଁ ସରକାର ରେୟାର ଆର୍ଥ ମ୍ୟାଗନେଟ୍ର ସଂରକ୍ଷଣ କରିବା ଏବଂ ସ୍ଥାନୀୟ ଉତ୍ପାଦନ ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା ବିଷୟରେ ବିଚାର କରୁଛନ୍ତି । ଏହି ମ୍ୟାଗ୍‌ନେଟ୍‌ଗୁଡ଼ିକ ବୈଦ୍ୟୁତିକ ଯାନ (ଇଭି), ବୈଦ୍ୟୁତିକ ନିର୍ମାଣ ଏବଂ ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏ ନେଇ ଜଣେ ସରକାରୀ ବରିଷ୍ଠ ଅଧିକାରୀ କହିଛନ୍ତି "କିଛି କମ୍ପାନୀ ମହିନ୍ଦ୍ରା ସହ ରେୟାର ଆର୍ଥ ମ୍ୟାଗନେଟ୍‌ରେ ନିବେଶ କରିବା ନେଇ ଆଗ୍ରହ ଦେଖାଇଛନ୍ତି । ଆମର ନିଜସ୍ୱ ଉତ୍ପାଦନ ପାଇଁ ବର୍ଷେ କିମ୍ବା ଦୁଇ ବର୍ଷ ସମୟ ଲାଗିବ ।



ନିକଟରେ ଏନେଇ ଭାରୀ ଶିଳ୍ପ ମନ୍ତ୍ରଣାଳୟ ସହିତ କମ୍ପାନୀଗୁଡ଼ିକର ଏକ ବୈଠକ ହୋଇଥିଲା । ଏଥିରେ ମହିନ୍ଦ୍ରା କହିଥିଲା ଯେ ସେ ଏକ ସହଯୋଗିତା ମାଧ୍ୟମରେ ବିରଳ ଚୁମ୍ବକ ଯୋଗାଣ କରିବାକୁ ଇଚ୍ଛୁକ ଅଛି । ଏହି ବୈଠକରେ ଯୋଗ ଦେଇଥିବା ୟୁନୋ ମିଣ୍ଡା ମଧ୍ୟ ଏଥିରେ ରୁଚି ଦେଖାଇଥିଲା ।

**ଜାତୀୟସ୍ତରୀୟ କର୍ମଶାଳା**

# ଖଣିଜ ପାଣ୍ଠି ସଂଗ୍ରହରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୧୦।୭(ସମିସ): ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ତରଫରୁ ନୂଆଦିଲ୍ଲୀଠାରେ ଜାତୀୟସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାର୍ଗଦର୍ଶିକା ଅନୁସାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା (ପିଏମକେକେୱାଇ) କାର୍ଯ୍ୟକାରୀ କରି ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍ )ର ଉଲ୍ଲେଖନୀୟ ଉପଯୋଗିତା ପାଇଁ ଓଡ଼ିଶାକୁ ପ୍ରଶଂସା କରାଯାଇଛି । ୨୫ ଏପ୍ରିଲ୍ ୨୦୨୫ ସୁଦ୍ଧା ସମଗ୍ର ଦେଶରେ ଡିଏମ୍ଏଫ୍ ପାଣ୍ଠି ସଂଗ୍ରହ ସାମଗ୍ରିକ ଭାବେ ୧,୦୮,୨୧୨.୪୨ କୋଟି ହୋଇଥିବାବେଳେ ଓଡ଼ିଶା ୩୧ ,୩୨୪ କୋଟି ଟଙ୍କା ସଂଗ୍ରହ କରି ଦେଶରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୫ଟି ରାଜ୍ୟ ମଧ୍ୟରେ ପ୍ରଥମ ବିବେଚିତ ହୋଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପ୍ରଶଂସାପତ୍ର ଓ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ ।

କେନ୍ଦ୍ର ସରକାରଙ୍କ କୋଇଲା ଓ ଖଣି ବିଭାଗ ମାନ୍ୟବର ମନ୍ତ୍ରୀ ଜି. କିଶାନ ଯୋଗଦେଇ ଜିଲ୍ଲା ଖଣିଜ ପାଣ୍ଠି ସଂଗ୍ରହ ଓ କାର୍ଯ୍ୟକାରିତାରେ ଆଗୁଆ ଥିବା ଯୋଗୁଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରେ କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏବଂ କେନ୍ଦ୍ର ଖଣି ସଚିବ ଏଲ୍ କାନ୍ଥା ରାଓ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦୁଝର ଜିଲ୍ଲାପାଳଙ୍କ ସମେତ ଦେଶର ଅନ୍ୟ ବିଭିନ୍ନ ରାଜ୍ୟର ୪ ଜଣ ଜିଲ୍ଲାପାଳ ମିଳିତ ଭାବେ ଡିଏମ୍ଏଫ୍ ପାଣ୍ଠି ସଂଗ୍ରହ ଏବଂ ଏହାର ଉପଯୋଗିତାରେ କିପରି ସ୍ୱଚ୍ଛତା ବଜାୟ ରହିପାରୁଛି, ସେ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନୁଗୋଳ ଜିଲ୍ଲାପାଳଙ୍କ ଟିମ୍‌ର ସଦସ୍ୟମାନେ ଡିଏମ୍ଏଫ୍ ପାଣ୍ଠି ସଂଗ୍ରହ ଓ ଏହାର କାର୍ଯ୍ୟକାରିତାରେ ରହୁଥିବା ଆହ୍ୱାନ ଓ ଏହାର ସମାଧାନ ସଂପର୍କରେ ମତ ଉପସ୍ଥାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ କଫିଟେବୁଲ୍ ବୁକ୍ ଉନ୍ମୋଚିତ ହୋଇଥିଲା । ବିଭିନ୍ନ ରାଜ୍ୟରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନୂଆଦିଲ୍ଲୀସ୍ଥିତ ଜନପଥଠାରେ ହସ୍ତତନ୍ତ ହାଟରେ ଆୟୋଜିତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ ।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

**୫ଦେଶୀ ବନ୍ଧୁକ ଜବତ**

ବାରିପଦା,୧୦।୭(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ୫ଟି ଦେଶୀବନ୍ଧୁକ, ବିପୁଳ ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଗିରଫ ଶିକାରୀଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ସପଞ୍ଝୁଆ ଗ୍ରାମର କାର୍ତ୍ତିକ ସିଂ(୩୫) ଓ ରାମଚନ୍ଦ୍ର ଟୁଡୁ(୩୫) । ଏମାନେ ମାରଣାସ୍ତ୍ର ସହ ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପ୍ରବେଶ କରିଥିଲେ । ସେମାନଙ୍କ ଫଟୋ ଏ.ଆଇ କ୍ୟାମେରାରେ କଏଦ୍ ହୋଇଥିଲା । ଉକ୍ତ ଫଟୋ ଆଧାରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀ ସେମାନଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ । ବନ ବିଭାଗ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି ।



# ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ବାରିପଦା, ୧୦।୭(ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ(୨)ରେ ଗୁରୁବାର ଏକ ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ସୁମନ କୁମାର ମିଶ୍ର ମାମଲାର ବିଚାର କରି ଘଟଣାରେ ଜଡ଼ିତ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୧ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଆସାମୀଦ୍ୱୟ ହେଲେ, ରାସଗୋବିନ୍ଦପୁର ଥାନା ଅଞ୍ଚଳର ସନ୍ତୋଷ ମହାନ୍ତ (୪୦) ଓ ସଞ୍ଜୟ ମହାନ୍ତ (୪୩) ।

ସୂଚନାଯୋଗ୍ୟ, ଗତ ୨୦୧୭ ଫେବୃଆରୀ ୨୨ରେ ଜଣେ ମହିଳା ଟ୍ରେନ୍‌ରୁ ଓହ୍ଲାଇ ରାତି ପ୍ରାୟ ୮ଟାରେ ସାଇକଲରେ ଘରକୁ ଫେରୁଥିଲେ । ଏହି ସମୟରେ ସନ୍ତୋଷ ଓ ସଞ୍ଜୟ ମହିଳାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ଦୁଷ୍କର୍ମ କରିଥିଲେ । ଘଟଣା ସମ୍ପର୍କରେ କାହାକୁ ଜଣାଇଲେ, ତାଙ୍କ ଛୁଆ ସହ ମହିଳାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ତେବେ ମହିଳାଙ୍କ ପାଟି ଶୁଣି ନିକଟସ୍ଥ ଗ୍ରାମର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ପରେ ଏ ସଂପର୍କରେ ଥାନାରେ ଅଭିଯୋଗ ହେବାରୁ ପୁଲିସ୍ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି । ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ପ୍ରାଧିକରଣଙ୍କୁ ସୁପାରିସ୍ କରାଯାଇଛି । ଅତିରିକ୍ତ ସରକାରୀ ଆଇନଜୀବୀ ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, ୯।୭(ସମିସ): ଖଣ୍ଡଗିରି ଥାନା ଅଞ୍ଚଳରେ ୨୦୨୦ ମସିହାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାର ଆଜି ରାୟ ପ୍ରକାଶ ପାଇଛି । ଭୁବନେଶ୍ୱର ଆଡହକ୍ ଅତିରିକ୍ତ ସେସନ୍ ଜଜ୍ ଫାଷ୍ଟଟ୍ରାକ୍ ସ୍ପେସାଲ କୋର୍ଟ (ପୋକ୍ସୋ)ର ବିଚାରପତି ସରୋଜ କୁମାର ସାହୁ ଏହି ମାମଲାର ବିଚାର କରି ଅଭିଯୁକ୍ତ ରାଜା ମଲ୍ଲିକ(୨୧)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ ତାକୁ ୨୦ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି । ୧୪ ଜଣଙ୍କ ସାକ୍ଷ୍ୟ ଓ ୭୩ଟି ପ୍ରଯୁଜ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି । ଏହାସହ ପୀଡ଼ିତାଙ୍କୁ ୩ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।


ସୂଚନାନୁସାରେ, ବଡ଼ମ୍ବା ଥାନା ରଗଡ଼ିପଡ଼ାର ରାଜା ବରମୁଣ୍ଡା ଅଞ୍ଚଳର ଏକ ବସ୍ତିରେ ରହୁଥିଲା । ତା'ର ପଡ଼ିଶାଘରେ ରହୁଥିବା ଜଣେ ନାବାଳିକାକୁ ସେ ବିବାହର ପ୍ରଲୋଭନ ଦେଖାଇ ୨୦୨୦ ଜୁଲାଇ ୧୮ରେ ଅପହରଣ କରିନେଇଥିଲା । ଏ ସଂପର୍କରେ ଜାଣିବା ପରେ ପରିବାରଲୋକ ତା' ନାମରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ । ଅପହରଣ, ଦୁଷ୍କର୍ମ ଦଫା ଆଧାରରେ ପୁଲିସ୍ ନଂ ୪୨୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ସେହିବର୍ଷ ଅକ୍ଟୋବର ୨୪ ତାରିଖରେ ପୁଲିସ୍ ନାବାଳିକାକୁ ଉଦ୍ଧାର କରିଥିବା ବେଳେ ଏହାର ୩ଦିନ ପରେ ରାଜାକୁ ଗିରଫ କରିଥିଲା । ଆଇପିସି ୩୭୬ (୨)(ଏନ୍) ଓ ୬ ପୋକ୍ସୋ ଆକ୍ଟ ଅନୁଯାୟୀ, ରାଜାକୁ ଆଜି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସ୍ୱତନ୍ତ୍ର ପିପି ରାଜୀବ ସାସମଲ ଓ ଅତିରିକ୍ତ ପିପି ବଳରାମ ଦେଓ ଏହି ମାମଲା ପରିଚାଳନା କରୁଥିଲେ ।

# ୧୬ତମ ଏଗ୍ରିକଲଚର ଲିଡରସିପ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର,୧୦।୭(ସମିସ): କୃଷି ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ଦେଇ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର ଲିଡରସିପ୍ ପୁରସ୍କାର ପ୍ରଦାନ କରାଯାଇଛି । କୃଷି କ୍ଷେତ୍ରରେ ଭାରତର ଅଗ୍ରଣୀ ଗଣମାଧ୍ୟମ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ଆୟୋଜିତ ୧୬ତମ ଏଗ୍ରିକଲଚର ଲିଡରସିପ୍ କନକ୍ଲେଭରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ତଥା ପୁରସ୍କାର କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପି. ସଦାଶିବମ୍ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ପ୍ରମୁଖ ଉପସ୍ଥିତ ଥିଲେ ।

# ମନୋଜ ମହାନ୍ତି ଓପିଏସ୍‌ସି ସଦସ୍ୟ ମନୋନୀତ

ଭୁବନେଶ୍ୱର,୧୦।୭(ସମିସ): ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମନୋଜ କୁମାର ମହାନ୍ତି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ତାଙ୍କ କାର୍ଯ୍ୟକାଳ ୬ବର୍ଷ କିମ୍ବା ତାଙ୍କୁ ୬୨ବର୍ଷ ବୟସ ହେବା ପର୍ଯ୍ୟନ୍ତ ରହିବ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ମହାନ୍ତି ପୂର୍ବରୁ ଅତିରିକ୍ତ ସଚିବ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଥିଲେ ।



# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ବାଙ୍ଗିରିପୋଷି, ୧୦।୭ (ସମିସ): ବାଙ୍ଗିରିପୋଷି ବନାଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, ଧୋବଣିଶୋଳ ଗ୍ରାମର ବାୟା ସିଂ(୭୫) । ଗତ ବୁଧବାର ରାତିରେ ସେ ଶୌଚ ହେବାକୁ ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ଏକ ମାଇ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ଟର୍ଚ୍ଚ ଆଲୁଅ ଦେଖି ହାତୀଟି ନିଜ ଶାବକ ସହ ବାୟାଙ୍କ ନିକଟରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲା । ଶୁଣ୍ଢରେ ତାଙ୍କୁ ଟେକି କଚାଡ଼ି ଦେଇଥିଲା । ବାୟାଙ୍କ ଚିତ୍କାର ଶୁଣି ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଘଉଡ଼ାଇବା ସହ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାଙ୍ଗିରିପୋଷି ବନ ବିଭାଗ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ ପଠାଇଛି ।

# କୃଷି ଋଣ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା କାର୍ଯ୍ୟକାରିତା ଉପରେ ବୈଠକ

ଭୁବନେଶ୍ୱର, ୧୦।୭(ସମିସ): ଚାଷୀଙ୍କୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥା ସମୟରେ ବୀମା କମ୍ପାନୀ କ୍ଷତି ପୂରଣ ପ୍ରଦାନ କରିବେ । ସମବାୟ ମାଧ୍ୟମରେ ଫସଲ ଋଣ ପ୍ରଦାନ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁବାର ଅନୁଷ୍ଠିତ ବୈଠକରେ ଏହି ମତ ପ୍ରକାଶ ପାଇଛି ।

ବୈଠକରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅଧ୍ୟକ୍ଷତା କରି ବୀମା ଭୁକ୍ତ ଚାଷୀଙ୍କୁ ଯଥା ସମୟରେ କ୍ଷତିପୂରଣ ପ୍ରଦାନ କରିବାରେ ସହଯୋଗ କରିବାକୁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । ସମବାୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ । ଯୁଗ୍ମ ସଚିବ ସଂଗ୍ରାମ କେଶରୀ ରାଉତ ପିପିଟି ମାଧ୍ୟମରେ ସବିଶେଷ ଉପସ୍ଥାପନ କରିଥିଲେ । ବୈଠକରେ ନାବାର୍ଡର ସିଜିଏମ୍ ସଞ୍ଜୟ ତାଲୁକଦାର, ଏଜିସିଏସ୍ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହଯୋଗ ଲୋଡିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ଅଯଥା ଖର୍ଚ୍ଚ ବଢ଼ିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।


**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତା କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ, ୧୨୨ ଜଣଙ୍କ ମୃତ୍ୟୁ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୯ ଲୋକଙ୍କ ମୃତ୍ୟୁ।
- ୨୦୦୮ - ଆପଲ୍ ଆଇଫୋନ୍ ୩ ଜି ଲଞ୍ଚ୍ କରାଗଲା।



ଆସିଲା 'କାନ୍ତାରା: ଚାପ୍ଟର ୧' ପୋଷ୍ଟର୍

# ରକ୍ତମୁଖା ରିଷଭ

ଚଳିତବର୍ଷ ଯେଉଁ କେତୋଟି ଫିଲ୍ମକୁ ଦର୍ଶକେ ଅପେକ୍ଷା କରିଛନ୍ତି, ତନ୍ମଧ୍ୟରେ 'କାନ୍ତାରା: ଚାପ୍ଟର ୧' ରହିଛି। ଏହି ଫିଲ୍ମଟି କନ୍ନଡ଼ର ଲୋକପ୍ରିୟ ଅଭିନେତା ରିଷଭ ଶେଟ୍ଟୀଙ୍କ ଫିଲ୍ମ 'କାନ୍ତାରା'ର ପ୍ରିକ୍ୱେଲ। ରିଷଭଙ୍କ ଜନ୍ମଦିନ ଅବସରରେ ହୋମ୍ବଲେ ଫିଲ୍ମସ୍ ପକ୍ଷରୁ 'କାନ୍ତାରା: ଚାପ୍ଟର ୧'ର ଏକ ଦମ୍‌ଦାର ପୋଷ୍ଟର୍ ଜାରି କରାଯାଇଥିଲା। ଏହି ପୋଷ୍ଟର୍ ମାଧ୍ୟମରେ ଦର୍ଶକେ ରିଷଭଙ୍କ ପ୍ରଥମ ଝଲକ ଦେଖିବାକୁ ପାଇଛନ୍ତି। ପୋଷ୍ଟର୍‌ରେ ସେ ଢାଲ ଓ କୁରାଢ଼ି ଧରି ରକ୍ତମୁଖା ନଜର ଆସିଛନ୍ତି। ଜଳନ୍ତା ନିଆଁ ଭିତରେ ସେ ଯୋଦ୍ଧା ଅବତାରରେ ଦେଖାଯାଇଛନ୍ତି। ପୋଷ୍ଟର୍‌ଟିକୁ ସେୟାର୍ କରି ନିର୍ମାତା ରିଷଭଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଏହା ୨ ଅକ୍ଟୋବର, ୨୦୨୫ରେ ଆସିବ ବୋଲି କହିଛନ୍ତି। ଏହି ଫିଲ୍ମର ଏକ ଯୁଦ୍ଧ ସିନ୍‌କୁ ନେଇ ବେଶ୍ ଚର୍ଚ୍ଚା ହେଉଛି। ଏଥିରେ ୫୦୦ ସୈନିକ ଓ ୩୦୦୦ ଲୋକେ ଏକା ସଙ୍ଗେ ନଜର ଆସିବେ। ଏହା ୨୫ ଏକର ଜମିରେ ୩୫-୪୦ ଦିନ ଧରି ସୁଟ୍ କରାଯାଇଥିଲା। ଏଥିରେ ରିଷଭ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ୨୦୨୨ରେ 'କାନ୍ତାରା' ଫିଲ୍ମ ଆସିଥିଲା। ଏହି ଫିଲ୍ମ ପାଇଁ ରିଷଭଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ମିଳିଥିଲା।

# ବିଶ୍ୱ ଜନସଂଖ୍ୟା ଦିବସ




ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱବ୍ୟାପୀ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଏ। ସାରା ଦୁନିଆରେ ବୃଦ୍ଧି ପାଉଥିବା ଜନସଂଖ୍ୟା ପ୍ରତି ଲୋକମାନଙ୍କୁ ଜାଗ୍ରତ ଓ ସଚେତନ କରିବା ପାଇଁ ଏହି ଦିବସ ପାଳନ କରାଯାଏ। ପରିବାର ଯୋଜନା, ଲିଙ୍ଗଗତ ସମାନତା, ଦାରିଦ୍ର, ମାତୃ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମିଳିତ ଜାତିସଂଘ ଦ୍ୱାରା ୧୯୮୯ ରେ ଏହି ଦିନର ପରିକଳ୍ପନା କରାଯାଇଥିଲା। ୧୧ ଜୁଲାଇ, ୧୯୮୭ରେ ସାରା ବିଶ୍ୱର ଜନସଂଖ୍ୟା ଯେତେବେଳେ ୫୦୦ କୋଟିରେ ପହଞ୍ଚିଲା, ଏହି ଦିବସ ପାଳନକୁ ନେଇ ଉତ୍ସାହ ଦେଖାଗଲା। ସେବେଠାରୁ ଜୁଲାଇ ୧୧ ତାରିଖକୁ ଜନସଂଖ୍ୟା ଦିବସ ଭାବରେ ପାଳନ କରାଯାଏ। ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବା ବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି। ଏବେ ଭାରତ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର। ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ। କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ। ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ, ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ୍ ହେବା ଆବଶ୍ୟକ।

# କ୍ଷତିକାରକ ବାସି ଭାତ

ସାଧାରଣତଃ ଭାରତୀୟମାନେ ଭାତ ଖାଇବାକୁ ଭଲପାଆନ୍ତି। ଅନେକ ସମୟରେ ଭାତ ବଳିଯାଏ। ତେବେ ବଳକା ଭାତକୁ ନଷ୍ଟ ନ କରି ରଖିଦିଆଯାଏ। ଯାହାକୁ ଅନେକେ ବାସି ଭାତ ଭାବେ ଖାଆନ୍ତି। ହେଲେ ଏହି ବାସି ଭାତ ଶରୀର ପାଇଁ କ୍ଷତିକାରକ ବୋଲି ଲୋକପ୍ରିୟ ନ୍ୟୁଟ୍ରିସନ କୋଚ୍ ରିୟାନ ଫର୍ଣ୍ଣାଡୋ କହିଛନ୍ତି। ତେବେ ବାସି ଭାତ ଶରୀର ପାଇଁ କ୍ଷତିକାରକ ହେବା ପଛରେ ବାସିଲସ ସେରିୟସ ଜୀବାଣୁକୁ ଦାୟୀ କରାଯାଉଛି। ଏହା ଏମିତି ଏକ ଜୀବାଣୁ ଯାହା ଗରମରେ ବି ନଷ୍ଟ ହୋଇ ନ ଥାଏ। ଏହା ଚାଉଳରେ ଥାନ୍ତି, ଏହା ଉପରେ ଉତ୍ତାପର କୌଣସି ପ୍ରଭାବ ପଡ଼ି ନ ଥାଏ। ଚାଉଳକୁ ରାନ୍ଧିବା ପରେ ବି ଏହି ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଯେତେବେଳେ ଭାତ ବାସି ହୋଇଯାଏ, ସେତେବେଳେ ଏହି ଜୀବାଣୁ ସଂଖ୍ୟା ଆହୁରି ବଢ଼ିଯାଏ। ତେବେ ଭାତ ରାନ୍ଧିବା ପରେ ଯେତେବେଳେ ଏହା ଥଣ୍ଡା ହୋଇଯାଏ, ସେତେବେଳେ ଏହି ଜୀବାଣୁଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ଏହା ବିଷାକ୍ତ ତତ୍ତ୍ୱ ସୃଷ୍ଟି କରେ। ତେବେ ଏହି ଜୀବାଣୁ ବୃଦ୍ଧି ହେବା ପାଇଁ ଭାତ ରନ୍ଧାଯିବା ପରର ଏକ ଘଣ୍ଟା ଠିକ୍ ହୋଇଥାଏ। ତେଣୁ ଭାତକୁ ପୁଣି ଗରମ କଲେ ମଧ୍ୟ ଏହି ବିଷାକ୍ତ ପଦାର୍ଥ ନଷ୍ଟ ହୋଇ ନ ଥାଏ। ସେହିପରି ଭାତ ରାନ୍ଧିବାର ତୁରନ୍ତ ପରେ ଏହାକୁ ଖାଇବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି। ଯଦି ଏହା ସମ୍ଭବ ହେଉ ନାହିଁ, ତେବେ ଭାତକୁ ଫ୍ରିଜ୍‌ରେ ୪୦ରୁ ୧୪୦ ଡିଗ୍ରୀ ଫାରେନାଇଟ୍‌ରୁ କମ୍ ତାପମାତ୍ରାରେ ରଖି ଖିଆଯାଇପାରିବ। ଅବଶ୍ୟ ଏହାକୁ ୨୪ ଘଣ୍ଟା ମଧ୍ୟରେ ଖାଇବା ଦରକାର। ଅନ୍ୟପଟେ ଏହି ସମୟ ଅତିକ୍ରମ କରିଯିବା ପରେ ଭାତକୁ ନ ଖାଇ ଫିଙ୍ଗି ଦେବା ଦରକାର ବୋଲି ସେ କହିଛନ୍ତି।





# ମୋତିଆବିନ୍ଦୁ

**ବୟସ ବୃଦ୍ଧି ହେଲେ ମୋତିଆବିନ୍ଦୁ ହୋଇଥାଏ। ମୋତିଆବିନ୍ଦୁ ଏକ ଚକ୍ଷୁଜନିତ ସମସ୍ୟା। ହେଲେ ଆଜିକାଲି ଯୁବାବସ୍ଥାରେ ମୋତିଆବିନ୍ଦୁରେ ପୀଡ଼ିତ ହେଉଛନ୍ତି। ମୋତିଆବିନ୍ଦୁ କାହିଁକି ହୋଇଥାଏ, କେଉଁମାନଙ୍କ ପାଇଁ ଏହା ବିପଜ୍ଜନକ ଏବଂ ଏଥିରୁ ବର୍ତ୍ତିବା ପାଇଁ କ'ଣ କରିବା ଆବଶ୍ୟକ ଜାଣିବା ସେ ବିଷୟରେ ...**


ଆଖି ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ଏହା ମନୁଷ୍ୟକୁ ଦେଖିବାକୁ ସାହାଯ୍ୟ କରେ। ହେଲେ ବୟସବୃଦ୍ଧି, ବିଭିନ୍ନ ରୋଗ ଆଦି ଯୋଗୁଁ ଦୃଷ୍ଟି ଶକ୍ତି ହ୍ରାସ ପାଏ। ଏମିତି ଏକ ସମସ୍ୟା ହେଉଛି ମୋତିଆବିନ୍ଦୁ ବା କାଟାରାକ୍ଟ। ମୋତିଆବିନ୍ଦୁ ହେଲେ, ଆଖିର ପ୍ରାକୃତିକ ସ୍ୱଚ୍ଛ ଲେନ୍ସ ଅସ୍ୱଚ୍ଛ ହୋଇଯାଏ। ଦୃଷ୍ଟିଶକ୍ତିରେ ସମସ୍ୟା ହୋଇଥାଏ। ଝାପ୍‌ସା ଦେଖାଯିବା ସହ ବେଳେ ବେଳେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ନଷ୍ଟ ହେବାର ଆଶଙ୍କା ଥାଏ। ଏନେଇ ଦିଲ୍ଲୀର ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ଏକେ ଗ୍ରୋଭରଙ୍କ କହିବାନୁସାରେ, ମଧୁମେହ ପୀଡ଼ିତଙ୍କ ରକ୍ତ ଶର୍କରାସ୍ତର ବଢ଼ିଗଲେ ମୋତିଆବିନ୍ଦୁ ଶୀଘ୍ର ବିକଶିତ ହୁଏ। ଏହାଦ୍ୱାରା ଲେନ୍ସ ପ୍ରଭାବିତ ହୋଇ ଦୃଷ୍ଟିଶକ୍ତି ହ୍ରାସ ପାଇଥାଏ। ଆଖିରେ ପୂର୍ବରୁ ଆଘାତ ଲାଗିଥିଲେ କିମ୍ବା କୌଣସି ପ୍ରକାର ସର୍ଜରୀ ହୋଇଥିବା ବ୍ୟକ୍ତିଙ୍କୁ ମୋତିଆବିନ୍ଦୁ ଶୀଘ୍ର ହୋଇପାରେ। ଅଧିକାଂଶ ଲୋକ ରୋଗ ନିୟନ୍ତ୍ରଣ ପାଇଁ ଦୀର୍ଘ ସମୟ ଷ୍ଟେରଏଡ୍ ନିଅନ୍ତି। ଏମାନଙ୍କୁ ମଧ୍ୟ ମୋତିଆବିନ୍ଦୁ ହେବାର ଆଶଙ୍କା ଅଧିକ ରହିଛି। ସେହିପରି ବଂଶାନୁକ୍ରମ, ମୋଟାପଣ, ଉଚ୍ଚ ରକ୍ତଚାପ, ଆଖିରେ ଆଘାତ ଲାଗିବା, ହରମୋନ୍ ଅସନ୍ତୁଳନ, ଭିଟାମିନ୍ ଅଭାବ, ବିକିରଣ ସମ୍ପର୍କରେ ରହିବା, ଚକ୍ଷୁ ସର୍ଜରୀ, ଧୂମପାନ ଏବଂ ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ପାଇଁ ମୋତିଆବିନ୍ଦୁ ଅଧିକ ବିପଜ୍ଜନକ ହୋଇଥାଏ।

ମୋତିଆବିନ୍ଦୁ ଆରମ୍ଭ ହେବା ମାତ୍ରେ ଚକ୍ଷୁ ପରୀକ୍ଷା କରି ଚିକିତ୍ସା କରାଗଲେ ଅଧିକାଂଶ କ୍ଷେତ୍ରରେ ଲେଜର ଚିକିତ୍ସା କିମ୍ବା ଅସ୍ତ୍ରୋପଚାର ସମସ୍ୟାକୁ ବଢ଼ିବାକୁ ଦେଇ ନ ଥାଏ। ଏଥିରେ ଅଣଦେଖା କଲେ, ଏହାର ଗମ୍ଭୀରତା ବୃଦ୍ଧି ପାଇ ଲେନ୍ସ ସମ୍ପୂର୍ଣ୍ଣ ନଷ୍ଟ ହୁଏ। ଚିକିତ୍ସା କରିବା କଷ୍ଟକର ହୋଇପଡେ। ତେଣୁ ମୋତିଆବିନ୍ଦୁ ପାକଳ ହୋଇଗଲେ, ସର୍ଜରୀ କରିବା ଅନିବାର୍ଯ୍ୟ। ସର୍ଜରୀ ଦ୍ୱାରା ଅସ୍ୱଚ୍ଛ ଲେନ୍ସ ବାହାର କରାଯାଇ କୃତ୍ରିମ ଲେନ୍ସ ଲଗାଯାଇଥାଏ। ଅନ୍ୟପଟେ ଖରାରେ ବାହାରିବା ସମୟରେ ୟୁଭି ପ୍ରୋଟେକ୍ସନଯୁକ୍ତ ସନଗ୍ଲାସ୍ ପିନ୍ଧି ପାରିବେ। ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଏ, ସି, ଇ, ଲ୍ୟୁଟିନ୍, ଜିଙ୍କ୍, ସବୁଜପରିବା, ଗାଜର, କମଳା, ମାଛ, ଆଦିକୁ ଡାଏଟରେ ସାମିଲ କରିପାରିବେ। ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ନିୟନ୍ତ୍ରଣରେ ରହିଲେ ଚକ୍ଷୁ ସମସ୍ୟା କମ୍ ରୁହେ। ତେଣୁ ୪୦ ବର୍ଷ ପରେ ନିୟମିତ ଚକ୍ଷୁ ପରୀକ୍ଷା କରିବା ଜରୁରି।

# ପାର୍କିନସନ୍ ରୋଗର ନୂତନ ଚିକିତ୍ସା ବିକଳ୍ପ

ପାର୍କିନସନ ଏକ ପ୍ରକାର ସ୍ନାୟୁଜନିତ ରୋଗ। ଏହି ରୋଗ ହେଲେ, ଶରୀରର ଗତି ଧୀମା ହୋଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଯଥା- ରୋଗୀର ଗତି ଧୀର ହେବା, ସ୍ୱରରେ ପରିବର୍ତ୍ତନ, କହିବାରେ ସମସ୍ୟା, ମାଂଶପେସୀରେ ପରିବର୍ତ୍ତନ ଆସିବା, ହାତ ଥରିବା, ମସ୍ତିଷ୍କ ଦୁର୍ବଳ ହେବା, ଶାରୀରିକ ସକ୍ରିୟତା କ୍ଷମତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଦି ଲକ୍ଷଣ ଦେଖାଯାଏ। ଏହି ରୋଗ ବଂଶାନୁଗତ କୁହାଯାଉଥିବାବେଳେ ରୋଗର ଲକ୍ଷଣକୁ ଔଷଧ ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ। ହେଲେ ଜାପାନ, କ୍ୟୋଟୋ ବିଶ୍ୱବିଦ୍ୟାଳୟର ଆଇପିଏସ୍ ସେଲ୍ ଆପଲାଏଡ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଏକ ନୂତନ ଚିକିତ୍ସା ଆରମ୍ଭ କରିଛନ୍ତି। ଏନେଇ ବୈଜ୍ଞାନିକମାନେ ପରୀକ୍ଷାଗାରରେ ଏକ ନୂତନ ମସ୍ତିଷ୍କ କୋଷ ବୃଦ୍ଧି କରିଛନ୍ତି। ଏହି ଅଭିନବ ଚିକିତ୍ସା ପଦ୍ଧତିରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍‌କୁ ମସ୍ତିଷ୍କ ମଧ୍ୟରେ ପ୍ରତ୍ୟାରୋପଣ (ଆଇପିଏସ୍ ସେଲ୍) କରାଯାଇଥାଏ। ତେବେ ଏହି ନୂତନ ମସ୍ତିଷ୍କ କୋଷକୁ କିଛି ରୋଗୀଙ୍କ ମଧ୍ୟରେ ସଫଳତାର ସହିତ ପ୍ରତିରୋପଣ କରିବା ପରେ ନଷ୍ଟ ହୋଇଥିବା କୋଷ ସ୍ଥାନର ନୂତନ କୋଷ ବୃଦ୍ଧି ହୋଇ ମସ୍ତିଷ୍କର କାର୍ଯ୍ୟକ୍ଷମ କରିପାରିଥିଲା। ତେବେ ଚିକିତ୍ସାରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍ (ଆଇପିଏସ୍ କୋଷ) ବ୍ୟବହାର କରାଯାଇଥିବାବେଳେ ଏହା ଡୋପାମାଇନ୍-ଉତ୍ପାଦକ ନ୍ୟୁରାନ୍ ରୂପେ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାଏ।

ସାଧାରଣତଃ ପାର୍କିନସନ୍ ରୋଗରେ ଡୋପାମାଇନ୍ କ୍ଷରଣ କରୁଥିବା କୋଷ ନଷ୍ଟ ହୋଇଯାଇଥାଏ। ତେଣୁ ପ୍ରାରମ୍ଭିକ ପରୀକ୍ଷଣରେ ଯେଉଁ ରୋଗୀଙ୍କ କ୍ଷେତ୍ରରେ ଏହି ନୂତନ କୋଷ ପ୍ରତିରୋପଣ କରାଯାଇଥିଲା, ସେମାନଙ୍କ କ୍ଷେତ୍ରରେ ଉନ୍ନତ ଗତିବିଧି ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ମସ୍ତିଷ୍କ ସ୍କାନରୁ ନୂତନ ନ୍ୟୁରନ୍ ଡୋପାମାଇନ୍ ଉତ୍ପାଦନ କରୁଥିବା ଦେଖାଯାଇଥିଲା। ଏହା ମାଂସପେଶୀ କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ ସମ୍ବେଦ ବାହକ ରସାୟନ ଅଟେ। ବର୍ତ୍ତମାନ ଏହି ଚିକିତ୍ସା ପ୍ରଣାଳୀ ଉପରେ ବୈଜ୍ଞାନିକ ଆହୁରି ଗବେଷଣା କରୁଥିବାବେଳେ ଏଥିରୁ ଅଧିକ ସଫଳତା ମିଳିଲେ ପାର୍କିନସନ ପରି ରୋଗରେ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ଆଶା ପ୍ରଦାନ କରିବ।




# ସେଓ ଖାଆନ୍ତୁ ନିୟନ୍ତ୍ରଣରେ ରହିବ କୋଲେଷ୍ଟ୍ରଲ

ସେଓରେ ଭିଟାମିନ୍-ସି, ଭିଟାମିନ୍ ବି ୬, ପଟାସିୟମ, ଫସ୍‌ଫରସ୍, ମାଙ୍ଗାନିଜ୍ ଆଦି ପୋଷକତତ୍ତ୍ୱ ଭରି ରହିଛି। ଏହା ଦାନ୍ତକୁ ମଜବୁତ ରଖିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ। ହୃଦ୍‌ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେଓ ବହୁତ ଭଲ। ହେଲେ ଜାଣନ୍ତିକି, ଦିନକୁ ଦୁଇଟି ସେଓ ଖାଇବା ଦ୍ୱାରା ଶରୀରରେ ଜମିଥିବା ଖରାପ କୋଲେଷ୍ଟ୍ରଲ୍ ନିୟନ୍ତ୍ରଣରେ ରହିଥାଏ



- ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ନିୟମିତ ଦୁଇଟି ସେଓ ଖାଇବା ଦ୍ୱାରା ଏଲ୍‌ଡିଏଲ୍‌ସ୍ତର ହ୍ରାସ ପାଇଥାଏ। ସେଓରେ ଥିବା ଫାଇବର ପେକ୍ଟିନ୍ ଶରୀରରୁ କୋଲେଷ୍ଟ୍ରଲକୁ କମ୍ କରିବା ସହିତ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ସେହିପରି ଏହା କର୍କଟ କୋଷକୁ ବଢ଼ିବାକୁ ଦିଏ ନାହିଁ। ସେଓରେ ଥିବା କ୍ୟାଟେଚିନ୍ ଏବଂ ଫ୍ଲେବୋନଏଡ୍‌ସ ପରି ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏଥିରେ ଭିଟାମିନ୍ ଓ ମିନେରାଲ ଭରପୁର ମାତ୍ରାରେ ଥିବାରୁ ଏହାକୁ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। ତାସହିତ ଶରୀରରେ ଫ୍ରି ର୍ୟାଡିକାଲ୍ସ ସହିତ ଲଢ଼ିଥାନ୍ତି। କେବଳ ସେତିକି ନୁହେଁ, ପ୍ରତିଦିନ ସେଓ ଖାଇବା ଦ୍ୱାରା ହୃଦୟ ସୁସ୍ଥ ରହିଥାଏ। ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବା ସହିତ ଏହା କୋଲେଷ୍ଟ୍ରଲ ହ୍ରାସ କରାଇଥାଏ।
- ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମୁତାବକ, ମୋଟାପା ଏବଂ ଓଜନ ବୃଦ୍ଧି ସହିତ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହୋଇଥାଏ। ତେଣୁ ସେଓରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥିବାରୁ ଏହାକୁ ଖାଇବା ଦ୍ୱାରା ପେଟ ପୂରିଲା ପୂରିଲା ଲାଗେ। ତେଣୁ ଦୈନିକ ସେଓ ଖାଇବା ଦ୍ୱାରା ଧୀରେ ଧୀରେ ଓଜନ ହ୍ରାସ ପାଏ। ସେଓରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ରକ୍ତ ଶର୍କରାକୁ ବଢ଼ିବାକୁ ଦେଉନଥିବାରୁ ଏହା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିପାରେ।



ଲର୍ଡ୍ସରେ ପାରମ୍ପରିକ ଭାବେ ଘଣ୍ଟି ବଜାଇ ଭାରତ-ଇଂଲଣ୍ଡ ୩ୟ ଟେଷ୍ଟ ମ୍ୟାଚ୍‌କୁ ଆରମ୍ଭ କରୁଛନ୍ତି କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର

ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

ତୃତୀୟଥର ବି ଟସ୍ ହାରିଲା ଭାରତ

# ପ୍ରଥମ ଦିନରେ ଲଢୁଆ ଖେଳିଲା ଇଂଲଣ୍ଡ

ଲର୍ଡ୍ସ, ୧୦।୭ (ଏଜେନ୍ସି):

ବିଶ୍ୱର ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ କ୍ରିକେଟ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ କ୍ରମାଗତ ତୃତୀୟଥର ଲାଗି ଟସ୍ ଜିତିଥିଲାବେଳେ ପ୍ରଥମଥର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମେ ବ୍ୟାଟିଂ କରି ୪୪ ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିବା ଇଂଲଣ୍ଡ ପରେ ଲଢୁଆ ଖେଳ ପ୍ରଦର୍ଶନ କରିଛି। ପ୍ରଥମ ଦିନ ୬୨ ଓଭର ଖେଳ ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସରେ ୪ ୱିକେଟ ହରାଇ ୧୯୬ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୋ ରୁଟ ୭୦ ଓ ବେନ୍ ଷ୍ଟୋକ୍ସ ୧୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଓଲି ପୋପ୍ ୪୪ ଓ ହ୍ୟାରୀ ବ୍ରୁକ୍ ୧୧ ରନ୍ କରିଥିଲେ। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡି ଗୋଟିଏ ଓଭରରେ ଦୁଇ ଓପନରଙ୍କୁ ଆଉଟ କରିଥିଲେ। ଟି ପରେ ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।

ଲର୍ଡସରେ ତୃତୀୟ ଟେଷ୍ଟ ଖେଳିବାକୁ ଆସିବା ପୂର୍ବରୁ ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ବା ପେସ୍ ବୋଲରଙ୍କୁ ପରିବର୍ତ୍ତନ କରିଥିଲେ। ଦ୍ୱିତୀୟ ଟେଷ୍ଟ ଖେଳିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଭାରତ ଓ ଜୋଶ ଟଙ୍ଗ୍‌ଙ୍କ ସ୍ଥାନରେ ଜୋଫ୍ରା ଆର୍ଚରଙ୍କୁ ଇଂଲଣ୍ଡ ଦଳରେ ସାମିଲ କରିଥିଲା। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଚଳିତ ସିରିଜ୍‌ରେ କ୍ରମାଗତ ତୃତୀୟଥର ଟସ୍ ଜିତିଥିଲେ ମଧ ପ୍ରଥମଥର ଏଠାରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳର ଦୁଇ ଓପନର ଅଧିନାୟକଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ବୁମ୍‌ରାଙ୍କ ନେତୃତତ୍ୱରେ ଭାରତର ଆକ୍ରମଣକୁ ମୁକାବିଲା କରିଥିଲେ। କିନ୍ତୁ ୧୪ତମ ଓଭର ବୋଲିଂ କରିଥିବା ଭାରତୀୟ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡି ଦୁଇ ଓପନର ବେନ୍ ଡକେଟ (୨୩) ଓ ଜ୍ୟାକ୍ କ୍ରଲୀ (୧୮)ଙ୍କୁ ଆଉଟ କରି ଇଂଲଣ୍ଡକୁ ଶକ୍ତ ଧକ୍କା ଦେଇଥିଲେ। କିନ୍ତୁ ଏହା ପରେ ଦୁଇ ଅଭିଜ୍ଞ ବ୍ୟାଟର ଜୋ ରୁଟ ଓ ଓଲି ପୋପ୍ ତୃତୀୟ ୱିକେଟରୁ ୧୦୯ ରନ୍ ଉଠାଇ ଇଂଲଣ୍ଡକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ।

**ମନ୍ଥର ବ୍ୟାଟିଂ :** ହେଡ୍ କୋଚ୍ ଭାବେ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଯୋଗଦେବା ପରଠାରୁ ଇଂଲଣ୍ଡର ଟେଷ୍ଟ ମ୍ୟାଚ୍‌ରେ ରନ୍ ହାର ପ୍ରତ୍ୟେକ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ରହିଥାଏ। କିନ୍ତୁ ଟି ସୁଦ୍ଧା ଇଂଲଣ୍ଡ ୨.୯୨ ହାରରେ ରନ୍ ସଂଗ୍ରହ କରିଥିଲା। ମ୍ୟାକ୍‌କୁଲାମ ବା ବାଜ୍‌ବଲ ଏରାରେ ଏଠାରେ ଦଳ ଦ୍ୱିତୀୟ ସର୍ବନିମ୍ନ ହାରରେ ରନ୍ ସଂଗ୍ରହ କରିଥିଲା। ଘରୋଇ ମାଟିରେ ଦଳ ଏଠାରେ ୩୫.୪ ଓଭରରେ ୧୦୦ ରନ୍ ପୂରଣ କରିଥିଲା। ବାଜ୍‌ବଲ ଏରାରେ ଇଂଲଣ୍ଡ ୭୨ଥର ବ୍ୟାଟିଂ କରିଛି। ଏହା ମଧ୍ୟରୁ ଦ୍ୱିତୀୟ ଥର ଏତେ ମନ୍ଥର ଗତିରେ ଖେଳିଛି। ପୂର୍ବରୁ ୨୦୧୪ ରାଜକୋଟରେ ଖେଳାଯାଇଥିବା ଟେଷ୍ଟରେ ଇଂଲଣ୍ଡ ୩୭.୨ ଓଭରରେ ୧୦୦ ରନ୍ ପୂରଣ କରିଥିଲା। ସେହିପରି ଏହି ୭୨ଟି ଇନିଂସ ମଧ୍ୟରୁ ଦ୍ୱିତୀୟ ଥର ପ୍ରଥମ ୪୦ ଓଭର ବ୍ୟାଟିଂରେ ଇଂଲଣ୍ଡ ଓଭର ପ୍ରତି ୩ କିମ୍ବା ତା'ଠାରୁ କମ୍ ହାରରେ ରନ୍ ସଂଗ୍ରହ କରିଛି। ପୂର୍ବରୁ ୨୦୨୨ ନ୍ୟୁଜିଲାଣ୍ଡ ବିପକ୍ଷ ଲର୍ଡ୍ସ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ୪୦ ଓଭରରେ ୪ ୱିକେଟ ହରାଇ ୧୧୨ ରନ୍ କରିଥିଲା। ଋଷଭ ପନ୍ତ ଆହତ: ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ, ଦ୍ୱିତୀୟ ଟେଷ୍ଟରେ ଦମ୍‌ଦାର ବ୍ୟାଟିଂ କରିଥିବା ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ ଆହତ ହୋଇଛନ୍ତି। ୩୦ତମ ଓଭରରେ ବଲ ଧରିବାକୁ ଯାଇଥିଲାବେଳେ ତାଙ୍କ ଆଙ୍ଗୁଳି ଓପରେ ବଲ ବାଜିଥିଲା। ଯନ୍ତ୍ରଣା ଅଧିକ ହେବାକୁ ୩୨ତମ ଓଭରରେ ତାଙ୍କର ଚିକିତ୍ସା କରିଥିଲେ ଫିଜିଓ। ହାତରେ ଟ୍ୟାପ୍ ଗୁଡାଇ କିପିଂ କରିବାକୁ ଆସିଥିଲେ ମଧ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ପରେ ସେ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ଇଂଲଣ୍ଡ ଇନିଂସରେ ୩୪ ତମ ଓଭରରୁ ରିଜର୍ଭ ୱିକେଟକିପର ଧ୍ରୁବ ଜୁରେଲ କିପିଙ୍ଗ୍ କରୁଛନ୍ତି।



**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ : ୧୯୬/୪, ୬୨ ଓଭର ( ଜୋ ରୁଟ୍- ବ୍ୟାଟିଂ- ୫୪, ଓଲି ପୋପ୍-୪୪, ବେନ୍ ଡକେଟ- ୨୩, ନୀତୀଶ କୁମାର ରେଡ୍ଡି-୨/୩୫, ଯଶପ୍ରୀତ୍ ବୁମ୍‌ରା- ୧/୩୨) ।

## ଫାଇନାଲରେ ଆନିସିମୋଭା


ଲଣ୍ଡନ, ୧୦।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଆମେରିକାର ଆମଣ୍ଡା ଆନିସିମୋଭା ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ୧୩ତମ ସିଡ୍ ଆନିସିମୋଭା ୬-୪, ୪-୬, ୬-୪ ସେଟ୍‌ରେ ୩ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ବେଲାରୁଷର ସାବାଲେଙ୍କାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ। ଏଥିସହ ୨୩ ବର୍ଷୀୟା ଆମଣ୍ଡା କ୍ୟାରିୟରରେ ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପହଞ୍ଚିଛନ୍ତି। ଇଗା ସ୍ୱିଆଟେକ ଓ ବେଲିଣ୍ଡା ବେନିକଙ୍କ ମଧ୍ୟରେ ଖେଳାଯିବାକୁ ଥିବା ୨ୟ ସେମିଫାଇନାଲର ବିଜେତାଙ୍କ ସହ ଶନିବାର ଆନିସିମୋଭାଙ୍କ ଫାଇନାଲ ମୁକାବିଲା ହେବ।



ୱିମ୍ବଲଡନରୁ ସାବାଲେଙ୍କା ବିଦା

## ୫ ବଲ୍‌ରେ ୫ ୱିକେଟ୍

ଡବ୍‌ଲିନ୍, ୧୦।୭ (ଏଜେନ୍ସି): ଆୟର୍ଲାଣ୍ଡ ଅଲ୍‌ରାଉଣ୍ଡର କର୍ଟିସ କାମ୍ଫର ବିଶ୍ୱର ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ଏକ ପ୍ରଫେସନାଲ ମ୍ୟାଚରେ ୫ ବଲ୍‌ରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଆୟର୍ଲାଣ୍ଡରେ ଖେଳାଯାଇଥିବା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇଣ୍ଟର-ପ୍ରୋଭିନସିଆଲ୍ ଟ୍ରଫିରେ କାମ୍ଫର ମନଷ୍ଟର ରେଡ୍ସ ଦଳର ନେତୃତ୍ୱ ନେଉଥିବାବେଳେ ନର୍ଥ-ୱେଷ୍ଟ ୱାରିୟର୍ସ ବିପକ୍ଷରେ ଏହି ମାରାତ୍ମକ ବୋଲିଂ କରିଥିଲେ। ପ୍ରଥମେ ବ୍ୟାଟିଂ ମନଷ୍ଟର ଦଳ କାମ୍ଫରଙ୍କ ୪୪ ରନ ବଲରେ ୭ ୱିକେଟ୍‌ରେ ୧୮୮ ରନ କରିଥିଲା। ଜବାବରେ ନର୍ଥୱେଷ୍ଟ ୧୩.୩ ଓଭରରେ ମାତ୍ର ୮୮ ରନ କରି ପରାସ୍ତ ହୋଇଥିଲା। କାମ୍ଫର ତାଙ୍କ ଦ୍ୱିତୀୟ ଓଭରର ଶେଷ ୨ ବଲ୍ ଓ ତୃତୀୟ ଓଭରର ପ୍ରଥମ ୩ଟି ବଲ୍‌ରେ ପ୍ରତିପକ୍ଷର ୫ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଏହି କୀର୍ତ୍ତିମାନ ହାସଲ କରିଥିଲେ। ପୂର୍ବରୁ ମହିଳା କ୍ରିକେଟ୍‌ରେ ଜିମ୍ବାୱେର କେଲିସ ଧଲୋଭୁ ୨୦୨୪ରେ ୧୯ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାରେ ୫ ବଲରେ ୫ ୱିକେଟ୍ ନେଇଥିଲେ।



## ଇଂଲଣ୍ଡ ମାଟିରେ ଭାରତର ଐତିହାସିକ ସିରିଜ ବିଜୟ

ମହିଳା ଟି-୨୦ କ୍ରିକେଟ୍

ଓଲ୍ଡ ଟ୍ରାଫୋର୍ଡ, ୧୦।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ୪ର୍ଥ ଟି-୨୦ ମ୍ୟାଚକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ୬ ୱିକେଟ୍‌ରେ ଜିତିନେଇଛି। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ୯୭ ରନ ଓ ୨୪ ରନରେ ଜିତିଥିବା ଭାରତ ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ୩-୧ରେ ଆଗୁଆ କବ୍‌ଜା କରିନେଇଛି। ଫଳରେ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ ଜିତି ଐତିହାସିକ ସଫଳତା ପାଇଛି। ଏଥିପୂର୍ବରୁ ୨୦୨୨ରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଏକଦିବସୀୟ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଥିଲା।

ଚତୁର୍ଥ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା ଦଳ ୭ ୱିକେଟ୍‌ରେ ମାତ୍ର ୧୨୬ ରନ କରିପାରିଥିଲା। ଦଳ ପକ୍ଷରୁ ଓପନର୍ ସୋଫି ଡଙ୍କଲୀ ସର୍ବାଧିକ ୨୨, ଅଧିନାୟିକା ଟାମି ବିଉମଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ଦୁଇ ବାମହାତୀ ସ୍ପିନର ଶ୍ରୀ ଚରଣୀ ଓ ରାଧା ଯାଦବ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଭାରତ ୩ ଓଭର ବଳକା ଥାଇ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ସ୍ମୃତି ମନ୍ଧାନା ୩୨, ଶେଫାଳି ବର୍ମା ୩୧, ଅଧିନାୟିକା ହର୍‌ମନପ୍ରୀତ୍ କୌର ୨୬, ଜେମିମା ରୋଡ୍ରିଗ୍ସେଜ ଅପରାଜିତ ୨୪ ରନ କରିଥିଲେ। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶନିବାର ଖେଳାଯିବ। ଘରୋଇ ଇଂଲଣ୍ଡ ୩ୟ ଟି-୨୦କୁ ୫ ରନରେ ଜିତିଥିଲା।



## ଜାତୀୟ ସିନିଅର ହକି ଶିବିରରେ ଓଡ଼ିଶାରୁ ୪

ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଓ ଏସିଆ କପ୍ ଟୁର୍ଣ୍ଣାମେଣ୍ଟକୁ ନଜରରେ ରଖି ଚଳିତ ମାସ ୧୪ରୁ ଜାତୀୟ ସିନିଅର ପୁରୁଷ ହକି ଦଳର ପ୍ରସ୍ତୁତି ଶିବିର ସ୍ଥାନୀୟ ସାଇ ସେଣ୍ଟରରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ୪ ଜଣ ହକି ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ୍ ଲାକ୍ରା ଓ ଫର୍‌ୱାର୍ଡ ଶିଳାନନ୍ଦ ଲାକ୍ରା। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଦଳ ଅଗଷ୍ଟ ୨୯ରୁ ବିହାରରେ ଆରମ୍ଭ ହେବାକୁ ଥିବା ଏସିଆ କପ୍‌ରେ ଭାଗନେବ।

## ଟେନିସ ଖେଳାଳି ରାଧିକାଙ୍କୁ ଗୁଳି କରି ହତ୍ୟା କଲେ ବାପା

ଗୁରୁଗ୍ରାମ, ୧୦।୭ (ଏଜେନ୍ସି): ଗୁରୁଗ୍ରାମର ପରିଚିତ ଟେନିସ ଖେଳାଳି ରାଧିକା ଯାଦବଙ୍କୁ ଗୁରୁବାର ସକାଳେ ତାଙ୍କ ବାପା ଗୁଳି କରି ହତ୍ୟା କରିଛନ୍ତି। ସେକ୍ଟର-୫୭ ଅନ୍ତର୍ଗତ ସୁଶାନ୍ତ ଲୋକ-ଫେଜ୍ ୨ ଅଞ୍ଚଳରେ ଏହି ଚାଞ୍ଚଲ୍ୟକାରୀ ଘଟଣା ଘଟିଛି। ୨୫ ବର୍ଷୀୟା ରାଧିକାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଯାଇଥିବାବେଳେ ସେଥିରୁ ୩ଟି ବୁଲେଟ୍ ତାଙ୍କ ଦେହରେ ବାଜିଥିଲା ଏବଂ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ଥାନୀୟ ପୁଲିସ ରାଧିକାଙ୍କ ବାପା ଦୀପକ ଯାଦବଙ୍କୁ ଗିରଫ କରିଛି। ରାଧିକା ଇନ୍‌ଷ୍ଟାଗ୍ରାମରେ ଅତ୍ୟଧିକ ମାତ୍ରାରେ ରିଲ୍ସ କରୁଥିବାରୁ ଏଥିରେ ବିରକ୍ତ ହୋଇ ଦୀପକ ଝିଅକୁ ହତ୍ୟା କରିବା ଭଳି ଜଘନ୍ୟ ଘଟଣା ଘଟାଇଥିଲେ ବୋଲି କୁହାଯାଉଛି। କିନ୍ତୁ ରାଧିକାଙ୍କ ଭାଇ ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ରାଧିକା ଏକ ଟେନିସ ଏକାଡେମୀ କରିଥିଲେ। ଯାହାକୁ ନେଇ ବାପା ଦୀପକ ଖୁସି ନ ଥିଲେ। ଉଲ୍ଲେଖଯୋଗ୍ୟ, ରାଧିକା ଡବଲ୍ସ ଇଭେଣ୍ଟରେ ପ୍ରତିନିଧିତ୍ୱ କରୁଥିଲେ। ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ମାନ୍ୟତାରେ ସେ ଏକଦା ୧୧୩ତମ ସ୍ଥାନ ହାସଲ କରିଥିଲେ।



ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ

## ଓଡ଼ିଶାରୁ ଭାଗ ନେବେ ୭ ପ୍ରତିଯୋଗୀ

ଭୁବନେଶ୍ୱର,୧୦।୭ (ସମିସ): ବେଙ୍ଗାଲୁରୁର ଶ୍ରୀକାନ୍ତିରାଭା ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଦୁଇଦିନଧରି ୭ମ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ପକ୍ଷରୁ ଘୋଷଣା କରାଯାଇଛି। ଏହି ଆଥ୍‌ଲେଟମାନେ ହେଲେ ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା, ଜାନକି ଓରାମ, ସ୍ୱାଧିନ ମାହାର, କମଳାକାନ୍ତ ନାୟକ, ରଞ୍ଜିତ ଚନ୍ଦ ଓ ପଙ୍କଜ ଭୁଏ। ସମସ୍ତଙ୍କଠାରୁ ପଦକ ଆଶା ରହିଛି ବୋଲି ପିଏସ୍‌ଏଓ ପକ୍ଷରୁ କୁହାଯାଇଛି।



■ ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍

## ୧୩-୦ ଗୋଲ୍‌ରେ ଜିତିଲା ଲାଠିକଟା

ଭୁବନେଶ୍ୱର, ୧୦।୭ (ସମିସ): ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ଖେଳ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଲାଠିକଟା ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ୧୩-୦ ଗୋଲ୍‌ରେ ଏକପାଖିଆ ଭାବେ ସଉନାମୁରାକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଅନ୍ୟ ମ୍ୟାଚ୍‌ରେ ଗୁରୁଣ୍ଡିଆ ଏଚ୍‌ଟିସି ୩-୨ ଗୋଲ୍‌ରେ କୁତ୍ରା ଏଚ୍‌ଟିସିକୁ, ବଡ଼ଗାଁ ଏଚ୍‌ଟିସି ୨-୧ ଗୋଲ୍‌ରେ ଯାଜପୁର ଏଚ୍‌ଟିସିକୁ, ବମ୍ରା ଏଚ୍‌ଟିସି ୬-୧ ଗୋଲ୍‌ରେ ସବଡେଗା ଏଚ୍‌ଟିସିକୁ ହରାଇଛି। ପୁରୁଷରେ ରାଜଗାଙ୍ଗପୁର ଏଚ୍‌ଟିସି ୫-୧ ଗୋଲ୍‌ରେ ସବଡେଗାକୁ, ନୂଆଗାଁ ଏଚ୍‌ଟିସି ୩-୨ ଗୋଲ୍‌ରେ କରଡ଼ାପାଲ୍‌କୁ, କଉରାମୁଣ୍ଡା ଏଚ୍‌ଟିସି ୩-୦ ଗୋଲ୍‌ରେ ଛତ୍ରପୁର ଏଚ୍‌ଟିସିକୁ ହରାଇଛି।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ରୁ ୪୦ ଖେଳାଳି

ଭୁବନେଶ୍ୱର, ୧୦।୭ (ସମିସ):

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଆଗାମୀ ସଂସ୍କରଣ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀର ଏକାଧିକ ସହରରେ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ୍ ୪୦୭ ଜଣ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ଅଫିସିଆଲ୍ ଅଂଶଗ୍ରହଣ କରିବେ। ଯେଉଁଥିରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ଜଣ ଖେଳାଳି ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶାର ଅନ୍ୟ ଦୁଇ ବିଶ୍ୱବିଦ୍ୟାଳୟ ଉତ୍କଳ ଓ ସମ୍ବଲପୁରରୁ ଜଣେ ଲେଖାଏ ଭାଗନେବେ। ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ କିଟ୍‌ରୁ ସର୍ବାଧିକ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ସେହିଭଳି ରାଜ୍ୟ ହିସାବରେ ଦେଖିଲେ ପଞ୍ଜାବ ପରେ ଓଡ଼ିଶା ୨ୟ ସ୍ଥାନରେ ରହିଛି। କିଟ୍ ବ୍ୟତୀତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ୨୮ ଜଣ, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ଜଣ ଆଥ୍‌ଲେଟ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। କିଟ୍‌ର ଏହି ୪୦ଜଣ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଭାଗନେବେ। ଅପରପକ୍ଷରେ ପ୍ରଶିକ୍ଷକ ଭାବେ ଅଲିମ୍ପିଆନ ଅର୍ଜୁନ ବାନାର୍ଜୀ, ସଞ୍ଜୟ ଗଡ଼ନାୟକ (ଦୌଡ଼କୁଦ), ଲୋତକ ବିନ୍ଦୁ ଦାଶ (ଭଲିବଲ୍) ଓ ଟଡ୍ କ୍ଲାର୍କ (ଟେନିସ) ଭାରତୀୟ ଦଳ ସହ ଗସ୍ତ କରିବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଶ୍ରାବଣୀ ନନ୍ଦ, ଦୂତୀ ଚାନ୍ଦ ପ୍ରମୁଖ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499

HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS